୬ ଆଜିଠୁ ଏସିଆ କପ୍ କ୍ରିକେଟ୍ : ଓପନିଂ କରିବେ ଗିଲ୍-ଅଭିଷେକ!



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ-୩୨ ● ସଂଖ୍ୟା-୨୨୨ ● ୯ ସେପ୍ଟେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-222 ● 9th September 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ନେପାଳ ହିଂସାରେ ୨୦ ମୃତ, ସଂସଦରେ ପଶିଲେ ବିକ୍ଷୋଭକାରୀ

**କାଠମାଣ୍ଡୁ, ୮।୯**



ନେପାଳରେ ସୃଷ୍ଟି ହୋଇଥିବା ପୁଲିସ-ଜନତା ହିଂସାରେ ମୃତ୍ୟୁ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ପୁଲିସ ଗୁଳିରେ ସେମାନଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୦ରୁ ଅଧିକ ଆହତ ହୋଇଛନ୍ତି। ସୋମବାର ଅପରାହ୍ନରେ ବିକ୍ଷୋଭକାରୀମାନେ ସଂସଦ ଭିତରକୁ ଧସେଇ ପଶିଥିବା ଜଣାପଡ଼ିଛି। ବହୁ ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ ହେଁ ବିକ୍ଷୋଭକାରୀଙ୍କୁ ଅଟକାଇବାରେ ସେମାନେ ବିଫଳ ହୋଇଛନ୍ତି।

ଲୋକପ୍ରିୟ ସାମାଜିକ ଗଣମାଧ୍ୟମ ୟୁଟ୍ୟୁବ, ଫେସବୁକ, ହ୍ୱାଟ୍ସଆପ, ଇନଷ୍ଟାଗ୍ରାମ ସମେତ ୨୬ଟି ଆପ୍‌କୁ ନେପାଳ ସରକାର ନିଷିଦ୍ଧ ଘୋଷଣା କରିବା ପରେ ଦେଶରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଜେନେରେସନ ଜେଡ୍ ବା ନୂଆପିଢ଼ିର ଯୁବଗୋଷ୍ଠୀ (୧୯୯୫ ପରେ ଜନ୍ମିତ ଯୁବଗୋଷ୍ଠୀ) ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୋମବାର ହଜାର ହଜାର ବିକ୍ଷୋଭକାରୀ ରାଜଧାନୀ କାଠମାଣ୍ଡୁରେ ଏକତ୍ର ହୋଇ ବିକ୍ଷୋଭ କରିଥିଲେ। ସେମାନେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସଂସଦ ଆଡକୁ ମୁହାଇଁଥିଲେ। ଯାହାଫଳରେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଅଟକାଇଥିଲେ। ପୁଲିସ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗିବାରୁ ପୁଲିସକୁ ବାଧ୍ୟ ହୋଇ ଗୁଳି ଚଳାଇବାକୁ ପଡ଼ିଥିଲା। ଯାହାଫଳରେ ୨୦ ଜଣଙ୍କ ପ୍ରାଣହାନୀ ଘଟିଛି। ୧୦୦ରୁ ଅଧିକ ଆହତ ହୋଇଛନ୍ତି। *(ପୃଷ୍ଠା ୭ରେ)*

## ଆଜି ଉପରାଷ୍ଟ୍ରପତି ନିର୍ବାଚନ


### ଏଥର ବିଜୟ ବ୍ୟବଧାନ ଯଥେଷ୍ଟ କମ୍ ରହିବ

**ନୂଆଦିଲ୍ଲୀ, ୮।୯**

ମଙ୍ଗଳବାର ଦେଶରେ ହେବ ଉପ ରାଷ୍ଟ୍ରପତି ନିର୍ବାଚନ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି। ଉଭୟ ଶାସକ ଓ ବିରୋଧୀ ନିଜର ରଣନୀତି ପ୍ରସ୍ତୁତ କରି ସାରିଛନ୍ତି। ମଙ୍ଗଳବାର ହେବାକୁ ଥିବା ଉପ ରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ବିଜୟୀ ହେବା ଏକ ପ୍ରକାରର ନିଶ୍ଚିତ।

ହେଲେ ପୂର୍ବ ନିର୍ବାଚନ ଗୁଡ଼ିକ ଭଳି ଏଥର ବିଜୟ ବ୍ୟବଧାନ ଯଥେଷ୍ଟ କମ ରହିବ ବୋଲି ସ୍ପଷ୍ଟ ହୋଇଛି। ଖାସ ଏହି କାରଣ ପାଇଁ ଏନଡିଏ ପକ୍ଷରୁ ମେଣ୍ଟର ପ୍ରତିଟି ଭୋଟକୁ ଟ୍ରାକ କରାଯାଉଛି। ଗୋଟିଏ ହେଲେ ବି ଭୋଟ ମେଣ୍ଟ ହରାଇବାକୁ ଚାହୁଁନାହିଁ।

ଉପରାଷ୍ଟ୍ରପତିଙ୍କୁ ସଂସଦର ସଦସ୍ୟମାନେ ସିକ୍ରେଟ ବାଲଟ ଦ୍ୱାରା ନିର୍ବାଚିତ କରନ୍ତି। ଏହାର ଅର୍ଥ ସାଂସଦମାନେ ନିଜ ଇଚ୍ଛାରେ ଭୋଟ ଦେଇପାରିବେ। ତଥାପି ଦେଶରେ ହେଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସାଂସଦମାନେ ଦଳ କଥାରେ ଭୋଟ ଦିଅନ୍ତି। *(ପୃଷ୍ଠା ୭ରେ)*



### ବିଜେପି ସାଂସଦଙ୍କ ବୈଠକରେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୮।୯**

ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ସୋମବାର ବିଜେପି ସାଂସଦଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ଏହି ବୈଠକରେ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, *(ପୃଷ୍ଠା ୭ରେ)*

### ମତଦାନରୁ ବିରତ ରହିବ ବିଜେଡ଼ି

**ନୂଆଦିଲ୍ଲୀ, ୮।୯**

ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ମତଦାନରୁ ବିରତ ରହିବ। ସୋମବାର ଏନେଇ ଦଳର ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଜେଡି ଉଭୟ ଏନଡିଏ ଓ ଇଣ୍ଡି ମେଣ୍ଟଠାରୁ ସମଦୂରତା ବଜାୟ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- କିଏଭ୍‌ରେ ଋଷ ଆକ୍ରମଣ ପରେ ଟ୍ରମ୍ପଙ୍କ 'ସେକେଣ୍ଡ-ଷ୍ଟେଜ୍' ପ୍ରତିବନ୍ଧି ସଙ୍କେତ : କ୍ରେମଲିନ୍ ପ୍ରତିକ୍ରିୟା।
- ବ୍ରିଟେନରେ ଆଞ୍ଜେଲା ରେନରଙ୍କ ପଦତ୍ୟାଗରେ ସରକାରୀ ସଙ୍କଟ : ଫ୍ରାନ୍ସରେ ପ୍ରଧାନମନ୍ତ୍ରୀ ବାୟରୋଙ୍କୁ ଚାପ।
- ଲଣ୍ଡନରେ 'ଫାଇଭ୍ ଆଇଜ୍' ଦେଶର ମନ୍ତ୍ରୀମଣ୍ଡଳୀ ସଭା: ସୀମା ସୁରକ୍ଷା ଓ ଅବୈଧ ପ୍ରବାସୀ ରୋକିବା ପାଇଁ ଆଲୋଚନା।
- ଜମ୍ମୁ-କଶ୍ମୀର କୁଲଗାମରେ 'ଅପରେସନ୍ ଗୁଦ୍ଦର' ସମୟରେ ସୁରକ୍ଷା ବାହିନୀ ସହ ଆତଙ୍କବାଦୀଙ୍କ ଗୁଳି ବିନିମୟ।
- ପ୍ରଧାନମନ୍ତ୍ରୀ ଆଜି ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ
- ରାଜ୍ୟ ସରକାରଙ୍କ ସତର୍କବାଣୀ : ଅନଧିକୃତ ଯାତ୍ରା କଲେ ଓଏଏସ ଏବଂ ଓଆରଏସ ଅଧିକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ
- ଏସିଆ କପ୍ ୨୦୨୫ ସେପ୍ଟେମ୍ବର ୧୪ରେ ଭାରତ–ପାକିସ୍ତାନ ମ୍ୟାଚ୍ : ବିସିସିଆଇ ନିଶ୍ଚିତ କଲା।

## ବାଣୀବିହାରରୁ ବିଦା ହେଲେ ଅଣ ଛାତ୍ର : ୩ ନମ୍ବର ହଷ୍ଟେଲ ସମ୍ପୂର୍ଣ୍ଣ ସିଲ୍

**ଭୁବନେଶ୍ୱର, ୮।୯**
**ନ୍ୟୁଜ୍ ବ୍ୟୁରୋ**

ଆଜ୍ଜନ ମୋଡ଼ରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର କର୍ତ୍ତୃପକ୍ଷ। କମିଶନରେଟ୍ ପୋଲିସ୍ ସହଯୋଗରେ ବାଣୀବିହାର କ୍ୟାମ୍ପସରୁ ଅଣଛାତ୍ରଙ୍କୁ ହଟାଇ ୩ ନମ୍ବର ହଷ୍ଟେଲକୁ ସୋମବାର ସମ୍ପୂର୍ଣ୍ଣ ସିଲ୍ କରାଯାଇଛି। ହଷ୍ଟେଲର ମରାମତି ପରେ ଛାତ୍ରଙ୍କୁ ରୁମ୍ ଆଲଟମେଣ୍ଟ କରାଯିବ ବୋଲି ବାଣୀବିହାର କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି।

ଏପରିକି ୨ ନମ୍ବର ହଷ୍ଟେଲର ୨୫ ରୁମ ଏବଂ ୧ ନମ୍ବର ହଷ୍ଟେଲର ୧୯ ରୁମ ସିଲ୍ କରାଯାଇଛି। ସେହିପରି ୧ ନମ୍ବର ହଷ୍ଟେଲ ପାଖରେ ଥିବା କ୍ୟାଣ୍ଟିନକୁ ମଧ୍ୟ ସିଲ୍ କରାଯାଇଥିବା ଜଣାପଡିଛି। ଏଣିକି କମିଶନରେଟ୍ ପୋଲିସ ହଷ୍ଟେଲ ଜଗିବେ। ବାଣୀବିହାର କ୍ୟାମ୍ପସକୁ ଆଇକାର୍ଡ ଦେଖାଇ ଛାତ୍ରଛାତ୍ରୀମାନେ ଭିତରକୁ ପ୍ରବେଶ





କରିପାରିବେ ବୋଲି ଜଣାପଡିଛି।

ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର କ୍ୟାମ୍ପସରୁ ଅଣଛାତ୍ରଙ୍କୁ ହଟାଇବା ପାଇଁ ଅନେକ ଦିନରୁ ଦାବି ହୋଇଆସୁଥିଲା। ଶେଷରେ କର୍ତ୍ତୃପକ୍ଷ ପୋଲିସ୍ ସହାୟତାରେ ଏ ଦିଗରେ କଡା ପଦକ୍ଷେପ ଗ୍ରହଣ କରିଛନ୍ତି। ଛାତ୍ରାବାସଗୁଡିକରେ ସୋମବାର କମିଶନରେଟ ପୋଲିସ ପକ୍ଷରୁ ବଡ଼ ଧରଣର ଚଢାଉ କରାଯାଇଥିଲା। ଚଢାଉ ବେଳେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଅଣଛାତ୍ରଙ୍କ କବଜାରେ ଥିବା ରୁମ୍‌ଗୁଡିକର ତାଲା ଭାଙ୍ଗି ସିଲ୍ କରାଯାଇଥିଲା। ଏନେଇ ୟୁନିଭର୍ସିଟି କ୍ୟାମ୍ପସ ଭିତରେ ଏକକାଳୀନ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ୫ଜଣ ଏସିପି, ୪ଜଣ ଆଇଆଇସି ଏବଂ ୧୩ ଏସ୍ଆଇ ଅଧିକାରୀଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା।

ଅନ୍ୟପକ୍ଷରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବାଣୀବିହାର ଛାଡିବାକୁ ଅଣଛାତ୍ରଙ୍କୁ ଅପିଲ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଦୀର୍ଘ ଦିନ ଧରି ଦାବି ହୋଇଆସୁଥିଲା ବାଣୀବିହାର କ୍ୟାମ୍ପସରୁ *(ପୃଷ୍ଠା ୭ରେ)*

## ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ

**ଭୁବନେଶ୍ୱର, ୮।୯**
**ନ୍ୟୁଜ୍ ବ୍ୟୁରୋ**

ନୂଆପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ହୋଇଛି। ୬୯ ବର୍ଷ ବୟସରେ ଚେନ୍ନାଇରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ଦେହାନ୍ତ ହୋଇଥିବା ସୂଚନା ମିଳିଛି । ହୃଦଘାତର ଶିକାର ହୋଇ ଚେନ୍ନାଇରେ ଚିକିତ୍ସିତ ହେଉଥିଲେ । ତେବେ ବର୍ତ୍ତମାନ ତାଙ୍କ ପାର୍ଥୀବ ଶରୀରକୁ ଚେନ୍ନାଇରୁ ଓଡ଼ିଶାକୁ ଅଣାଯାଉଛି । ନୂଆପଡା ଆସନରୁ ୪ଥର ବିଧାୟକ ହୋଇଥିଲେ ରାଜେନ୍ଦ୍ର ଢୋଲକିଆ । ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

୧୯୫୬ ମସିହା ୨୦ ନଭେମ୍ବରରେ ଖରିଆରରେ ଜନ୍ମଗ୍ରହଣ କରିଥିଲେ ରାଜେନ୍ଦ୍ର



ଢୋଲକିଆ । ପିଲାଟି ଦିନରୁ ଲୋକଙ୍କ ହିତ ପାଇଁ କାମ କରିବାକୁ ବେଶ ରୁଚି ରଖିଥିଲେ। ଅବିଭକ୍ତ କଳାହାଣ୍ଡି ଜିଲାରୁ ୧୯୯୩ ମସିହାରେ ନୂଆ କରି ଜିଲ୍ଲା ହୋଇଥିଲା ନୂଆପଡା । ନୂଆପଡାକୁ ତାର ହକ୍ ଦେବା ପାଇଁ ଯେତେବେଳେ ଲଢେଇ ହେଉଥାଏ ଠିକ୍ ସେତିକି ବେଳେ ରାଜୁ ଭାଇ ଭାବେ ପରିଚିତ ଥିବା ରାଜେନ୍ଦ୍ର ଢୋଲକିଆ ଜିଲ୍ଲାବାସୀଙ୍କ ସେବା କରିବାକୁ ଆଗେଇ ଆସିଥିଲେ । ଲୋକଙ୍କ ସେବା ପାଇଁ ନିଜକୁ ନିୟୋଜିତ କରି ଦେଇଥିବା ରାଜେନ୍ଦ୍ର ଢୋଲକିଆ ନୂଆପଡା ଚେୟାରମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। କିଛି ବର୍ଷରେ ହିଁ ନୂଆପଡାର ରୂପରେଖ ବଦଳାଇଥିଲେ ସେ । ବିକାଶ ମୂଳକ କାର୍ଯ୍ୟ କରିଥିବାରୁ ୨୦୦୪ରେ ସ୍ୱାଧୀନରେ ପ୍ରାର୍ଥୀ ହୋଇ ପ୍ରଥମ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଆଉ ତା'ପରେ ରାଜୁ ଭାଇ ପଛକୁ ଫେରି ଚାହିଁନାହାଁନ୍ତି ।

୨୦୦୯ ଓ ୨୦୧୯ ଦୁଇ ଦୁଇ ଥର ନବୀନ ପଟ୍ଟନାୟକଙ୍କ ସମର୍ଥନରେ ବିଜେଡିରୁ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ । ନିଜର କାର୍ଯ୍ୟକାଳରେ ସେ ଏହି ନିର୍ବାଚନମଣ୍ଡଳୀ ପାଇଁ ଯାହା କରିଛନ୍ତି ତାହାକୁ କେହି କେବେ ଭୁଲିବେ ନାହିଁ । ଗାଁରେ ପକ୍କା ରାସ୍ତା, ନଦୀରେ ବ୍ରିଜ୍ *(ପୃଷ୍ଠା ୭ରେ)*

## ଟିକ୍‌ଟକ୍ ଉପରେ ଲାଗୁ ବ୍ୟାନ ହଟାଇବାର କୌଣସି ଯୋଜନା ନାହିଁ

**ନୂଆଦିଲ୍ଲୀ, ୮।୯**

ଭାରତ ସରକାର ଚାଇନାର ସର୍ଟ-ଭିଡିଓ ପ୍ଲାଟଫର୍ମ ଟିକ୍‌ଟକ୍ ଉପରେ ଲାଗୁ ବ୍ୟାନ ହଟାଇବାର କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ରୀୟ ଆଇଟି, ସୂଚନା ଓ ପ୍ରସାରଣ ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ପଷ୍ଟ କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଏହି ବିଷୟରେ ସରକାର କୌଣସି ଆଲୋଚନା କରିନାହାନ୍ତି। ଟିକ୍‌ଟକର ମୂଳ କମ୍ପାନୀ ବାଇଟଡାନ୍ସ ଭାରତରେ ପୁନଃପ୍ରବେଶ ପାଇଁ ପ୍ରସ୍ତୁତି କରୁଛି ବୋଲି ଚାଲିଥିବା କଳ୍ପନାଜଳ୍ପନାକୁ ଖଣ୍ଡନ କରି ବୈଷ୍ଣବ



କହିଛନ୍ତି, "କୌଣସି ପକ୍ଷରୁ ଏପରି କୌଣସି ପ୍ରସ୍ତାବ ଆସିନାହିଁ।"

ଗତ ମାସରେ ଟିକ୍‌ଟକ୍‌ର ୱେବସାଇଟ୍ ଭାରତରେ ଏୟାରଟେଲ *(ପୃଷ୍ଠା ୭ରେ)*

## ଏସଆଇଆରକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ : ଆଧାର ହେବ 'ଦ୍ୱାଦଶ କାଗଜପତ୍ର'

**ନୂଆଦିଲ୍ଲୀ, ୮।୯**

ବିହାରରେ ସ୍ୱତନ୍ତ୍ର ପୁଙ୍ଖାନୁପୁଙ୍ଖ ପୁନଃନିରୀକ୍ଷଣ(ଏସଆଇଆର) ଲାଗୁ ସମ୍ପର୍କିତ ମାମଲାରେ ସୁପ୍ରିମକୋର୍ଟ ସୋମବାର ବଡ଼ ରାୟ ଦେଇଛନ୍ତି। ଏସଆଇଆର କାର୍ଯ୍ୟକାରୀ କ୍ଷେତ୍ରରେ ନାଗରିକଙ୍କ ପରିଚୟପତ୍ର ଯାଞ୍ଚ ଲାଗି ଆଧାର କାର୍ଡକୁ 'ଦ୍ୱାଦଶ କାଗଜପତ୍ର' ରୂପେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମତଦାତା ସୂଚୀରେ କୌଣସି ମତଦାତାଙ୍କୁ ସାମିଲ ଅଥବା ବହିଷ୍କାର କରିବା ଲାଗି କୌଣସି ବ୍ୟକ୍ତିଙ୍କ ପରିଚୟ ସ୍ଥିର କରିବା ପାଇଁ ଆଧାର କାର୍ଡକୁ ଧ୍ୟାନରେ ରଖାଯିବ ବୋଲି ସର୍ବୋଚ୍ଚ ଅଦାଲତ



ସ୍ପଷ୍ଟ କରିଛନ୍ତି।

ଶୁଣାଣି ସମୟରେ ନିର୍ବାଚନ ଆୟୋଗ କହିଥିଲେ ଯେ, ୭ କୋଟି ୨୪ ଲକ୍ଷ ମତଦାତାଙ୍କ ମଧ୍ୟରୁ ୯୯.୬ ପ୍ରତିଶତ ପୂର୍ବରୁ କାଗଜପତ୍ର ଜମା କରିସାରିଛନ୍ତି। ପୂର୍ବ ଆଦେଶରେ ୬୫ ଲକ୍ଷ ଲୋକଙ୍କ ପାଇଁ ଆଧାର କାର୍ଡକୁ ପରିଚୟପତ୍ର ଭାବେ ଗ୍ରହଣ କରିବାକୁ ଅନୁମତି ଦିଆଯାଇଥିଲା।

ସୋମବାର ଶୁଣାଣିରେ ସୁପ୍ରିମକୋର୍ଟ କହିଛନ୍ତି, ନାଗରିକଙ୍କ ପରିଚୟ ଯାଞ୍ଚ ଲାଗି ନିର୍ବାଚନ ଆୟୋଗ ଧାର୍ଯ୍ୟ କରିଥିବା ୧୧ କାଗଜପତ୍ର ସହିତ ଆଧାର କାର୍ଡକୁ ବି ଅନ୍ତର୍ଭୁକ୍ତ କରାଯାଉ। ଏହା ଦ୍ୱାଦଶ କାଗଜପତ୍ର ଭାବେ ଗ୍ରହଣ କରାଯିବ। ନିର୍ବାଚନ ଆୟୋଗ ଆଧାରକୁ ଯାଞ୍ଚ କରିପାରିବେ। ଏହା ଠିକ୍ କିମ୍ବା ଜାଲ୍ ତାହା ପରଖି ପାରିବେ। ତେବେ ଆଧାର କେବଳ ବାସିନ୍ଦାଙ୍କ ପରିଚୟ, ଏହା କୌଣସି ବ୍ୟକ୍ତିର ନାଗରିକତା ସ୍ଥିର କରିପାରିବ ନାହିଁ ବୋଲି ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି। *(ପୃଷ୍ଠା ୭ରେ)*

## ଜେରୁଜେଲମରେ ଆଖିବୁଜା ଗୁଳି ମାଡ଼ରେ ୭ ମୃତ

**ଜେରୁଜେଲମ, ୮।୯**

ରାମୋଟ ଜଙ୍କସନ ନିକଟ ଗୋଟିଏ ଜନଗହଳିପୂର୍ଣ୍ଣ ବସ୍‌ଷ୍ଟାଣ୍ଡ ନିକଟରେ ୨ ଜଣ ଯୁବକ ହଠାତ୍ ପହଞ୍ଚି ଗୁଳିମାଡ଼ କରିଥିଲେ। ଗୁଳି ମାଡ଼ ଯୋଗୁ ଘଟଣାସ୍ଥଳରେ ୪ ଜଣ ଓ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ଆଖି ବୁଜିଛନ୍ତି। ଇସ୍ରାଏଲର ରାଜଧାନୀ ଜେରୁଜେଲମ ଉପକଣ୍ଠ ରାମୋଟ ଜଙ୍କସନରେ ଆଖିବୁଜା ଗୁଳିମାଡ଼ ହୋଇଛି। ଇସ୍ରାଏଲ ପକ୍ଷରୁ ଏହାକୁ ଆତଙ୍କବାଦୀ ହମଲା ଭାବେ ଅଭିହିତ କରାଯାଇଥିବା ବେଳେ ଏଥିରେ ୭ ଜଣଙ୍କ ଜୀବନ ଯାଇଛି। ସେହିପରି ୧୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଆକ୍ରମଣକାରୀ ମଧ୍ୟ ରହିଛନ୍ତି।

### ସୁନା ଦର

୨୪ କ୍ୟାରଟ ସୁନା – ପ୍ରତି ଗ୍ରାମ ୧୦,୮୩୮ (-୧୧)
୨୨ କ୍ୟାରଟ ସୁନା – ପ୍ରତି ଗ୍ରାମ ୯,୯୩୫ (-୧୦)
୧୮ କ୍ୟାରଟ ସୁନା – ପ୍ରତି ଗ୍ରାମ ୮,୧୨୯ (-୮)

### ରୌପ୍ୟ ଦର

ରୌପ୍ୟ – ପ୍ରତି ଗ୍ରାମ ୧୩୭ (-୧)

### ଏକାଳ ପଖାଳ




ପୁଳାପୁଳା ବ୍ରାଉନ୍‌ସୁଗାର
ଜବତ ହୁଅଇ ଭାଇ
ରାଇଜସାରା ନିଶାରେ ଚୁର
ସୋରିଷକୁ ଜାଗା ନାହିଁ
କଣ ହେବହେ ସାଇଁ
ଅପରାଧୀ ବଢି ଚାଲନ୍ତି ରାଇଜେ
ଜଳକା ରହନ୍ତି ଚାହିଁ ।

## ପାର୍ବଣ ଋତୁରେ ସହରାଞ୍ଚଳରେ ଖର୍ଚ୍ଚ ହେବ ୨.୧୯ ଲକ୍ଷ କୋଟି



**ନୂଆଦିଲ୍ଲୀ, ୮।୯**

ଆସନ୍ତା ପାର୍ବଣ ଋତୁରେ ସହରାଞ୍ଚଳ ଭାରତରେ ପ୍ରାୟ ୨.୧୯ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଲୋକାଲସର୍କଲ୍ସର ଏକ ରିପୋର୍ଟ ପ୍ରକାଶ କରିଛି। ନିକଟରେ ଘୋଷଣା ହୋଇଥିବା ଜିଏସଟି ହାର ହ୍ରାସ ଯୋଗୁ ଆବଶ୍ୟକ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଓ ଅଟୋମୋବାଇଲ ଉପରେ ଟିକସ କମିଛି, ଯାହା ଗ୍ରାହକଙ୍କ ଖର୍ଚ୍ଚ ବୃଦ୍ଧି ପାଇଁ ଉତ୍ସାହ ଯୋଗାଇଛି।

୩୧୯ଟି ଜିଲ୍ଲାରୁ ୪୪,୦୦୦ରୁ ଅଧିକ ସହରୀ ପରିବାରର ୨ ଲକ୍ଷରୁ ଅଧିକ ପ୍ରତିକ୍ରିୟା ଉପରେ ଆଧାରିତ ଏହି ସର୍ଭେ ଅନୁଯାୟୀ, ୩୭% ପରିବାର ଘର ଉନ୍ନତି ପାଇଁ ଫର୍ଣ୍ଣିଚର, ଆପ୍ଲାୟାନ୍ସ ଓ ଡେକୋର ଉପରେ ଖର୍ଚ୍ଚ କରିବେ। ୨୪% ଲୋକ ପୋଷାକ ଓ ଚପଲ ଏବଂ ଅନ୍ୟମାନେ ସ୍ମାର୍ଟଫୋନ ଓ ହୋମ ଏଣ୍ଟରଟେନମେଣ୍ଟ ସିଷ୍ଟମ ଭଳି ଇଲେକ୍ଟ୍ରୋନିକ୍ସ କିଣିବାକୁ ପସନ୍ଦ କରିଛନ୍ତି।

ଟିୟର-୧ ଓ ମେଟ୍ରୋ ସହରଗୁଡ଼ିକ ସର୍ବାଧିକ ଖର୍ଚ୍ଚ କରିବେ, ଯେତେବେଳେ ଟିୟର-୨ ଓ ୩ ସହରରେ ମଧ୍ୟ ଖର୍ଚ୍ଚ ବୃଦ୍ଧି ଦେଖାଯାଉଛି। ୫୯% ଗ୍ରାହକ ଡିଜିଟାଲ ପେମେଣ୍ଟ ଯେପରି ୟୁପିଆଇ ଓ କ୍ରେଡିଟ କାର୍ଡ ବ୍ୟବହାର କରିବେ, *(ପୃଷ୍ଠା ୭ରେ)*




(ଦୁଇଟି ଭଙ୍ଗା ହୃଦୟର କାହାଣୀ )

*ସୌଜନ୍ୟ : ସୋସିଆଲ ମିଡିଆ*





# ବାଉଁଶଦଣ୍ଡା ଛକ ରାସ୍ତା ପାଲଟିଛି ମରଣଯନ୍ତା

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଠଗଡ଼-ମୁଣ୍ଡଳି ରାସ୍ତାର ବାଉଁଶଦଣ୍ଡା ଛକ ନିକଟ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଛକର ପଶ୍ଚିମ ପାର୍ଶ୍ୱ ରାସ୍ତା ଆଠଗଡ଼ ପଟକୁ ଆସିଥିବାବେଳେ ପୂର୍ବ ପାର୍ଶ୍ୱ ରାସ୍ତା ସର୍ପେଶ୍ୱର ମନ୍ଦିର ଦେଇ କଖଡ଼ି ପର୍ଯ୍ୟନ୍ତ ରହିଛି । ଲୋକଙ୍କ ବ୍ୟକ୍ତିଗତ ଜମି ରହିଥିବା ଏବଂ ଅଧିଗ୍ରହଣ ସମସ୍ୟା ଯୋଗୁଁ ଛକର ପଶ୍ଚିମ ପାର୍ଶ୍ୱ ରାସ୍ତା ଦୀର୍ଘ ବର୍ଷେ ହେବ ଅଧାପନ୍ତରିଆ ହୋଇ ପଡ଼ିଥିଲା । ତେବେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଲୋକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ବୁଝାସୁଝା କରିବା ପରେ ପଶ୍ଚିମ ପାର୍ଶ୍ୱ ରାସ୍ତା କାମ ସମ୍ପୂର୍ଣ୍ଣ କରାଯାଇଥିଲା । ତେବେ ଅନୁରୂପ ସମସ୍ୟା ଯୋଗୁଁ ପୂର୍ବ ପାର୍ଶ୍ୱ ରାସ୍ତା ନିର୍ମାଣ ହୋଇପାରୁନି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଜିଲ୍ଲାପାଳଙ୍କୁ ଅବଗତ କରିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ କାର୍ଯ୍ୟାଳୟ ଅଧିକାରୀମାନେ ଆସି ଉକ୍ତ ସ୍ଥାନରେ ସରଜମିନ ଅନୁଧ୍ୟାନ କରିଥିଲେ । ସେମାନଙ୍କ ପରାମର୍ଶ ଅନୁଯାୟୀ ଲୋକଙ୍କ ବ୍ୟକ୍ତିଗତ ଜମି ଅଧିଗ୍ରହଣ



ଲାଗି ପୂର୍ତ୍ତ ବିଭାଗ ପକ୍ଷରୁ ଆବଶ୍ୟକୀୟ କାଗଜପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଛି । ପ୍ରାୟ ଦୁଇମାସ ହେଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏସବୁ କାଗଜପତ୍ର ପଡ଼ି ରହିଥିଲେ ମଧ୍ୟ ତା' ଉପରେ ଏ ପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇନାହିଁ । ଫଳରେ ଛକର ପୂର୍ବ ପାର୍ଶ୍ୱ ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ବାଉଁଶଦଣ୍ଡା ପୂର୍ବ ପାର୍ଶ୍ୱ ରାସ୍ତାରେ ପ୍ରତିଦିନ ବିଭିନ୍ନ କାରଖାନାର ବଡ଼ ବଡ଼ ମାଲ୍ ବୋଝେଇ ଟ୍ରକ୍ ବହୁ ସଂଖ୍ୟାରେ ଯିବାଆସିବା କରୁଛି । ଫଳରେ ଉକ୍ତ ସ୍ଥାନରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇ ତାହା ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟି ଯାଇଛି । ଖାଲରେ ବର୍ଷାଜଳ ଭରି ରହୁଥିବାରୁ ଗଭୀରତା ଜାଣିନପାରି ଯିବାଆସିବା କରୁଥିବା ବାଇକ୍ ଆଦି ନିୟମିତ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆରୋହୀ ଆହତ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି । ବାଉଁଶଦଣ୍ଡା ଛକ ନିକଟରେ କଖଡ଼ି ପଟକୁ ଯାଇଥିବା ରାସ୍ତାର ପ୍ରାୟ ୧୦୦ ମିଟର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଆଠଗଡ଼-ମୁଣ୍ଡଳି ରାସ୍ତା ନବୀକରଣ କରୁଥିବା କାଳିକା ଷ୍ଟୋନ୍ କ୍ରସର ନାମକ ଠିକାସଂସ୍ଥା ଉକ୍ତ କାମ କରିବା କଥା । ତେବେ ଜମି ଅଧିଗ୍ରହଣ ସମସ୍ୟା ଏହି ରାସ୍ତା କାମରେ ବାଧକ ସାଜିଛି ବୋଲି ଆଠଗଡ଼ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ସାହୁ କହିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ମାତ୍ରେ ବାଉଁଶଦଣ୍ଡା ଛକ ନିକଟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସାହୁ ପ୍ରକାଶ କରିଛନ୍ତି । ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏ ସମସ୍ୟା ସମାଧାନ ଦିଗରେ ଜିଲ୍ଲାପାଳ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

# କେନାଲ ଭାଙ୍ଗି ଯିବାରୁ ଚାଷୀ ହତାଶ

**କଲ୍ୟାଣସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣୀପଙ୍ଗା ପଞ୍ଚାୟତ ହାତୀମୁଣ୍ଡ ଗାଁର ପାଣି ପଞ୍ଚାୟତ-୧ ନମ୍ବର ମୁଖ୍ୟ କେନାଲ ଆରଡ଼ି-୪୩୦୦ ଅଣ୍ଡର ଟନେଲରେ ଥିବା ଛାତ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଥିବା ହେତୁ ପାଣି ଯାଉଥିବା ମୁଖ୍ୟ କେନାଲ ଚାଷ ଜମିକୁ ଜଳ ସେଚିତ ହେଇ ପାରୁନାହିଁ । ଯାହା ଫଳରେ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ହାତୀମୁଣ୍ଡା ଏମଆଇରେ ତିନୋଟି ପାଣି ପଞ୍ଚାୟତ ରହିଥିବା ବେଳେ ୧୬ ହେକ୍ଟର ଜମି ରହିଅଛି । ଯେଉଁଠିକି କଲ୍ୟାଣସିଂହ ପୁର ବ୍ଲକର ଭାତ ହାଣ୍ଡି କୁହାଯାଉଥିବା ବେଳେ ପାଣି ପଞ୍ଚାୟତ ୧ ନମ୍ବରର ଚାଷୀମାନେ ବାରମ୍ବାର ଅଭିଯୋଗ କଲା ପରେ ବିଭାଗ ପକ୍ଷରୁ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଲା ପରେ ପାଣି ପଞ୍ଚାୟତ ତରଫରୁ ଭାଙ୍ଗି ଯାଇଥିବା



କେନାଲ ହିଡ଼ରେ ବାଲି ବସ୍ତା ଦେଇ ଚାଷ ଜମିକୁ ଜଳ ସଚିତ କରିବା ଦେଖିବା ମିଳିଛି । ପୂର୍ବରୁ ମୁଖ୍ୟ କେନାଲ ୧୮ ଫୁଟ ଥିବା ବେଳେ ଭାଙ୍ଗି ଯିବା ହେତୁ ବର୍ତ୍ତମାନ ୫ ଫୁଟରେ ପାଣି ଯାଉଥିବା ବେଳେ କିଛି ଜମିକୁ ଜଳ ସେଚିତ ହେଉଥିବା ବେଳେ ଆଉ କିଛି ଜମିକୁ ଜଳ ସେଚିତ ହେଇ ପାରୁ ନାହିଁ । ଯଦି ପ୍ରବଳ ବର୍ଷା ହୁଏ ହିଡ଼ରେ ଦେଇଥିବା ବାଲି ବସ୍ତାଗୁଡିକ ସମ୍ପୂର୍ଣ୍ଣ ଧୋଇ ହୋଇଗଲେ ଚାଷ ହୋଇଥିବା ଧାନ ଜମି ଗୁଡିକ ମରୁଡି ହୋଇଯିବ ବୋଲି ପାଣି ପଞ୍ଚାୟତ ସଭାପତି କାରଗାମ ନାରସିଙ୍ଗୁଲୁ, ସମ୍ପାଦକ ରବି ନାୟର, ବସନ୍ତ କୁନାକା, କଞ୍ଜାକା ରାଇମାଣୀ, ବଗି କୁନାକା, ଚଇତି ହିକକା, ପ୍ରସ୍କା ରାମରାଓ, ପ୍ରମୁଖ ଚାଷୀମାନେ ଅଭିଯୋଗ କରିଥିବା ବେଳେ ଭାଙ୍ଗି ଯାଇଥିବା କେନାଲ ଗୁଡ଼ିକ ନୂତନ ନିର୍ମାଣ କଲେ ଚାଷୀ ଉପକୃତ ହେବେ ବୋଲି ଦାବି କରିଛନ୍ତି ।

## ରମ୍ଭାରେ ସାରର କୃତ୍ରିମ ଅଭାବ : ଚାଷୀ ହନ୍ତସନ୍ତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକର ରମ୍ଭା ସମେତ ଅଞ୍ଚଳର ବୁରୁଡ଼ି, ମଧୁରୁ ଚୁଆ, ଝରେଡ଼ି ଓ ରମ୍ଭା ସମବାୟ ସମିତିରେ ଥିବା କୃଷକ ଚାଷୀମାନେ ସାର ପିଡ଼ିଆ ପାଇପାରୁ ନାହାନ୍ତି । ବର୍ତ୍ତମାନ ଧାନ ଗଛ ଛନଛନିଆ ଥିବା ବେଳେ ସଠିକ ସମୟରେ ସାର ପିଡ଼ିଆ ମିଳୁନାହିଁ ଫଳରେ ଚିନ୍ତାରେ ଚାଷୀ କୂଳ ରହିଛନ୍ତି । ଗଞ୍ଜାମ ବ୍ଲକରେ ଦୁଇ, ତିନୋଟି ସମବାୟ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ସମିତିକୁ ଏପର୍ଯ୍ୟନ୍ତ ସାର ପିଡ଼ିଆ ଆସିନାହିଁ ବୋଲି କୁହାକୁହି ହେଉଛନ୍ତି । ପ୍ରତି ସମବାୟ ସମିତିକୁ ୨ଟି ଗାଡ଼ି ନିହାତି ସାର ପିଡ଼ିଆ ଆବଶ୍ୟକତା ରହୁଥିବା ବୋଲି ଚାଷୀମାନେ ଜଣାଉଥିଲେ ସେଥିପାଇଁ ପ୍ରଶାସନକୁ ନିଘା ନ ଥିବା ଜଣାଯାଇଛି । ସାର ସପ୍ଲାଇ ନ କରି ଇନକ୍ୱାରି ଆସୁଥିବା କୁହାକୁହି ହେଉଛନ୍ତି । ପ୍ରଶାସନର ଏ କି ଅଜବ ପ୍ରଥା ଅତି ଶୀଘ୍ର ସାର ପିଡ଼ିଆ ଯୋଗାଇଦେଲେ ଠିକ୍ ସମୟରେ ଧାନରେ ପକାଇବାକୁ ସହାୟକ ହେବେ ଓ ଭଲ ଅମଳ ହୋଇପାରିବ ବୋଲି ଚାଷୀମାନେ କୁହାକୁହି ହେଉଛନ୍ତି । ଉପରୋକ୍ତ ସମସ୍ୟାକୁ ନେଇ ବିଭାଗୀୟ ଅଫିସରଙ୍କୁ ଦୃଷ୍ଟି ଗୋଚର କରିବାରେ ବିଫଳ ହୋଇଛୁ ।


## କୋର୍ଟ ରାସ୍ତା ଚଉଡ଼ା କରିବା ପାଇଁ ଓକିଲ ସଂଘର ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଓକିଲ ସଂଘ ତରଫରୁ କୋର୍ଟର ମୁଖ୍ୟ ରାସ୍ତାକୁ ପ୍ରଶସ୍ତିକରଣ ତଥା ଚଉଡା କରିବା ପାଇଁ ଓକିଲ ସଂଘର ସଭାପତି ଗୋବର୍ଦ୍ଧନ ରାଉତ ଏବଂ ସଂପାଦକ ନୃସିଂହ ଚରଣ ରାଉତ ଦାବି କରିଛନ୍ତି । ଏହି ଦାବିପତ୍ର ରେ ସଭାପତି ଶ୍ରୀ ରାଉତ କୋର୍ଟର ମୁଖ୍ୟ ରାସ୍ତାଟି ଅଣ ଓସାରିଆ ଥିବାରୁ ତତ୍କାଳୀନ ଜିଲ୍ଲପାଳ ଜଳ ସେଚନ ବିଭାଗ ସହିତ ଆଲେଚନା କରି ରସ୍ତା ଚଉଡା କରିବା ପାଇଁ ପ୍ରାୟ ୧୦ ଫୁଟ ଯାଗା ନେଇଛନ୍ତି । କେନ୍ଦ୍ରାପଡ଼ା ପୌରସଂସ୍ଥା ଏହି ରାସ୍ତାକୁ ଚଉଡ଼ା କରିବା ପାଇଁ ପ୍ରତିଶୃତି ଦେଇଥିଲେ ମଧ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ଏ ପର୍ଯ୍ୟନ୍ତ ରାସ୍ତାଟି ଚଉଡ଼ା ନ ହେବାରୁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖା ଦେଉଛି । ଏଥି ସହିତ ଜରୁକାଳୀନ ଗାଡ଼ି ଆମ୍ବୁଲାନ୍ସ, ଦମ୍‌କଳ, ସ୍କୁଲ ବସ୍ ଏବଂ କୋର୍ଟକୁ ଆସୁଥିବା ଓ ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ରାସ୍ତା ଚଉଡ଼ା କରିବା ପାଇଁ ସଭାପତି ଓ ସଂପାଦକ ଜିଲ୍ଲପାଳ ଓ ପୌର ଅଧକ୍ଷାଙ୍କ ନିକଟରେ ଦାବି କରିଛନ୍ତି ।

## ପାନପାଲି ରାସ୍ତା ମରଣ ଯନ୍ତା: ଯାତାୟାତ ଠପ୍



**ଲଇକେରା, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ଲଇକେରା ତେଲେନ ନଦୀ ବ୍ରିଜ୍ ନିକଟରୁ ପାନପାଲି କାଳୀଛକ ପର୍ଯ୍ୟନ୍ତ ରାସ୍ତା ପାଲଟିଛି ମରଣ ଯନ୍ତା । ରାସ୍ତା ମଝିରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ଥିବାରୁ ବର୍ତ୍ତମାନ ଚାରି ଚକିଆ ଯାନ ଯିବାଆସିବା ସମ୍ଭବ ହେଉ ନାହିଁ । ବିଳମ୍ବିତ ରାତିରେ ଏକ ୧୦୮ ଆମ୍ବୁଲାନ୍ସ ଉକ୍ତ ଗାତରେ ପଶିଯିବାରୁ ବାହାରି ପାରି ନ ଥିଲା । ଦମକଳ ବାହାନି ପହଁଞ୍ଚି ବହୁଚେଷ୍ଟା କରିବା ପରେ ଗାତରୁ ବାହାରିଥିଲା ଆମ୍ବୁଲାନ୍ସ । ଏହି ରାସ୍ତାର ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା କାର୍ଯ୍ୟ ଦୁଇ ବର୍ଷ ନ ଯାଉଣୁ ରାସ୍ତାରେ ଗର୍ତ୍ତ ମାନ ସୃଷ୍ଟି ହୋଇଛି । ଆରଡି ବିଭାଗର ଯନ୍ତ୍ରୀ ଖଗେଶ୍ୱର ମେହେର କହିଛନ୍ତି ଦିନେ କି ଦୁଇ ଦିନ ଭିତରେ ମରାମତି ହୋଇଯିବ । ପାନପାଲି ଗ୍ରାମର ଯୋଗେଶ୍ୱର ଦିହିରିଆ, ପ୍ରୀତିରଞ୍ଜନ ବୁଢ଼ା, ମୁକୁନ୍ଦ ବେଶନ, ଯଶକେତନ ସିଂ, ଆଲୋକ ସିଂ, ଜୟରାମ ଜୟପୁରିଆ କହିଛନ୍ତି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କର ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା ମରାମତି ହେବାର କିଛି ବର୍ଷ ନ ଯାଉଣୁ ପୁଣି ରାସ୍ତା ଖରାପ ହୋଇଯାଉଛି । ଏହି ରାସ୍ତା ନିର୍ମାଣରେ ଦୁର୍ନୀତିକୁ ନେଇ ଭିଜିଲାନ୍ସ ତଦନ୍ତ ହେବା ଜରୁରୀ । ଜିଲ୍ଲାପାଳ ଏହାର ଉପରେ ତଦନ୍ତ କରି ଉକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କର ଉପରେ କାର୍ଯ୍ୟାନୁଷ୍ଠାନ ନେଲେ ଭବିଷ୍ୟତରେ କେହି ଏପରି ନିମ୍ନମାନର କାର୍ଯ୍ୟ କରିବେ ନାହିଁ ।

## ସାରର କଳାବଜାରୀ : ହନ୍ତସନ୍ତ ହେଉଛନ୍ତି ଚାଷୀ

# ସମାଧାନ ନହେଲେ ରାଜରାସ୍ତା ଅବରୋଧ କରିବାକୁ ଚେତାବନୀ



**ବାଉଁଶୁଣି, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ବାଉଁଶୁଣି ଅଞ୍ଚଳରେ ୟୁରିଆ ସାରର ଉତ୍କଟ ଅଭାବ ଦେଖାଯାଇଛି । ସାର ପାଇଁ ଚାଷୀ ସମବାୟ ସମିତିକୁ ଧାଇଁ ଧାଇଁ ନୟାନ୍ତ ହୋଇଗଲେଣି । ସାର ଗୋଟିଏ ବସ୍ତା ପାଇଁ ଲମ୍ବା ଲାଇନରେ ରାତି ୪ ଟାରୁ ଘଣ୍ଟା ଘଣ୍ଟା ଠିଆ ହେଲେ କେବଳ ବସ୍ତାଏ ସାର ପାଉଛନ୍ତି । ଏହା ସମୁଦ୍ରକୁ ଶଙ୍ଖେ ମାତ୍ର । ଚାଷୀର ଆବଶ୍ୟକତାକୁ ଏହା ପୂରଣ କରିପାରୁନାହିଁ । ତୁରନ୍ତ ସାର ନ ଦେଲେ ଚାଷରୁ ଆମଦାନୀ କମିଯିବ । ଏଣୁ ଚାଷୀ କଳାବଜାରରୁ ଅତ୍ୟଧିକ ଚଢା ଦରରେ କିଣିବାକୁ ବାଧ ହେଉଛି । ୟୁରିଆ ସାରର ଦର ୨୬୬ ଟଙ୍କା ଥିବା ବେଳେ ବେପାରୀମାନେ ଚାଷୀଙ୍କୁ ୭୦୦ ତ ଆଉ କେଉଁଠି ୮୦୦ ରୁ ୯୦୦ ଟଙ୍କାରେ ବିକ୍ରି କରୁଛନ୍ତି । ଦନ୍ତାପାଲି ଗ୍ରାମର ଜଣେ ବ୍ୟବସାୟୀ ରବିବାର ଦିନ ୨୬୬ ଟଙ୍କା ବସ୍ତା ପ୍ରତି ଦର ଥିବା ବେଳେ ୟୁରିଆ ୬୦୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଚାଷୀ କିଣିବାକୁ ବାଧ ହେଉଥିବା ଅଭିଯୋଗ କରିଛନ୍ତି । ସାର ଏତେ ସଙ୍କଟ ହେବା ମୁଖ୍ୟ କାରଣ ଗଞ୍ଜେଇ ଚାଷ, ସରକାରୀ ଜମିରେ କପା ଚାଷ, ଗୋଚର ଜମିରେ ଧାନ ଚାଷ ହେତୁ ଏହିପରି ଭାବରେ ସାର ଦର ବଢ଼ି ଚାଲିଥିବା ପ୍ରକୃତ ଚାଷୀ କହିଛନ୍ତି ।

ଏହା ବିରୁଦ୍ଧରେ ପ୍ରତିବାଦ କଲେ କେହି ଶୁଣୁ ନାହାନ୍ତି । ଚାଷୀମାନେ ଏ ଅଫିସରୁ ସେ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଗଲେଣି । କୃଷି ବିଭାଗର ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ମଧ୍ୟ ଚର୍ଚ୍ଚା ହେଉଛି । ସରକାରୀ ଓ ବେସରକାରୀ ସାର ବିକ୍ରେତା ଓ ଚଢ଼ଉ କରୁଥିବା କୃଷି ବିଭାଗର ବିଭିନ୍ନ ଅଧିକାରୀମାନଙ୍କ ମଧ୍ୟରେ ବଡ଼ ଧରଣର ଡିଲ୍ ହେଉଥିବା ମଧ୍ୟ ଚାଷୀ କୂଳରେ ଚର୍ଚ୍ଚା ହେଉଛି । ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେବାକୁ ଚାଷୀ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି । ଯଦି ଯୋଗାଇ ନ ଦିଅନ୍ତି, ରାଜରାସ୍ତା ଅବରୋଧ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ କହିଛନ୍ତି ଚାଷୀ । ବାଉଁଶୁଣୀ, ଦନ୍ତାପାଲି, ଛେଳିବାହାଲ, ସାହାଜପାଲ ଅଞ୍ଚଳରେ କିଛି ବେପାରୀଙ୍କୁ ସାର ଯୋଗାଇ ଦିଆଯାଇଛି । ହେଲେ ସେହି ବେପାରୀମାନେ ସାରର ଅଭାବ ଦେଖି ଚାଷୀମାନଙ୍କୁ ଚଢା ଦରରେ ସାର ବିକ୍ରି କରୁଥିବା ଦେଖିବାକୁ ମିଳିଛି । ତେଣୁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେବାକୁ ଚାଷୀ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ଶୋଚନୀୟ ଅବସ୍ଥାରେ ମୁଣ୍ଡାପଦର ବିନ୍ଧାଣୀ ସାହି ରାସ୍ତା : ଲୋକେ ହନ୍ତସନ୍ତ



**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜିବି ଲୋକେ ନିଜର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଣେ ସରକାର ବିକାଶ ନାଁରେ ଡିଣ୍ଡିମ ପିଟୁଥିବା ବେଳେ ଏବେ ମଧ୍ୟ ଲୋକେ ରାସ୍ତା ଘାଟ ନ ଥିବାରୁ ସୁବିଧାରେ ଯାତାୟାତ କରି ପାରୁନାହାନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡ଼ା ପଞ୍ଚାୟତ ମୁଣ୍ଡାପଦର ୱାର୍ଡ଼ରେ । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ କିମି ଦୂର ଏବଂ ଗୋଛାପଡ଼ା କ୍ରାନ୍ତି ବାଲି ମୁଖ୍ୟ ରାସ୍ତାରୁ ମାତ୍ର ପାଞ୍ଚ ଶହ ମିଟର ଦୂର । ଏହି ରାସ୍ତା କେବେ ମାଟି ରାସ୍ତା ହୋଇ ଥିଲା, କାହାରିକୁ ଜଣାନାହିଁ । ସ୍ଥାନୀୟ ପ୍ରଶାସନର ଚରମ ଅବହେଳା ଯୋଗୁଁ ଏହି ରାସ୍ତା ମରଣଯନ୍ତା ପାଲଟିଛି । ରାସ୍ତା ମରାମତି ପାଇଁ ବାରମ୍ବାର ଅଭିଯୋଗ କରି ଥିଲେ ମଧ୍ୟ କେହି ଶୁଣି ନ ଥିବା ଅଭିଯୋଗ କରିଛନ୍ତି ବିନ୍ଧାଣୀ ସାହି ବାସିନ୍ଦା । ଅନ୍ୟ ଦିନ ମାନଙ୍କରେ ଯେନତେନ ଭାବେ ଚଳି ଆସୁଥିବା ବେଳେ ବର୍ଷା ଦିନ ଆସିଲେ କୋମଳ ମତି ଶିଶୁ ମାନେ ଅଙ୍ଗନୱାଡ଼ି ଯିବା ଓ ଜରୁରୀ ସେବା ବାଧା ପ୍ରାପ୍ତ ହେଉଛି । ଏହି ବିଷୟରେ ସରପଞ୍ଚ ଯୁଗାନ୍ତ କହଁରଙ୍କୁ ପଚାରିବାରୁ ବର୍ଷା ଦିନ ସରିଲେ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଛନ୍ତି ।

## ଆମ୍ବେଦକରଙ୍କ ଷ୍ଟାଚ୍ୟୁରୁ ସମ୍ବିଧାନ ପୁସ୍ତକ ଲୁଟ୍

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବ୍ଲକ ପରିସରରେଥିବା ଡକ୍ଟର ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରୁ ହାତରେ ଧରିଥିବା ସମ୍ବିଧାନପୁସ୍ତକକୁ କେହି ଦୁର୍ବୃତ୍ତ କାଢିନେଇ ଅଳିଆ ଗଦାରେ ପକାଇ ଦେଇଛି । ଫଳରେ ଷ୍ଟାଚ୍ୟୁର ଆଙ୍ଗୁଠି ଭାଙ୍ଗିଯାଇଛି । ଘଟଣା ଜଣାପଡ଼ିବା ପରେ ପ୍ରଶଂସକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧର୍ମଶାଳା ଆମ୍ବେଦକର ଫାଉଣ୍ଡେସନ ପକ୍ଷରୁ ଧର୍ମଶାଳାଥାନା ଅଧିକାରୀ ଓ ବିଡ଼ିଓଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି ଓ ପରେ ଧର୍ମଶାଳା ବିଡ଼ିଓଙ୍କ ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି । ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କଂଗ୍ରେସ ନେତା କିଶାନ ପଣ୍ଡା ପ୍ରମୁଖ ଏଭଳି ହୀନ କାର୍ଯ୍ୟର ଦୃଢ଼ନିନ୍ଦାକରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଦଳିତ ନେତା ଦୁଷ୍ମନ୍ତ ଜେନା, ନାରଣ ମଲିକ, ଅନାମ ମଲ୍ଲିକ ପ୍ରମୁଖ ଶତାଧିକ କର୍ମୀ ଅଭିଯୁକ୍ତ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନପାଇଁ ଦାବି କରିଛନ୍ତି ।

## ଚାଷୀଙ୍କ ପାଇଁ ଦଳ ସଫା କରାଇଲେ ସରପଞ୍ଚ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ଗୋବରୀ ନଦୀ ଉପରେ ଏକ ପୋଲ ନିର୍ମାଣ ହେଉଥିବାରୁ ଠିକାଦାର ଜଣକ ସେଠାରେ ମାଟି ଏବଂ ଦଳ ବାହାର କରି ପକାଇ ଥିବାରୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରୁ ନଥିଲା । ଯାହା ଫଳରେ ସ୍ଥାନୀୟ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ପୁରୁଷୋତ୍ତମ ପୁର ସରପଞ୍ଚ ପୂର୍ଣ୍ଣିମା ସେଠୀ ସ୍ଥାନୀୟ ଅଞ୍ଚଳକୁ ଯାଇ ଲୋକମାନଙ୍କ ସାହାଯ୍ୟରେ ଜମି ରହିଥିବା ଦଳ ଓ ମାଟି ସଫା କରାଇଥିଲେ । ଫଳରେ ଦୀର୍ଘ ୨ ବର୍ଷ ହେଲା ୪ଟି ପଞ୍ଚାୟତ ବୋରା, ଓସ୍ତପୁର, କଂସାର ଓ ପୁରୁଷୋତ୍ତମପୁର ଅଞ୍ଚଳର ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଚଷ ଜମିରୁ ରହିଥିବା ଦଳ ଓ ମାଟି ଆବର୍ଜନା ସଫା କରିବାରୁ ଚାଷ ଜମିରେ ଜଳ ନିଷ୍କାସିତ ହୋଇଥିଲା । ଏହି କାର୍ଯ୍ୟରେ ବିଶ୍ୱସୁନ୍ଦର ସେଠୀ, କୁନାଲ ସେଠୀ, ସୁଶାନ୍ତ ସେଠୀ, ସୁରେଶ ସେଠୀ, ପିତାମ୍ବର ସେଠୀ, ଗିରିଧାରୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।



## ଭଦ୍ରାସାହି ଛକରେ କୁଢ଼କୁଢ଼ ଆବର୍ଜନା : ଦୁର୍ଗନ୍ଧରେ ଫାଟି ପଡୁଛି ଅଞ୍ଚଳ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ସମ୍ପ୍ରତି ବର୍ଷା ଦିନ ହୋଇଥିବା ବେଳେ ମ୍ୟାଲେରିଆ, ଡେଙ୍ଗୁ ଭଳି ସଂକ୍ରାମକ ରୋଗ ମୁଣ୍ଡ ଟେକୁଛି । ସତର୍କତାମୂଳକ ପଦକ୍ଷେପ ସଦୃଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଗଳିକନ୍ଦି, ସାହିବସ୍ତି, ବଜାର, ରାସ୍ତାଘାଟ, ହୋଟେଲ, ଜଳଖିଆ ଦୋକାନ ଆଦି ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି । ହେଲେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡର ଯୋଡ଼ା ବ୍ଲକ, ଭଦ୍ରାସାହି ଛକରେ ଦେଖିବାକୁ ମିଳିଛି ଏହାର ଓଲଟା ସ୍ଥିତି । ଭଦ୍ରାସାହି ଛକ ଅଞ୍ଚଳର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ଉପଯୁକ୍ତ ବର୍ଜ୍ୟ ପରିଚାଳନା ଅଭାବରୁ ରାସ୍ତା କଡରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳିଛି । ଦିନ ଦିନ ଧରି ପଡ଼ି ରହିଥିବା ଏହି ଆବର୍ଜନା ଉତ୍କଟ ଦୁର୍ଗନ୍ଧ ସୃଷ୍ଟି କରୁଥିବାବେଳେ ନାକରେ ହାତଦେଇ ଯିବା ଆସିବା କରୁଛନ୍ତି ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲ୍ଲାର ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଖଣି, ଖାଦାନ ଭରା ଭଦ୍ରାସାହି ଛକ ଅଞ୍ଚଳ ବେଶ୍ ଜଣାଶୁଣା । ଏହି ଛକରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଠାରୁ ଆରମ୍ଭ କରି ପ୍ରମୁଖ ଖଣି ବ୍ୟବସାୟୀ ମଧ୍ୟ ରହୁଛନ୍ତି । ପ୍ରତ୍ୟେକ ଦିନ ଜିଲ୍ଲା, ଜିଲ୍ଲା ବାହାର ତଥା ରାଜ୍ୟ ବାହାରର ଲୋକ ଏହି ଛକ ସହିତ ଓତପ୍ରୋତଃ ଭାବେ ଜଡ଼ିତ ଅଛନ୍ତି । ଏଠାରେ ପଞ୍ଚାୟତ ମୁଖ୍ୟାଳୟ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ, ବେସରକାରୀ କାର୍ଯ୍ୟାଳୟ ରହିଛି । ବହୁ ଛୋଟ ବଡ଼ ବ୍ୟବସାୟୀ ଏହି ଛକରେ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି । ଏହି ଛକ ଦେଇ ବଡବିଲ, କେନ୍ଦୁଝର, କୋଇଡ଼ା ଠାରୁ ଆରମ୍ଭ କରି କଟକ, ଭୁବନେଶ୍ୱର, ରାଉରକେଲା ଏବଂ କଲିକତା ଆଦି ସହରକୁ ଶତାଧିକ ବସ୍ ଚଳାଚଳ କରୁଥିବା ବେଳେ ବିଭିନ୍ନ ସ୍ଥାନକୁ ଯିବା ଆସିବା ନିମନ୍ତେ ଯାତ୍ରୀମାନେ ଏହି ଛକ ଉପରେ ନିର୍ଭର କରୁଛନ୍ତି । ଦୁଃଖ ଓ ପରିତାପର ବିଷୟ ଏହି ଛକର ସ୍ୱଚ୍ଛତା ନେଇ ସ୍ଥାନୀୟ ପ୍ରଶାସନର ତିଳେ ମାତ୍ର ତତ୍ପରତା ଦେଖିବାକୁ ମିଳୁନାହିଁ । ରାସ୍ତା କଡ଼ରେ ବିଭିନ୍ନ ପ୍ରକାର ଆବର୍ଜନା ପଡିଥିବା ବେଳେ ସଠିକ୍ ପରିଚାଳନା ଅଭାବରୁ ସପ୍ତାହ ସପ୍ତାହ ଧରି ଗଦା ହୋଇ ରହିଛି । ବର୍ଷା ପାଣିରେ ଆବର୍ଜନା ପଚି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ହୋଟେଲ ଏବଂ ଅନ୍ୟାନ୍ୟ ଦୋକାନରେ ବସିବା କଷ୍ଟକର ହୋଇ ପଡ଼ିଥିବାବେଳେ ରାସ୍ତାରେ ଚାଲି ଚାଲି ଯିବ ସମୟରେ ସ୍କୁଲ ପିଲା ଏବଂ ଜନ ସାଧାରଣଙ୍କୁ ନାକରେ ହାତ ଦେଇ ଯିବାକୁ ପଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ନିକଟରେ ଜନବସତି ରହିଥିବାରୁ ଏହି ଅବର୍ଜନାମୟ ପରିବେଶ ଯୋଗୁଁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବାବେଳେ ଏ ଦିଗରେ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## ଗାଁକୁ ଡିଜିଟାଲ ସେବା ଅପହଞ୍ଚ

# ଜଙ୍ଗଲ ରାସ୍ତାରେ ନେଟୱର୍କ ଖୋଜା

**ନାରାୟଣପାଟଣା, ନ୍ୟୁଜ୍‌ବ୍ୟୁରୋ**

ଗାଁକୁ ଡିଜିଟାଲ ସେବା ଅପହଞ୍ଚ ହୋଇଛି । ନେଟୱର୍କ ଖୋଜିବା ପାଇଁ ଲୋକେ ପାହାଡ଼ ଚଢୁଛନ୍ତି । ଆଉ କେଉଁଠି ମୋଟରସାଇକଲରେ ଲାପଟପ୍ ଧରି ଜଙ୍ଗଲ ରାସ୍ତାରେ ନେଟୱର୍କ ଖୋଜା ଚାଲିଛି । ସୀମାନ୍ତ ଆନ୍ଧ୍ର ନେଟୱର୍କରେ ଲୋକଙ୍କ ବିଭିନ୍ନ ଅନ୍‌ଲାଇନ କାର୍ଯ୍ୟ ହେଉଛି । ଘଣ୍ଟା ଘଣ୍ଟା ଅପେକ୍ଷା କରି କିଏ ଟଙ୍କା ଉଠାଉଛି ତ' ଆଉ କିଏ ସ୍ୱାସ୍ଥ୍ୟସେବା କାର୍ଡ ପାଇଁ ପଞ୍ଜୀକରଣ କରୁଛନ୍ତି । ଏପରି ବିକଳ ଚିତ୍ର ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡି ପଞ୍ଚାୟତ ଭିତରପଡ଼ା ଗାଁରେ ଦେଖିବାକୁ ମିଳିଛି । ନାରାୟଣପାଟଣା ବ୍ଲକଠାରୁ ଭିତରପଡ଼ା ଗାଁର ଦୂରତା ୨୨ କିମି । ପାହାଡ଼ିଆ ଜଙ୍ଗଲ ରାସ୍ତା ପାର୍ଶ୍ୱରେ



ଖୋଲା ଆକାଶରେ ହାତରେ ଆଧାର କାର୍ଡ ଧରି ଆଦିବାସୀ ପୁରୁଷ, ମହିଳା, ବୃଦ୍ଧବୃଦ୍ଧା ଠିଆ ହେଉଛନ୍ତି । ସରକାରଙ୍କ ସ୍ୱାସ୍ଥ୍ୟ ବୀମା ପାଇଁ ପଞ୍ଜୀକରଣ କରୁଛନ୍ତି । ଗାଁରେ ନେଟୱର୍କ ନାହିଁ । ନେଟୱାର୍କ ସେବା ପାଇଁ ୨୨ କିମି ଦୂର ନାରାୟଣ ପାଟଣା ଯିବାକୁ ପଡୁଛି । ଗାଁ ପାଖରେ ଲୋକଙ୍କୁ ସେବା ଯୋଗାଇବାକୁ ମୋଟରସାଇକଲରେ ଲାପଟପ ଧରି ଗ୍ରାହକ ସେବା କେନ୍ଦ୍ରର ଜଣେ ଯୁବକ ଆନ୍ଧ୍ର ନେଟୱର୍କ ଖୋଜୁଛନ୍ତି । ସେହି ନେଟୱର୍କ ମିଳିଲେ ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି । ଗତ ସପ୍ତାହ ହେବ ଏପରି କାର୍ଯ୍ୟ ଚାଲିଛି । ଲୋକେ ଖୁସିରେ ଗ୍ରାହକ ସେବା କେନ୍ଦ୍ରର ଯୁବକ ସଦା ତାଡିଙ୍ଗଙ୍କୁ ଅଳ୍ପ କିଛି ଅର୍ଥ ଦେଇଥାନ୍ତି । ଯେଉଁଠି ଉକ୍ତ ସେବା ପାଇଁ ଲୋକଙ୍କୁ ୫ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାନ୍ତା । ଶ୍ରୀ ତାଡିଙ୍ଗ ଜଣେ ଶିକ୍ଷିତ ଯୁବକ । ସେ ଚାକିରି ନ କରି ନିଜ ଅଞ୍ଚଳର ଲୋକଙ୍କୁ ସେବା ଯୋଗାଇବାକୁ ପ୍ରୟାସ କରୁଛନ୍ତି । ଭିତରପଡ଼ା ଗାଁ ନିକଟ ଜଙ୍ଗଲ ରାସ୍ତାରେ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଛି । ବାରମ୍ବାର କୋରାପୁଟ ଜିଲ୍ଲା ପ୍ରଶାସନକୁ ଏକ ଟାୱାର ବସାଇବା ପାଇଁ ଗ୍ରାମବାସୀ ଦାବି କରି ଆସୁଛନ୍ତି । କେହି ଗୁହାରି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି । ଭିତରପଡ଼ା ଗାଁରେ ଏକ ମୋବାଇଲ ଟାୱାର ବସାଇବାକୁ ଟେଣ୍ଡର ଶେଷ ହୋଇଛି । ଟାୱାର ନିର୍ମାଣରେ ଠିକାଦାର ବିଳମ୍ବ କରୁଛନ୍ତି । ଲୋକେ ହଇରାଣ ହେଉଛନ୍ତି । ଗ୍ରାମବାସୀଙ୍କ ଗୁହାରି ଶୁଣିବାକୁ ପ୍ରଶାସନକୁ ପୂର୍ବତନ ବ୍ଲକ ଅଧକ୍ଷ ମାଳତି ତାଡିଙ୍ଗି ଅନୁରୋଧ କରିଛନ୍ତି ।

## ରେଟୁଡି ଓ କୁର୍ମିଙ୍ଗିଆ ଅଞ୍ଚଳରେ ଲାଗିଲା ସାଇରନ୍

**ଜି ଉଦୟଗିରି, ନ୍ୟୁଜ୍‌ବ୍ୟୁରୋ**

ଜି ଉଦୟଗିରି ବନ ବିଭାଗ ଆଉ ଏକ ପାଦ ଆଗକୁ ଯାଇ ରେଟୁଡି ଓ କୁର୍ମୀଙ୍ଗିଆ ଅଞ୍ଚଳରେ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ପାଇଁ ଦୁଇଟି ସାଇରନ ଲଗାଇଛି । ବିବରଣୀରୁ ପ୍ରକାଶ ଯେ ହାତୀ ଉପଦ୍ରବ ଅଞ୍ଚଳରେ ହାତୀ ଆସିଲେ ଅଞ୍ଚଳବାସୀ ଖବର ଦେବା ପରେ ସାଇରନ ବାଜିବ । ୨ କିମି ପର୍ଯ୍ୟନ୍ତ ସାଇରନ ବାଜିବ ଫଳରେ ଅଞ୍ଚଳବାସୀ ସଚେତନ ହେବା ସହ ସୁରକ୍ଷିତ ରହିବେ । ଉକ୍ତ ସାଇରନ ଦ୍ୱାରା ଆଉ ଡାକବାଜି ଯନ୍ତ୍ର ଯୋଗେ ସଚେତନତାର ଆବଶ୍ୟକ ରହିବ ନାହିଁ । ଯାହା ଫଳରେ ତୁରନ୍ତ ଅଞ୍ଚଳବାସୀଙ୍କ ପାଖରେ ଖବର ପହଞ୍ଚିବା ସହ ସଚେତନ ରହିବେ ।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ସେପ୍ଟେମ୍ବର ୨୦୨୫ ମଙ୍ଗଳବାର





# ‘ମୟୂରଭଞ୍ଜ ଜିଲ୍ଲାରେ ଲୋକସଭା ଓ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ହେଉ’

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟର ସର୍ବ ବୃହତ ମୟୂରଭଞ୍ଜ ଜିଲ୍ଲାରେ ପୁନଃ ଡିଲିମିଟେସନ୍ କରି ଲୋକସଭା ଏବଂ ବିଧାନସଭା ଆସନ ବୃଦ୍ଧି କରିବାକୁ ଦାବି ହୋଇଛି। ବିଗତ ୨୦୦୯ ମସିହାରେ ହୋଇଥିବା ଡି-ଲିମିଟେସନ୍‌ରେ ଉପେକ୍ଷା କରାଯାଇଥିବାର ଅଭିଯୋଗ ଆଣି ବିଗତ ୫ ବର୍ଷ ଧରି ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ଆନ୍ଦୋଳନ କରାଯାଇ ଆସୁଛି। ପୁନଃ ଡିଲିମିଟେସନ୍ ନିମନ୍ତେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ନିର୍ବାଚନ କମିଶନର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀକୁ କେନ୍ଦୁଝର ଲୋକସଭା କ୍ଷେତ୍ରରେ ଏବଂ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳିକୁ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ରଖାଯାଇଛି। ସେହିପରି ଜିଲ୍ଲାର ପୂର୍ବରୁ ଥିବା ୧୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ କମାଇ ୯ଟି ଆସନରେ ସୀମିତ ରଖାଯାଇଛି। ଜିଲ୍ଲାରେ ଥିବା ଏକମାତ୍ର ପୂର୍ଣ୍ଣାଙ୍ଗ ଲୋକସଭା କ୍ଷେତ୍ର ଆଦିବାସୀ ବର୍ଗ ପାଇଁ ସଂରକ୍ଷିତ ରହିଥିବା ବେଳେ, ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ମୋରଡା ଆସନକୁ ଛାଡି ଦେଲେ ଅନ୍ୟ ୮ଟି ଯାକ ଆସନ ସଂରକ୍ଷିତ ରହିଛି। ଯାହାଫଳରେ ସାଧାରଣ ବର୍ଗ ଲୋକେ ନିଜର ରାଜନୈତିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲାରେ ନିର୍ବାଚନ ମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣ କରାଯାଇ ଆୟତନ ଏବଂ ଜନସଂଖ୍ୟା ଦୃଷ୍ଟିରୁ ଜିଲ୍ଲାରେ ୧୨ଟି ବିଧାନସଭା ଆସନ ସହ ଦୁଇଟି ଲୋକସଭା ଆସନ ଗଠନ କରିବାକୁ ଦାବି ହୋଇଛି। ଏହାସହିତ ୩ଟି ବିଧାନସଭା ଆସନକୁ ସଂରକ୍ଷଣ ମୁକ୍ତ ରଖାଯିବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ମଞ୍ଚର କର୍ମକର୍ତ୍ତା ପିତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ଗୋଲକ ଚନ୍ଦ୍ର ମହାନ୍ତି, ଆଇନଜୀବୀ ଅରବିନ୍ଦ ଦାସ, ଲିଙ୍ଗରାଜ ମିଶ୍ର, ସତ୍ୟନାରାୟଣ ବେହେରା, ସାମ୍ବାଦିକ ଦୀପକ କୁମାର ନାୟକ, ସୁକାନ୍ତ କୁମାର ଜୀଉ ପ୍ରଦୀପ କୁମାର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ସାର ସଙ୍କଟ ଓ କଳାବଜାରୀ ସମସ୍ୟା ସମାଧାନ ହେବା ବଦଳରେ ଅଧିକ ବୃଦ୍ଧି ପାଉଛି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ରାସାୟନିକ ସାରର ସଙ୍କଟ ଏବଂ କଳାବଜାରୀ ଦିନକୁ ଦିନ ସମାଧାନ ବଦଳରେ ଆହୁରି ସମସ୍ୟା, ଅସନ୍ତୋଷ, ଧାରଣା, ଆନ୍ଦୋଳନ ବୃଦ୍ଧି ପାଇବାରେ ଲାଗିଛି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସାରର ସଙ୍କଟ ନାହିଁ ପ୍ରଚୁର ପରିମାଣରେ ମହଜୁଦ ଅଛି ଏବଂ ଯେଉଁଠି ଆବଶ୍ୟକ ସେଠାକୁ ଆମେ ସାର ପଠାଉଛୁ ଏଣୁ ଚାଷୀମାନେ ଘବରାଇବାର ଆବଶ୍ୟକତା ନାହିଁ। ଯଦି ପ୍ରକୃତରେ ରାଜ୍ୟରେ ଆବଶ୍ୟକ ମୁତାବକ ସାର ଅଛି ତାହାହେଲେ କାହିଁକି ରାଜ୍ୟ ସାରା ଚାଷୀ ଅସନ୍ତୋଷ ହେଉଛନ୍ତି। ଓଡ଼ିଶାର ଭାତ ହାଣ୍ଡିରେ ମଧ୍ୟ ସାର ସଙ୍କଟ ଦେଖାଦେଉଛି। କୃଷକ ସଂଗଠନ ତରଫରୁ ବାରମ୍ବାର ଆନ୍ଦୋଳନ କଲେ ଯାଇ ସେହି ଅଞ୍ଚଳର ଚାଷୀ ସାର ପାଉଛନ୍ତି। ଜିଲ୍ଲାରେ ୩୩ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ ହେବାର ପୂର୍ବ ଅନୁମାନ କରି କୃଷି ବିଭାଗ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ବର୍ତ୍ତମାନ ସୁଦ୍ଧା ୩୨ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ରାଜ୍ୟ ସରକାର ଯୋଗାଇ ଦେଲେଣି ହେଲେ ଆହୁରି ୧୦ ହଜାର ମେଟ୍ରିକ୍ ଟନ୍ ସାର ଆବଶ୍ୟକ ପଡିପାରେ ବୋଲି କୃଷକ ସଂଗଠନ ଦାବି କରୁଛି। ତାହାହେଲେ ଏତେ ସାର ଗଲା କୁଆଡେ ଯାହାକି ଏକ ସ୍ୱାଭାବିକ ପ୍ରଶ୍ନ ଅଟେ। ଘେଁସ ସୋସାଇଟି ଅଧିନସ୍ଥ ଚାଷୀମାନେ ସାର ସଙ୍କଟକୁ ଦେଖି ଉତ୍ତେଜିତ ହୋଇ ଘେଁସ ରାସ୍ତା ଦେଇ ଅନ୍ୟ ସୋସାଇଟି ମାନଙ୍କୁ ଯାଉଥିବା ସାର ବୋଝାଇ ତିନୋଟି ଟ୍ରକ୍‌କୁ ଅଟକାଇ ଥିଲେ। ଏହି ଖବରପାଇ ପୋଲିସ, ଏ ଆର୍ ଗୋପାଳ ପୃଷ୍ଟେ, କୃଷି ଅଧିକାରୀ ସୋହେଲା ଅଭିଷେକ ଅଗ୍ରୱାଲ ଏବଂ ତହସିଲଦାର ଶୁଭରଞ୍ଜନ ନାୟକ ଆନ୍ଦୋଳନ କୃଷକ ମାନଙ୍କ ପାଖକୁ ଆସି ଦୀର୍ଘ ୩ ଘଣ୍ଟା ବୁଝାସୁଝା କରିବା ପରେ ସମାଧାନର ସୂତ୍ର ବାହାରିଥିଲା। ଘେଁସ ସୋସାଇଟିକୁ ଆବଶ୍ୟକ କରୁଥିବା ୟୁରିଆ ସାର ଆଜି ୬୮୦ ପକେଟ୍ ଏବଂ ପରେ ପର୍ଯ୍ୟାୟ କ୍ରମରେ ସବୁ ସାର ଦେବା ପାଇଁ ପ୍ରତିଶୃତି ଦେଇଥିଲେ ଏବଂ ତୁରନ୍ତ ଆସିଥିବା ସାର ବଣ୍ଟନ ମଧ୍ୟ ହେବାରୁ ଅଟକାଇଥିବା ସାର ଟ୍ରକ୍‌କୁ ଚାଷୀମାନେ ଛାଡି ଦେଇଥିଲେ। ଏହି ଆନ୍ଦୋଳନର ନେତୃତ୍ୱ ସଭାପତି ମୁରଲୀ ଭୋଇ, ପ୍ରେମରାଜ ସାହୁ, କୁଞ୍ଜବିହାରୀ ପଧାନ, ସୁଶାନ୍ତ ସାହୁ, ଉମାକାନ୍ତ ଭୋଇ, ଜୟଦେବ ସାହୁ, ଜଗବନ୍ଧୁ ସାହୁ, ଶ୍ୟାମଲାଲ ସାହୁ, ଯୁବରାଜ ପରଧିଆ ଏବଂ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନିକେଣ୍ଟି ସମେତ ଶହ ଶହ ଚାଷୀ ଯୋଗଦେଇଥିଲେ। ଠିକ୍ ସମାନ ଢଙ୍ଗରେ ଛୁରିଆପାଲି ପଞ୍ଚାୟତର ଚାଷୀମାନେ ମଧ୍ୟ ପଦ୍ମପୁର ସୋସାଇଟିକୁ ଯାଉଥିବା ଟ୍ରକ୍ ଅଟକାଇ ଆନ୍ଦୋଳନ କରୁଥିବା ଚାଷୀମାନଙ୍କ ପାଖକୁ ତହସିଲଦାର ଏବଂ କୃଷି ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ। ହେଲେ ଆଲୋଚନା ବିଫଳ ହୋଇଥିଲା। ଚାଷୀମାନଙ୍କ ଗୋଟିଏ ଦାବି ଆମେ ସାର ନପାଇଲେ ଟ୍ରାକ୍‌କୁ ଛାଡ଼ିବୁନାହିଁ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୩୮୦ ପକେଟ୍ ସାର ଆସିବାରୁ ଅଟକାଇ ରଖିଥିବା ଟ୍ରକ୍‌କୁ ଚାଷୀମାନେ ଛାଡିଦେଇଥିଲେ।

# ନୂତନ ଜୁଡ଼ିସିଆଲ୍ କମ୍ପ୍ଲେକ୍ସ ନିର୍ମାଣ:ବାଧକ ସାଜିଛି ଜମି ହସ୍ତାନ୍ତର ପ୍ରକ୍ରିୟା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



କୋର୍ଟ ପରିସରରେ ନିର୍ମାଣ ହେବ ପ୍ରସ୍ତାବିତ ଜୁଡ଼ିସିଆଲ୍ କମ୍ପ୍ଲେକ୍ସ। ଏଥିପାଇଁ ସରକାରୀ ଅନୁମୋଦନ ମିଳିସାରିଛି। ଏପରିକି ନୂତନ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପୁରୁଣା କୋଠାକୁ ଉଚ୍ଛେଦ ମଧ୍ୟ କରାଯାଇଛି। ମିଳିଥବା ସୂଚନା ପ୍ରକାରେ ସହରାଞ୍ଚଳରେ କୋର୍ଟ କେମ୍ପ୍ଲେକ୍ସ ପାଇଁ ଅନୁନ୍ୟ ୫ ଏକର ଏବଂ ଗ୍ରାମାଞ୍ଚଳରେ ୩ ଏକର ଜମିର ଆବଶ୍ୟକତା ରହିଛି। ଏଥିପାଇଁ ଆବଶ୍ୟକ ଜମି ରହିଥିବା ବେଳେ ରାଜସ୍ୱ ବିଭାଗର ଜମି ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଅଟକି ରହିଥିବା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ପାଇଁ ଇଂରେଜ ଅମଳର ପୁରୁଣା ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ, ଲାଇବ୍ରେରୀ, ପୁରୁଣା ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟ ବିଲ୍‌ଡ଼ିଂ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଡ଼ାକ ଘର, ସିଏସ୍‌ଆଇଙ୍କ କାର୍ଯ୍ୟାଳୟ ଓ ଏକାଧିକ କୋର୍ଟର କୋଠାକୁ ଭଙ୍ଗାଯାଇଛି। ଏଥି ସହିତ କୋର୍ଟ କ୍ୟାମ୍ପସ୍‌ରେ ଥିବା ଓକିଲଙ୍କ ବହୁ ଚାମ୍ବରକୁ ମଧ୍ୟ ହଟାଇବାକୁ ପଡ଼ିଛି। ସହର ବାହାରେ ନହୋଇ ବରଂ ସହର ମଧ୍ୟରେ ସେ ପୁଣି ପୁରୁଣା କୋର୍ଟ ପରିସରରେ ପ୍ରସ୍ତାବିତ ନୂତନ ଜୁଡ଼ିସିଆଲ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବହୁ ବାଦବିବାଦ ପରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସର୍ବ ସମ୍ମତି କ୍ରମେ ସହଯୋଗ କରାଯାଇଥିଲା। ବର୍ତ୍ତମାନ ସମସ୍ତଙ୍କର ଅପେକ୍ଷା ନୂତନ ଜୁଡ଼ିସିଆଲ୍ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହୋଇ ଶେଷ ହେବ। ଏଭଳି ପରିସ୍ଥିତିରେ କୋର୍ଟ ପରିସରରେ ରାଜସ୍ୱ ବିଭାଗ ଅଧୀନରେ ଥିବା କେବଳ ଦୁଇଟି ପୁରୁଣା କୋଠାର ଉଚ୍ଛେଦ ହୋଇପାରିନାହିଁ। ଉଭୟ କୋଠାର ଜମି ରାଜସ୍ୱ ବିଭାଗକୁ ବିଚାର ବିଭାଗକୁ ହସ୍ତାନ୍ତର ହେବା ପରେ ଉଚ୍ଛେଦ କାର୍ଯ୍ୟ କରାଯିବ। ଏଥିପାଇଁ ପୂର୍ବତନ ଗଞ୍ଜାମ ଜିଲ୍ଲାପାଳ ବୋର୍ଡ଼ ଅଫ୍ ରେଜିନ୍ୟୁଙ୍କ ଚିଠି ଲେଖିସାରିଥିବା ବେଳେ ଅନୁମୋଦନକୁ ଅପେକ୍ଷା କରାଯାଇଥିବା ଜଣାପଡ଼ିଛି। ଜୁଡ଼ିସିଆଲ୍ କମ୍ପ୍ଲେକ୍ସ ନିର୍ମାଣ ଦାୟିତ୍ୱ ପୂର୍ତ୍ତବିଭାଗକୁ ଦିଆଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇସାରିଛି। ବର୍ତ୍ତମାନ କେବଳ ଉଭୟ କୋଠାର ଉଚ୍ଛେଦ କାର୍ଯ୍ୟ ବାକି ରହିଛି। ରାଜସ୍ୱ ବିଭାଗରୁ ଉକ୍ତ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେବା ପରେ ତୁରନ୍ତ ଏହି କାର୍ଯ୍ୟ କରାଯିବ ବୋଲି କହିଛନ୍ତି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୋମନାଥ ତ୍ରିପାଠୀ। ସେପଟେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ହେଉଥିବା ନେଇ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ମଧ୍ୟ ସମସ୍ତ କର୍ମକର୍ତ୍ତା ନିକଟରେ ଜିଲ୍ଲା ଦୌରାଜଜ୍‌ଙ୍କ ସହିତ ଆଲୋଚନା କରିଛନ୍ତି। ତୁରନ୍ତ ଏନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଏଣୁ ଖୁବ୍‌ଶୀଘ୍ର ଜମି ହସ୍ତାନ୍ତର ଓ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହେବା ପରେ ଶିଳାନ୍ୟାସ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେବ ବୋଲି ମତ ଦେଇଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ତିରୁମୁଲା ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ ଓ ସହ ସମ୍ପାଦକ ଅସିତ୍ କୁମାର ସାବତ।

# ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ନେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




ସୋନପୁର ମହାବିଦ୍ୟାଳୟ ପରିସରରେ ଆଲୁମିନୀ ଏସୋସିଏସନ୍ (ପୁରାତନ ଛାତ୍ର ସଂଘ)ର କାର୍ଯ୍ୟକାରିଣୀ ବୈଠକ ସଭାପତି ଡ. ପ୍ରଫୁଲ୍ଲ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଛି। ବୈଠକରେ ସୋନପୁର କଲେଜର ବହୁବିଧ ସମସ୍ୟା ତଥା ସରକାରୀ ମାନ୍ୟତା ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଜାନୁଆରୀ କିମ୍ବା ଫେବୃଆରୀ ମାସରେ ଆଲୁମିନୀ ସଂଘ ପକ୍ଷରୁ ଏକ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ଏବଂ ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ନେଇ ସଭାପତି ଶ୍ରୀ ରଥ ସୂଚନା ଦେଇଥିଲେ। ମୁଖ୍ୟତଃ ଆଗକୁ ବିଧାନସଭା ଅଧିବେଶନ ସେପ୍ଟେମ୍ବର ୧୮ ରୁ ୨୫ ତାରିଖ ହେବାକୁ ଥିବାବେଳେ ଏନେଇ ଏକ ୧୫ ଜଣିଆ ପ୍ରତିନିଧି ଦଳ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଏବଂ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ ଆଲୋଚନା କରିବା ପାଇଁ ଭୁବନେଶ୍ୱର ଗସ୍ତ କରିବାକୁ ସ୍ଥିର ହୋଇଛି। ପୂର୍ବରୁ ମଧ୍ୟ ସାଂସଦ ସଙ୍ଗୀତା ସିଂଦେଓ ଏବଂ ବିଭିନ୍ନ ମନ୍ତ୍ରୀ ତଥା ସଚିବ ମାନଙ୍କୁ କଲେଜ ସମସ୍ୟା ତଥା ସରକାରୀ ମାନ୍ୟତା ପ୍ରଦାନ ପାଇଁ ପୂରାତନ ଛାତ୍ର ସଂଘ ପକ୍ଷରୁ ସାକ୍ଷାତ ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଅବସରରେ ଆସିଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୂରାତନ ଛାତ୍ର ସଂଘକୁ ସେପ୍ଟେମ୍ବର ମାସରେ ବସିବାକୁଥିବା ବିଧାନସଭା ଅଧିବେଶନ ସମୟରେ କାଗଜପତ୍ର ସହ ଭୁବନେଶ୍ୱର ଆସି ଆଲୋଚନା ପାଇଁ ନିମନ୍ତ୍ରଣ ତଥା ପରାମର୍ଶ କରିଥିଲେ ଏବଂ ପ୍ରଥମେ ପିଜି ପାଠ୍ୟକ୍ରମ ଗାର୍ଲ୍ସ ହଷ୍ଟେଲ ଏବଂ ଅଡିଟରିୟମ୍ ନିର୍ମାଣ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସଂଘରେ ନୂତନ ଭାବେ ଉପଦେଷ୍ଟା କମିଟିରେ ଅଭିମନ୍ୟୁ କୁଶଳ, ଅର୍ଥ କମିଟିରେ ସୁଧାଂଶୁ ଶତପଥୀ, ଜ୍ୟୋତିର୍ମୟ ମିଶ୍ର, ଦେବାଶିଷ ପଟ୍ଟନାୟକ ଓ ଅଭିଷେକ ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏହି ବୈଠକରେ ସଂଘର ଉପ ସଭାପତି ଗତିକୃଷ୍ଣ ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶ, ସିତାଂଶୁ ମିଶ୍ର, ସଂଯୋଜକ ସୁଦାମ ଚରଣ ମିଶ୍ର, କୋଷାଧକ୍ଷ ବିଶ୍ୱରଂଜନ ପୁଝାରୀ, ଶ୍ରୀଧର ବାଘ, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ, ସୁଧୀର ପଣ୍ଡା, ସ୍ୱରୂପ ପାତ୍ର, ଦୀପକ ମହାପାତ୍ର, ନିଶାନ୍ତ ମହାନ୍ତି, ରାମଶଙ୍କର ଭୋଇ, ଶାଶ୍ୱତ ମିଶ୍ର, ଅଭିଷେକ ଶର୍ମା, ସୋନପୁର ବ୍ଲକ କାର୍ଯ୍ୟକାରୀ ସଭାପତି ମଦନ ଗୋପାଳ ମିଶ୍ର ଏବଂ ସାମାଜିକ ଗଣମାଧ୍ୟମ ସଦସ୍ୟ ଲେଫ୍ଟନେଣ୍ଟ ଆଶିଷ ଅଗ୍ରୱାଲା ଏବଂ ମିଡିଆ ସେଲ୍‌ର ରାଜ କିଶୋର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଶେଷରେ ଆଶିଷ ଅଗ୍ରୱାଲା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ ହୋଇଥିଲା।



# ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଗୁଣପୁର ସହର ବୃନ୍ଦାବତୀ ନଗର ଠାରେ ତାଲା ବନ୍ଦ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘରେ କେହି ନଥିବା ଦେଖି ଦୁର୍ବୃତ୍ତ ମାନେ କଳା କନା ବୁଲାଇଛନ୍ତି। ଆକାଶ କୁମାର ପରିଛାଙ୍କ ପରିବାର ଘରୁ ବାହାରକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରିନେଇଛନ୍ତି। ଝିଅର ସ୍ୱାସ୍ଥ୍ୟଗତ କାରଣରୁ ପରିବାରର ସମସ୍ତେ ଗତ ୧ ତାରିଖରେ ଚେନ୍ନାଇ ଯାଇଥିଲେ। ରବିବାର ଘରକୁ ଫେରି କବାଟ ଖୋଲିବା ବେଳେ ତାଲା ତାଡି ଦିଆଯାଇଥିବା ଦେଖିଥିଲେ। ଘରର ସମସ୍ତ ଆସବାବ ପତ୍ର ଏଣେତେଣେ ପଡ଼ି ଥିବାବେଳେ ଅନେକ ସମାଗ୍ରୀ ଓ ନଗଦ ଟଙ୍କା ଚୋରି ହୋଇଥିବା ଆକାଶ ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସେ ପୋଲିସକୁ ଖବର ଦେବା ସହ ଘର ଭିତରକୁ ଯାଇ ଦେଖିବା ବେଳକୁ ଦୁର୍ବୃତ୍ତମାନେ ନଗଦ ଏକ ଲକ୍ଷ ଟଙ୍କା, ୩ ତୁଳା ସୁନା ସହ କିଛି ରୂପାର ଅଳଙ୍କାର, ସ୍ତ୍ରୀଙ୍କ ମଙ୍ଗଳସୂତ୍ର ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚାଲୁ ରଖିଛି।

# ‘ସଂସ୍କୃତ ଭାଷା ହେଉଛି ଭାରତର ଆତ୍ମା’

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଜିଲ୍ଲା ସଭାପତି ପଣ୍ଡିତ ବାସବ କୁମାର ନନ୍ଦଙ୍କ ଅଧକ୍ଷତାରେ ଜଗତସିଂହପୁର ମଣ୍ଡଳର ସଂସ୍କୃତ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଶିଷ୍ଟ ଅତିଥି ଭାବେ ବିରିଡି ବ୍ଲକ ବିଓ ମିହିର କୁମାର ପାଲ, ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂସ୍କୃତ ସଂଘର କାର୍ଯ୍ୟକାରୀ ସଭାପତି ଡ଼. ଅକ୍ଷୟ କୁମାର ଦାସ, ମୁଖ୍ୟ ବକ୍ତାଭାବେ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଚାଳିତ ମହାବିଦ୍ୟାଳୟର ସଂସ୍କୃତ ପ୍ରାଧ୍ୟାପକ ଡ଼. ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅନନ୍ତ ମହାବିଦ୍ୟାଳୟ କନ୍ତାରର ଅଧକ୍ଷ ଡ଼. ଅଶୋକ କୁମାର ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଅବସରପ୍ରାପ୍ତ ସଂସ୍କୃତ ଅଧାପକ ତଥା ଜିଲ୍ଲା ସଂସ୍କୃତ ପରିଷଦର ସଭାପତି ପଣ୍ଡିତ ଭଗବାନ ଦାଶ ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷାର ଉପକାରିତା ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ଭାଷା ହେଉଛି ଭାରତର ଆତ୍ମା ବୋଲି ପ୍ରତିପାଦିତ କରିଥିଲେ। ଏହି ପ୍ରାଚୀନ ଭାରତରେ ଯେପରି ଗଙ୍ଗାଙ୍କର କଳ ନିନାଦିନୀର ସ୍ୱର ପ୍ରଭାବିତ ସେପରି ସଂସ୍କୃତ ଭାଷାର ମଧ୍ୟ। ଉକ୍ତ ସଭାରେ ଜିଲ୍ଲାର ଅନେକ ସଂସ୍କୃତ ଶିକ୍ଷକ ଯୋଗଦେଇଥିଲେ। ସର୍ବ ପ୍ରଥମେ ପରଂବ୍ରହ୍ମ ଜଗନ୍ନାଥଙ୍କ ଫୋଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପଣ୍ଡିତ ବିପିନି ବିହାରୀ ପାଣିଗ୍ରାହୀ ଅଗ୍ନିସ୍ତୋତ ପାଠ କରିଥିଲେ। ଶିଶୁ ଶ୍ରୀମାନ ଅଂଶୁମାନ ଆଚାର୍ଯ୍ୟ ବେଦ ପାଠ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଏବଂ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଶ୍ରୀକୃଷ୍ଣ ଏକାଡେମୀର ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଡ଼. ରବୀନ୍ଦ୍ର ନାଥ ମିଶ୍ରଙ୍କୁ ‘ସଂସ୍କୃତ ବିଶାରଦ’ ଏବଂ ନଳିନୀ ବାଳା ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କୁ ‘ସଂସ୍କୃତ ସୌରଭ’ ଉପାଧିରେ ଭୂଷିତ କରାଯାଇ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ଉତ୍ସବରେ ଜିଲ୍ଲାର ସମ୍ପାଦକ ପଣ୍ଡିତ ନବଘନ ମୁଦୁଲି ସ୍ୱାଗତ ଭାଷଣ ଏବଂ ବାର୍ଷିକ ବିବରଣୀ ପଠନ କରିଥିଲେ। ସଂଘର ପାଣ୍ଠି ସଞ୍ଚାଳନ ପଣ୍ଡିତ ପ୍ରବୀର କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରଦୀପ ଆଚାର୍ଯ୍ୟ, କାର୍ଯକାରୀ ସଭ୍ୟା ପୂର୍ଣ୍ଣପ୍ରଭା ସାମନ୍ତରାୟ, ଡ଼ ପ୍ରତିମାୟୀ ଆଚାର୍ଯ୍ୟ, କୌଶଲ୍ୟା କୁମାରୀ ସ୍ୱାଇଁ, ଶ୍ରୀଧର ସେଠୀ, ଅକ୍ଷୟ କୁମାର ତ୍ରିପାଠୀ, ସ୍ୱାଗତିକା ନାୟକ, ରୁଦ୍ର ନାରାୟଣ ଗାୟତ୍ରୀ ପତି, ଗାୟତ୍ରୀ ରାଉତ, ବିଜୟ କୁମାର ପଣ୍ଡା, ନିହାରିକା ରାଉତ, ବିଜୟ କୁମାର ପ୍ରଧାନ, ହିମାଂଶୁ ଶେଖର ଶତପଥିଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପଣ୍ଡିତ ଅଜୟ କୁମାର ଶତପଥି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଆଦର୍ଶ ସଂସ୍କୃତ ଶିକ୍ଷକ ତଥା ଜିଲ୍ଲା ସଂଗଠନ ସମ୍ପାଦକ ପଣ୍ଡିତ ସତ୍ୟଜିତ ଶତପଥି ସଭା ପରିଚାଳନା କରିଥିଲେ। ପଣ୍ଡିତ ପ୍ରବୀର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜବରଦଖଲରେ ରାଇଘର ବଜାର:ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

**ରାଇଘର, ନ୍ୟୁଜ୍ ବ୍ୟୁରୋ**


ଜବରଦଖଲରେ ରାଇଘର ମୁଖ୍ୟ ବଜାର ଶୀର୍ଷକ ଖବର ହେବା ପରେ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏନେଇ ଗତ ଦୁଇ ବର୍ଷ ଧରି ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଲିଖିତ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ମିଳିପାରିନାହିଁ ବୋଲି ସରପଞ୍ଚ ଲମ୍ବୋଦର ମାଝୀ ପ୍ରକାଶ କରିଛନ୍ତି। ସାପ୍ତାହିକ ହାଟର ସରକାରୀ ଜାଗା ଜବରଦଖଲ ହୋଇସାରିଥିବା ଦେଖିବାକୁ ମିଳିଛି। ପଞ୍ଚାୟତ ଜାଗା ଜବରଦଖଲ କରି ଦୋକାନ ଗୃହକୁ ଭାଙ୍ଗି ଖାଲିଥିବା ସରକାରୀ ଜାଗାକୁ ଜବରଦଖଲ କରୁଥିବା ଏବଂ ପୋଖରୀ ହୁଡ଼ାକୁ ମଧ୍ୟ ଜବରଦଖଲ କରି ଘର କରୁଥିବା ବିଷୟକୁ ନେଇ ଗତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରାଇଘର ବ୍ଲକରେ ପ୍ରାୟ ୭୦ ବର୍ଷ ଧରି ଭୂବନ୍ଦୋବସ୍ତ ହୋଇନଥିବାରୁ ଅଧିକାଂଶ ଜାଗା ସରକାରଙ୍କ ଅଧୀନରେ ରହିଛି। ମୁଖ୍ୟ ବଜାର ଓ ସାପ୍ତାହିକ ହାଟ ପଞ୍ଚାୟତ ଅଧୀନରେ ଥିବାବେଳେ ପ୍ରକୃତ କେତେ ଜାଗା ରହିଛି ସେନେଇ ବାରମ୍ବାର ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ତହସିଲଦାରଙ୍କୁ ଜଣାଇ ଆସୁଥିବା ସରପଞ୍ଚ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ବର୍ଷ ବର୍ଷ ଧରି ପ୍ରାଣୀ ଚିକିତ୍ସାଳୟର ଜାଗା ଓ ସରକାରୀ କ୍ୱାର୍ଟର ଏବଂ ସରକାରୀ ମଣ୍ଡପର ପାର୍ଶ୍ୱ ତଥା ମୁଖ୍ୟ ବଜାର ପଛରେ ରହିଥିବା ଡିସେମ୍ବର ୨୦୨୩ ମସିହାରେ ସରପଞ୍ଚ ଶ୍ରୀ ମାଝୀ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଥିଲେ। ସେହିଭଳି ଅଗଷ୍ଟ ୨୦୨୫ ମସିହାରେ ମଧ୍ୟ ଏଭଳି ଅଭିଯୋଗ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଥିଲେ। ତୁରନ୍ତ ଦୋକାନ ଗୃହ ଗୁଡ଼ିକ ଭାଙ୍ଗିବା ସହିତ ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମାଝୀ ଅନୁରୋଧ କରିଥିଲେ। ଏହାସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ ବୋଲି ପ୍ରଶ୍ନ ଉଠିଛି। ପ୍ରକାଶ ଥାଉକି ସରକାରୀ ଜାଗା ସୁରକ୍ଷା ଦେବାରେ ସ୍ଥାନୀୟ ରାଜସ୍ୱ ବିଭାଗର ମୁଖ୍ୟ ଭୂମିକା ରହିଥିବା ବେଳେ ରାଇଘର ଅଞ୍ଚଳରେ ଜବରଦଖଲ ପ୍ରକ୍ରିୟା ଜୋର ସୋରରେ ଚାଲିଥିବାରୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**ମେଷ:** କର୍ମକ୍ଷେତ୍ରରେ ପ୍ରତାରିତ ହେବେ। ସହଯୋଗ ଠାରୁ ଅସହଯୋଗର ପରିମାଣ ବଢ଼ିବ। ଅଯଥା ଦୂରଯାତ୍ରା କରିପାରନ୍ତି। ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହେବାର ସୂଚନା। ରୋଜଗାର ଭଲ ହେବ।




**ବୃଷ:** ସହଯୋଗରୁ ଉନ୍ନତି ସାଧିତ ହେବ। ଆୟର ପରିମାଣରେ ଉନ୍ନତି ହେବ। ବନ୍ଧୁ ସହଯୋଗ ଲାଭ କରିବେ। ପାରିବାରିକ ଜଞ୍ଜାଳରୁ ସମାଧାନ ହେବ। ସୁସମ୍ବାଦ ପ୍ରାପ୍ତ ହେବାର ସୂଚନା।



**ମିଥୁନ:** ଦୂରଯାତ୍ରା କରି ସଫଳତା ଲାଭ କରିବେ। ପରିଶ୍ରମର ଫଳ ପାଇ ଉତ୍‌ଫୁଲ୍ଲିତ ହେବେ। କର୍ମଚଞ୍ଚଳ ରହିବେ। ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ କଟିବ। ଆୟର ପରିମାଣ ଖର୍ଚ୍ଚ ସହ ସମାନ ହେବ।




**କର୍କଟ:** କାର୍ଯ୍ୟହାନୀ, ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବତା ଯୋଗ। ମନରେ ଦୁଶ୍ଚିନ୍ତା ବଢ଼ିବ। ଅଳସୁଆମୀ ପ୍ରକାଶ ପାଇବ। ରୋଜଗାରରେ ବାଧା। ପାରିବାରିକ ଶାନ୍ତି ଲାଭ ହେବାର ସୂଚନା।




**ସିଂହ:** ପରିଶ୍ରମ ବୃଦ୍ଧି ପାଇବ। ତଥାପି ଫଳ ଲାଭର ଆଶା କମ୍। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟ ହାନୀ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଗୃହେ ଶାନ୍ତି ଲାଭ ହେବ।



**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସାଫଲ୍ୟତା ପରିମାଣ ଅଧିକ ହେବ। ସାହାଯ୍ୟ ସହଯୋଗ ଲାଭ କରିବେ। ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ। ଆୟ ଓ ବ୍ୟୟ ପୂର୍ବ ପରି ଚାଲିବ। ପାରିବାରିକ ଶାନ୍ତି ଲାଭ କରିବେ।



**ତୁଳା:** ବାକ୍ ସଂଯମତା ରହିବନାହିଁ। କର୍ମକ୍ଷେତ୍ରରେ ବିରକ୍ତି ଭାବ ପ୍ରକାଶ ପାଇବ। ମନରେ ଅହଂକାର ଆସିବ। ଆୟର ପରିମାଣ ସ୍ଥିର ରହିବ। ତରବରିଆ ଭାବେ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ଘରେ ଜଞ୍ଜାଳ ବଢ଼ିବ।



**ବିଛା:** ନିଜର ପ୍ରାଧାନ୍ୟତା ବଢ଼ିବ। ବୁଝି ବିଚାରି ପଦକ୍ଷେପ ନେବାକୁ ପଡ଼ିବ। ପରସ୍ପର ଆଲୋଚନା ଦ୍ୱାରା ଭବିଷ୍ୟତ ଉନ୍ନତି ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଜଞ୍ଜାଳ ବୃଦ୍ଧି ହେବ।



**ଧନୁ:** ମନରେ ଅଯଥା ଦୁଶ୍ଚିନ୍ତା ଉଙ୍କି ମାରିବ। କର୍ମକ୍ଷେତ୍ରରେ ଅସହଯୋଗ ବିରକ୍ତି କରିବ। ସହକର୍ମୀଙ୍କ ସହ ବା କୁଟୁମ୍ବେ କଳହ। ଆୟରେ ବାଧା ଆସିବ। ଶତ୍ରୁଙ୍କ ଠାରୁ ସତର୍କ ରହିବେ।



**ମକର:** ମନରେ ଉତ୍ସାହ ଆସିବ। କର୍ମକ୍ଷେତ୍ରରେ ବେଶ୍ ପ୍ରଶଂସା ପ୍ରାପ୍ତି ହେବ। ପରୋପକାର କରିବେ। ଉଚ୍ଚ ସମ୍ମାନ ପ୍ରାପ୍ତି ହେବ। ଆୟର ପରିମାଣ ବଢ଼ିବ। ଘର ଚିନ୍ତା ମନରୁ ଯିବ।



**କୁମ୍ଭ:** କର୍ମ ସ୍ଥାନରେ ସହଯୋଗ ମିଳିବ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଆଶାବାଦୀ ହେବେ। ଆୟରେ ଉନ୍ନତି ହେବ। ପ୍ରଶଂସିତ ହେବେ। ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ ରହୁଛି।



**ମୀନ:** ଆଜି ଦିନଟି ଆପଣଙ୍କର ଭଲରେ କଟିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟରେ ଉନ୍ନତି ଦେଖାଦେବ। ସମାଜ ସେବାରେ ପ୍ରଶଂସା ଲାଭ କରିବେ। ଘରେ ଆନନ୍ଦ ଦେଖାଦେବ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୯।୯।୨୦୨୫, ଭାଦ୍ରବ ଦି୨୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୨।୫୩ ଚନ୍ଦ୍ରୋଦୟ- ରାଘ ୭।୦୧।୦୬**

**ଦ୍ୱିତୀୟା-** ସଂଘ ୬।୩୦ ପର୍ଯ୍ୟନ୍ତ। **ଉତ୍ତରଭାଦ୍ର ନକ୍ଷତ୍ର-** ସଂଘ ୬।୦୭ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ସଂଘ ୬।୩୦ ପରେ ପୋଟଳ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୦ ଗତେ ଘ ୧୦।୩୦ ମଧ୍ୟେ। ଦିଘ ୧୨।୫୭ ଗତେ ଘ ୧।୨୦ ମଧ୍ୟେ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୦।୯।୨୦୨୫, ଭାଦ୍ରବ ଦି୨୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୩।୦୫ ଚନ୍ଦ୍ରୋଦୟ- ରାଘ ୭।୪୧।୨୩**

**ତୃତୀୟା-** ଦିଘ ୩।୩୮ ପର୍ଯ୍ୟନ୍ତ। **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ଦିଘ ୪।୦୩ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। ଦିଘ ୪।୦୩ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। ଦିଘ ୪।୦୩ ଗତେ ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୩।୩୮ ପରେ ମୂଳା ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଘ ୭।୧୪ ମଧ୍ୟେ। ଦିଘ ୧।୪୬ ଗତେ ଘ ୫।୦୧ ମଧ୍ୟେ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ବିଶ୍ୱ ଉତ୍ତାପନରେ ବୃଦ୍ଧି

ପ୍ରାୟ ୧୦ ବର୍ଷ ତଳେ ଚୀନ୍‌ରୁ ଅନେକ ଫଟୋ ଓ ଭିଡିଓ ସାମ୍ନାକୁ ଆସିଲା, ଯେଉଁଥିରେ ଲୋକଙ୍କୁ ପ୍ରଦୂଷଣକୁ ନେଇ ଚିନ୍ତିତ ଥିବା ଦେଖିବାକୁ ମିଳିଲା । ଶୀତଦିନେ ସ୍ଥିତି ଆହୁରି ଖରାପ ହେଉଥିଲା । ଇତିମଧ୍ୟରେ ସରକାର ଅନେକ ନିୟମ ଲାଗୁ କଲେ। କୋଇଲା ଚାଳିତ କାରଖାନାଠୁ ଆରମ୍ଭ କରି ଗାଡ଼ି ଉପରେ କଠୋର ନିୟମ ଲାଗୁ ହେଲା। ଫଳରେ ୨୦୧୦ରୁ ୧୦ ବର୍ଷ ମଧ୍ୟରେ ସେଠାରେ ବିଷାକ୍ତ ଗ୍ୟାସ୍ ନିର୍ଗମନ ମାତ୍ରା ଖୁବ୍ କମିଗଲା। କିନ୍ତୁ ଏହି ସଫେଇ ପଦକ୍ଷେପ ସୂର୍ଯ୍ୟର ଉତ୍ତାପକୁ ରୋକୁଥିବା ସେହି ସ୍ତରକୁ ହଟାଇଦେଲା। ଅର୍ଥାତ୍ ବିଶ୍ୱ ଉତ୍ତାପନ ବଢ଼ିଲା। ପ୍ରଦୂଷଣ କମିଲେ ଉତ୍ତାପ କେମିତି ବଢ଼େ, ତାହା ବୁଝିବା ପୂର୍ବରୁ ସଦ୍ୟ ଅଧ୍ୟୟନ ବିଷୟରେ ଜାଣିବା ଆବଶ୍ୟକ। କମ୍ୟୁନିକେସନ୍ସ ଆର୍ଥ୍ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ନାମକ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାରେ ଏକ ସଦ୍ୟ ଅଧ୍ୟୟନ ପ୍ରକାଶ ପାଇଛି । ଅଧ୍ୟୟନ ଅନୁସାରେ, ବିଶ୍ୱ ଉତ୍ତାପନରେ ବର୍ତ୍ତମାନ ଯେଉଁ ବୃଦ୍ଧି ପରିଲକ୍ଷିତ ହେଉଛି, ପୂର୍ବ ଏସିଆରେ ସ୍ୱଚ୍ଛତା ମଧ୍ୟ ଏଥିପାଇଁ ଦାୟୀ। ଅଧ୍ୟୟନରେ ଆମେରିକା, ନରୱେ ଓ ବ୍ରିଟେନର ବୈଜ୍ଞାନିକମାନେ ମିଳିତ ଭାବେ କାମ କରିଛନ୍ତି । ସେମାନେ ଜାଣିବାକୁ ପାଇଛନ୍ତି, ୨୦୧୦ରୁ ପରବର୍ତ୍ତୀ ଦଶନ୍ଧିରେ ପୃଥିବୀର ହାରାହାରି ତାପମାତ୍ରା ୦.୨୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ିବା କଥା । କିନ୍ତୁ ପ୍ରକୃତରେ ତାପମାତ୍ରା ୦.୩୩ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଗଲା। ଏହି ଅନ୍ତର ପଢ଼ିବା ଓ ଶୁଣିବା ପାଇଁ କମ୍ ମନେ ହେଉଥାଇପାରେ। କିନ୍ତୁ ବିଶ୍ୱସ୍ତରରେ ବହୁତ ଅଧିକ । ଏହି ବର୍ଦ୍ଧିତ ଗ୍ରାଫ୍‌ରୁ ପ୍ରାୟ ୦.୦୭ ଡିଗ୍ରୀ ଉତ୍ତାପ କେବଳ ପୂର୍ବ ଏସିଆର ସ୍ୱଚ୍ଛ ବାୟୁ ଯୋଗୁ ବଢ଼ିଛି ।

ଅର୍ଥାତ୍ ବାୟୁକୁ ସ୍ୱଚ୍ଛ କରିବାର ପ୍ରୟାସ ଅଜାଣତରେ ବିଶ୍ୱକୁ ଆହୁରି ଉତ୍ତପ୍ତ କରିଛି। କିନ୍ତୁ ଚୀନ୍ ଏମିତି କ'ଣ କଲା ପ୍ରଦୂଷଣକୁ ନେଇ ନିରନ୍ତର ଚାଲିଥିବା ହୋ-ହଲ୍ଲା ମଧ୍ୟରେ ବେଜିଂ ନିଜର କାରଖାନା, ବିଜୁଳିଘର ଓ ଗାଡ଼ିରୁ ହେଉଥିବା ପ୍ରଦୂଷଣ ରୋକିବା ଉପରେ ଧ୍ୟାନ ଦେଲା । ଖାସ୍‌କରି ସଲ୍‌ଫର ଡାଇଅକ୍ସାଇଡ୍ ନାମକ ଗ୍ୟାସ୍‌କୁ କମାଇବା ଉପରେ ଫୋକସ୍ କଲା, ଯାହା ବାୟୁ ପ୍ରଦୂଷଣର ବଡ଼ କାରଣ । କୋଇଲାରୁ ପରିଚାଳିତ ପ୍ଲାଣ୍ଟ୍‌ଗୁଡ଼ିକୁ ବନ୍ଦ କରାଗଲା । କାରଖାନା ପାଇଁ କଡ଼ା ନିୟମ ଲାଗୁ ହେଲା। ଏହା ଦ୍ୱାରା ବାୟୁ ପରିଷ୍କାର ହେବାକୁ ଲାଗିଲା । କିନ୍ତୁ ବିଶ୍ୱ ଉପରେ ଏହାର ଓଲଟା ପ୍ରଭାବ ପଡ଼ିଲା। ବାୟୁରେ ଉପସ୍ଥିତ ସଲଫର ଡାଇଅକ୍ସାଇଡ୍‌ର କଣିକାକୁ ଏରୋସୋଲ୍ ମଧ୍ୟ କୁହାଯାଏ । ସୂର୍ଯ୍ୟର ଉତ୍ତାପ ଏହି କଣିକାରେ ବାଜି ପୁଣି ଫେରିଯାଏ। ଏହା ଦ୍ୱାରା ପୃଥିବୀରେ ସୂର୍ଯ୍ୟର ସେହି ତାପମାତ୍ରା ପହଞ୍ଚିପାରେ ନାହିଁ। ଚୀନ୍ ଯେତେବେଳେ ବାୟୁରୁ ଏରୋସୋଲ୍ ହଟାଇଦେଲା, ପରଦା ହଟିବାରୁ ଉତ୍ତାପ ସିଧା ତଳକୁ ପହଞ୍ଚିଲା। ବିଶ୍ୱ ତାପମାତ୍ରାରେ ଅତିରିକ୍ତ ବୃଦ୍ଧିରେ କେବଳ ଚୀନ୍ ନୁହେଁ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶ ମଧ୍ୟ ସାମିଲ । ଏ ସମସ୍ତ ଦେଶ ମିଶି ସୋଲାର ଜିଓଇଞ୍ଜିନିୟରିଙ୍ଗ କରୁଛନ୍ତି। ଏହାର ଅର୍ଥ ଜାଣିଶୁଣି ବାୟୁରେ ଏଭଳି କଣିକା(ଏରୋସୋଲ୍) ଛାଡ଼ିବା, ଯାହା ସୂର୍ଯ୍ୟ ରଶ୍ମିକୁ ଫେରାଇଦେବ। ଆଗ୍ନେୟଗିରି ବିସ୍ଫୋରଣକୁ ଦେଖି ଏହି ବିଚାର ସେମାନଙ୍କ ମନକୁ ଆସିଲା । ଯେତେବେଳେ କୌଣସି ବଡ଼ ବିସ୍ଫୋରଣ ହୁଏ, ଆଖପାଖରେ ଧୂଳି ଓ ଧୂଆଁ ବ୍ୟାପିଯାଏ। ଏହା ପରେ ଉକ୍ତ କ୍ଷେତ୍ରର ତାପମାତ୍ରା ବହୁତ ଦିନ ପର୍ଯ୍ୟନ୍ତ କମ୍ ରହେ। ଏଥିରୁ ଉପରୋକ୍ତ ଦେଶ ସୋଲାର ଜିଓଇଞ୍ଜିନିୟରିଙ୍ଗ୍‌ର ବିଚାର ପାଇଲେ। ଏହି ବିଚାରକୁ ନେଇ ୨୦୨୨ରେ ମେକ୍ସିକୋରେ ସବୁଠୁ ବଡ଼ ପ୍ରୟୋଗ ହେଲା । ଏକ ଆମେରିକୀୟ କମ୍ପାନି ତାପମାତ୍ରା ହ୍ରାସ କରିବା ଲାଗି ଚୁପ୍‌ଚାପ୍ ବାୟୁରେ ସଲ୍‌ଫର ଡାଇଅକ୍ସାଇଡ୍‌ପୂର୍ଣ୍ଣ ବେଲୁନ୍ ଛାଡ଼ିଲା । କିନ୍ତୁ ମାମଲା ସାମ୍ନାକୁ ଆସିବା ପରେ ହଙ୍ଗାମା ହେଲା । ମେକ୍ସିକୋର ବୈଜ୍ଞାନିକମାନେ ବିରୋଧ କଲେ । ଏରୋସୋଲ୍‌ର ସନ୍ତୁଳନ ବିଗିଡ଼ିଲେ, ଭୟଙ୍କର ବର୍ଷା-ମରୁଡ଼ି କିମ୍ବା ଅତିଶୟ ଥଣ୍ଡା ଭଳି ଅନେକ ଚରମ ସ୍ଥିତି ଉପୁଜିବ ବୋଲି ଚେତାବନୀ ଦେଲେ । ଶେଷରେ କମ୍ପାନି ପ୍ରୟୋଗକୁ ବନ୍ଦ କରିଦେଲା। କିନ୍ତୁ ବିଶ୍ୱ ଉତ୍ତାପନକୁ ରୋକିବା ପାଇଁ ଏହି ନୂଆ କୌଶଳ ଚର୍ଚ୍ଚାକୁ ଆସିଲା । ବାୟୁ ପ୍ରଦୂଷଣକୁ ହ୍ରାସ କରିବାର ଏହି ଉପାୟ ଭୁଲ ନୁହେଁ । କିନ୍ତୁ ସଲ୍‌ଫର ଡାଇଅକ୍ସାଇଡ୍ ସହିତ କାର୍ବନ୍ ଡାଇଅକ୍ସାଇଡ୍ ଓ ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍‌ଗୁଡ଼ିକୁ ମଧ୍ୟ କମାଇବା ଜରୁରି, ଯାହା ଯୋଗୁ ବିଶ୍ୱ ତାପନ ବଢୁଛି।

# ନୀଳକ୍ରାନ୍ତି ଓ ସାମାଜିକ ପରିବର୍ତ୍ତନ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଏବେ ଭାରତୀୟ ରାଜନୀତିରେ ନୀଳ ରଙ୍ଗର ଚାହିଦା ବେଶ ବଢ଼ିବାରେ ଲାଗିଛି । ଅନେକ ସମୟରେ ଦେଖାଯାଇଛି ସଭା ଓ ଶୋଭାଯାତ୍ରା ନୀଳମୟ ହୋଇଯାଉଛି। ବିଶେଷକରି ଭୀମବାଦୀ ରାଜନୈତିକ ଦଳ ଓ ସଂଗଠନଗୁଡିକ ନୀଳ ପତାକାର ବ୍ୟବହାର ବହୁଳଭାବେ କରିଥାନ୍ତି। ଏମାନେ ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରନ୍ତି ଏବଂ ତାଙ୍କ ପ୍ରଦର୍ଶିତ ରାଜନୈତିକ ଓ ସାମାଜିକ ମାର୍ଗରେ ନିଜକୁ ପରିଚାଳିତ କରନ୍ତି। ଯୁଆଡେ ଯାଆନ୍ତି 'ଜୟ ଭୀମ୍' ନାରା ପକାନ୍ତି। ବିଭିନ୍ନ କାର୍ଯ୍ୟକ୍ରମରେ ନୀଳ ପତାକା ଉଡ଼ାନ୍ତି ଓ କାନ୍ଧରେ ନୀଳ ଗାମୁଛା ପକାନ୍ତି।

ଏମାନଙ୍କ ମତରେ ନୀଳ ରଙ୍ଗ ହେଉଛି ସମାନତା ଓ ଜ୍ଞାନର ପ୍ରତୀକ। ଆକାଶ ହେଉଛି ନୀଳ ଓ ଅସୀମ। ଏହା ସମସ୍ତଙ୍କ ପାଇଁ ସମାନ। ଏହା କାହାକୁ ଭେଦଭାବ କରେନାହିଁ। ଭାରତୀୟ ସମାଜ ନୀଳ ଆକାଶ ତୁଲ୍ୟ ଭେଦଭାବ ରହିତ ହେବା ଆବଶ୍ୟକ। ଆଉ କେତେକ ନୀଳ ରଙ୍ଗକୁ ସମୁଦ୍ରର ଜଳରାଶି ସହିତ ତୁଳନା କରନ୍ତି। ଏହା ଭାରତବର୍ଷର ସଂଖ୍ୟାଧିକ ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ ପ୍ରତିନିଧିତ୍ୱ କରେ। ଏବେ ତ ଏମାନଙ୍କ ସହିତ ସଂଖ୍ୟାଲଘୁମାନଙ୍କୁ ମଧ୍ୟ ମିଶାଯାଉଛି। ପୃଥିବୀ ପୃଷ୍ଠରେ ଶତକଡା ୭୦ ଭାଗରୁ ଉର୍ଦ୍ଧ୍ୱ ହେଉଛି ଜଳ, ସେହିପରି ଦେଶରେ ଶତକଡ଼ା ୮୫ ଭାଗରୁ ଉର୍ଦ୍ଧ୍ୱ ହେଉଛନ୍ତି ଏମାନେ। ସମୁଦ୍ରର ରଙ୍ଗ ଯେଉଁପରି ନୀଳ, ତେଣୁ ସଂଖ୍ୟାଧିକ ଅର୍ଥରେ ଏମାନେ ନୀଳ ରଙ୍ଗର ବ୍ୟବହାର କରନ୍ତି। ଆମ୍ବେଦକରଙ୍କ ସୁଟର ରଙ୍ଗ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ରିପବ୍ଲିକାନ ପାର୍ଟି ଅଫ୍ ଇଣ୍ଡିଆ'ର ପତାକା ଥିଲା ନୀଳ ରଙ୍ଗର। ତେଣୁ ତାଙ୍କ ଅନୁଗାମୀମାନେ ନୀଳ ରଙ୍ଗକୁ ଆପଣାଇ ଥାଆନ୍ତି। ଏବେ ରାଜନୈତିକ ମହଲରେ 'ନୀଳ କ୍ରାନ୍ତି' କହିଲେ ଆମ୍ବେଦକରବାଦୀ ଆନ୍ଦୋଳନକୁ ବୁଝାଏ।

ନୀଳ କ୍ରାନ୍ତି କେବଳ ଏକ ରାଜନୈତିକ ଆନ୍ଦୋଳନ ନୁହେଁ। ଏହା ଏକ ସାମଗ୍ରିକ ବିପ୍ଳବର ରୂପରେଖ। ଏହା ସମ୍ପୂର୍ଣ୍ଣ ବ୍ୟବସ୍ଥା ପରିବର୍ତ୍ତନକୁ ସୂଚୀତ କରେ। ଯେଉଁଥିରେ ରାଜନୈତିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବର୍ତ୍ତନ ସନ୍ନିବେଶିତ। ତେବେ ଏ ସମସ୍ତର ସର୍ବାଗ୍ରେ ରହିଛି ରାଜନୈତିକ ଆନ୍ଦୋଳନ। କାରଣ ଯେକୌଣସି ଆନ୍ଦୋଳନ ରାଜନୈତିକ ରୂପ ନନେଲା ପର୍ଯ୍ୟନ୍ତ ତାହା ସଫଳତା ଲାଭ କରିପାରେ ନାହିଁ। ବିଶ୍ୱରେ ଯେତେ ସଫଳ ବିପ୍ଳବ ଅନୁଷ୍ଠିତ ହୋଇଯାଇଛି ତାହା ପଛରେ ରହିଛି ରାଜନୈତିକ ଶକ୍ତିର ବିସ୍ତାର। ବିପ୍ଳବୀମାନେ ଏହାରି ମାଧ୍ୟମରେ ନିଜେ ରାଜନୈତିକ କ୍ଷମତାକୁ ଅକ୍ତିୟାର କରନ୍ତି । ଶାସନ କ୍ଷମତା ହାତମୁଠାକୁ ନେବାପରେ ତାଙ୍କୁ ନିଜ ସପକ୍ଷରେ ନିୟମ ତିଆରି କରିବାକୁ ସହଜ ହୁଏ।

ଏହି ପ୍ରସଙ୍ଗରେ ଡକ୍ଟର ଆମ୍ବେଦକରଙ୍କ ପ୍ରସିଦ୍ଧ ଉକ୍ତି ଉଲ୍ଲେଖଯୋଗ୍ୟ। ସେ ଆନ୍ଦୋଳନର ସନ୍ଦର୍ଭରେ କହିଥିଲେ 'ରାଜନୀତି ହେଉଛି ସମସ୍ତ ତାଲାର ମୂଳ ଚାବିକାଠି'। ତାଙ୍କ କହିବାର ଉଦ୍ଦେଶ୍ୟ ଥିଲା ଯେ ଦେଶରେ ବ୍ୟବସ୍ଥାର ପରିବର୍ତ୍ତନ ଆଣିବାକୁ ହେଲେ, ଅର୍ଥାତ୍ ସାମାଜିକ ଅସମ ସମାଜକୁ ବଦଳାଇ ଏକ ସମତାଭିତ୍ତିକ ସମାଜ ପ୍ରତିଷ୍ଠା କରିବାକୁ ହେଲେ ସମତାକାମି ଆନ୍ଦୋଳନକାରୀମାନଙ୍କୁ ରାଜନୈତିକ କ୍ଷମତା ଦଖଲ କରିବାକୁ ପଡିବ। ଏହାରି ମାଧ୍ୟମରେ କଠୋର ନିୟମ ତିଆରି କରି ଏକ ଭେଦଭାବ ରହିତ ସମତା ଓ ମମତା ଉପରେ ପ୍ରତିଷ୍ଠିତ ପ୍ରଜ୍ଞାଶୀଳ ଓ ନ୍ୟାୟପୂର୍ଣ୍ଣ ସମାଜର ସ୍ଥାପନ କରିହେବ। ଯେତେ ପର୍ଯ୍ୟନ୍ତ ଏମାନେ ରାଜନୈତିକ ଶକ୍ତିରେ ପରିଣତ ନହୋଇଛନ୍ତି ସେତେଦିନ ପର୍ଯ୍ୟନ୍ତ ଏମାନଙ୍କ ସଂଗ୍ରାମ ଅଧୁରା ହୋଇ ରହିବ। ରାଜନୈତିକ କ୍ଷମତା ଦଖଲ ବିନା ସାମାଜିକ ପରିବର୍ତ୍ତନ ଆନ୍ଦୋଳନ ଆଦୌ ସଫଳ ହେବ ନାହିଁ ବୋଲି ସେ ବାରମ୍ବାର ସୂଚାଇଦେଇ ଯାଇଛନ୍ତି। ତେଣୁ ରାଜନୀତି କ୍ଷେତ୍ରରେ ବ୍ୟବସ୍ଥାଗତ ପରିବର୍ତ୍ତନ ଅର୍ଥ ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ଆମ୍ବେଦକରଙ୍କ ପ୍ରଦର୍ଶିତ ରାଜନୈତିକ ମାର୍ଗରେ ନିଜକୁ ପରିଚାଳିତ କରିବା ଓ ସମସ୍ତ ବର୍ଗକୁ ରାଜନୀତିରେ ସମାନ ଭାଗିଦାରୀ କରାଇବା।

ତାଙ୍କ ମତରେ ରାଜନୀତି କେବଳ ଦେଶ ଶାସନର ବ୍ୟବସ୍ଥା ନୁହେଁ, ଏହା ସମାଜକୁ ଓ ସାମାଜିକ ମାନସିକତାକୁ ପରିବର୍ତ୍ତନ କରିବାର ମାଧ୍ୟମ ମଧ୍ୟ। ସମାଜର ଦୋଷ ଦୁର୍ବଳତାକୁ ହଟାଇ ସାମାଜିକ ଜୀବନକୁ ସରସସୁନ୍ଦର ଓ ନ୍ୟାୟପୂର୍ଣ୍ଣ ସହାବସ୍ଥାନକୁ ସୁନିଶ୍ଚିତ କରିଥାଏ। ବଞ୍ଚିତ ଓ ଶୋଷିତ ବର୍ଗକୁ ସୁରକ୍ଷା ପ୍ରଦାନ କରେ। ସମସ୍ତଙ୍କୁ ସମାନ ସମ୍ମାନର ଅଧିକାରୀ କରାଏ। ରାଜନୈତିକ କ୍ଷମତା ମାଧ୍ୟମରେ ସମସ୍ତ ସାମାଜିକ ଆବିଳତାକୁ ଦୂର କରାଯାଇ ପାରିବ। ସମାଜରେ ପରିବ୍ୟାପ୍ତ ଜାତିବାଦକୁ ହଟାଯାଇ ପାରିବ ଓ ଜାତିରହିତ ସମାଜର ମୂଳଦୁଆ ପକାଯାଇ ପାରିବ। ଜାତି ନାମରେ ହେଉଥିବା ଅତ୍ୟାଚାର ଓ ଶୋଷଣକୁ କୋଠର ହସ୍ତରେ ଦମନ କରିବାରେ ସହାୟକ ହେବ। ସାମାଜିକ ଭେଦଭାବକୁ ଦୂର କରାଯାଇ ପାରିବ। ରୁଢ଼ିବାଦୀ ସାମାଜିକ ଢାଞ୍ଚାକୁ ଧ୍ୱଂସ କରାଯାଇ ପାରିବ ଓ ପ୍ରଗତିଶୀଳ ମାର୍ଗରେ ସମାଜକୁ ପରିଚାଳିତ କରାଯାଇ ପାରିବ। ଶିକ୍ଷାର ବ୍ୟାପକ ପ୍ରସାର ସାମାଜିକ ପରିବର୍ତ୍ତନରେ ସହାୟକ ହେବ। ବର୍ତ୍ତମାନର ପରିପ୍ରେକ୍ଷୀରେ ସର୍ବାଧିକ ଅଶିକ୍ଷିତ ଅନଗ୍ରସର ସମାଜରେ ରହିଛନ୍ତି। ସମସ୍ତଙ୍କୁ ଉଚ୍ଚ ଶିକ୍ଷିତ କରିବା ପ୍ରାଥମିକତା ହେବ। ବାବାସାହେବ ଶିକ୍ଷାର ପ୍ରସାର ଓ ନିଶା ନିବାରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ଗୋଟିଏ ଅଙ୍ଗୀକାରବଦ୍ଧ ସରକାର ଦ୍ୱାରା ଏହା ସମ୍ଭବପର। ସାମାଜିକ ପରିବର୍ତ୍ତନ ନୀଳ କ୍ରାନ୍ତିର ଅନ୍ତର୍ଗତ ଅଟେ। ବିଷମ ସମାଜର କବର ଓ ସୁଷମ ସମାଜର ପ୍ରାରମ୍ଭ ଏହାର ମୂଳ ଲକ୍ଷ୍ୟ।

ବର୍ତ୍ତମାନର ପରିପ୍ରେକ୍ଷୀରେ ଆର୍ଥିକ ବିଷମତା ସାମାଜିକ ବିଷମତାର ଅନ୍ୟତମ କାରଣ। ସମାଜର ତଳ ସ୍ତରରେ ଥିବା ଜାତିମାନଙ୍କର କ୍ଷୀପ୍ର ଆର୍ଥିକ ବିକାଶ ଏ ବିଷମତାକୁ ହଟାଇବାରେ ସହାୟକ ହେବ। ଏଦିଗରେ ଅନଗ୍ରସର ବର୍ଗକୁ ଅଗ୍ରସର ବର୍ଗ ସହିତ ସମକକ୍ଷ କରିବାକୁ ଯୋଜନା ପ୍ରସ୍ତୁତ କରିବାକୁ ହେବ। ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଚାକିରୀରେ ଅନଗ୍ରସର ବର୍ଗକୁ ସମାନୁପାତିକ ସ୍ଥାନ ଦେବାକୁ ହେବ। ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏମାନଙ୍କ ଯୋଗଦାନକୁ ପ୍ରୋତ୍ସାହିତ କାରିବାକୁ ପଡିବ। ଭୂମି ସୁଧାର ମାଧ୍ୟମରେ ଭୂମିହୀନ ଚାଷୀଙ୍କୁ ଚାଷଜମି ଯୋଗାଇ ଦେବାକୁ ହେବ। ଆର୍ଥିକ ଦୃଷ୍ଟିରୁ ଏମାନଙ୍କ ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ପଡିବ। ଆର୍ଥିକଭାବେ ସମସ୍ତ କ୍ଷେତ୍ରରେ ଏମାନେ କିପରି ସମାନ ଭାଗିଦାରୀ ହେବେ ସେଥିପାଇଁ ଯୋଜନା ପ୍ରସ୍ତୁତ କାରିବାକୁ ପଡିବ। ପୁଞ୍ଜିବାଦୀ ବ୍ୟକ୍ତିକେନ୍ଦ୍ରୀକ ଅର୍ଥନୀତିକୁ ପରିତ୍ୟାଗ କରି ଗ୍ରାମାଭିମୁଖୀ ଅର୍ଥନୀତିକୁ ଗ୍ରହଣ କରିବାକୁ ହେବ।

ସାଂସ୍କୃତିକ ସଂସ୍କାର ଦ୍ୱାରା ଭାରତୀୟ ସମାଜର ବ୍ୟବସ୍ଥାଗତ ପରିବର୍ତ୍ତନ ସମ୍ଭବପର। ଏ ଦିଗରେ ନବ ସାଂସ୍କୃତିକ ଆନ୍ଦୋଳନର ଆବଶ୍ୟକତା ରହିଛି। ରୁଢ଼ିବାଦୀ ସାଂସ୍କୃତିକ ଚେତନାକୁ ଛାଡ଼ି ବିଜ୍ଞାନବାଦୀ ସାଂସ୍କୃତିକ ଚେତନାକୁ ଅପଣାଇବାକୁ ପଡିବ। ସମତା, ମମତା, ସ୍ୱତନ୍ତ୍ରତା, ସତ୍ୟ, ଅହିଂସା ଓ ନ୍ୟାୟ ଆଧାରିତ ନବ ସାଂସ୍କୃତିକ ଅବଧାରଣା ଜାଗ୍ରତ କରିବାକୁ ପଡ଼ିବ। ଆଧୁନିକତାର ସହିତ ତାଳ ଦେଇ ବିଜ୍ଞାନର ଅନୁସରଣରେ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଯିବ। ଭାରତୀୟ ସମାଜରେ ଥିବା ବର୍ଣ୍ଣବାଦ୍ ଓ ଏହାକୁ ନେଇ ଗଢ଼ିଉଠିଥିବା ଜାତିବାଦକୁ ନେଇ ଡ.ଆମ୍ବେଦକର କ୍ଷୁବ୍ଧ ଥିଲେ। ଏହା ସାମାଜିକ ତାଡନା ଓ ଅସମାନତାର ମୂଳକାରଣ। ଶେଷରେ ସେ କ୍ଷୋଭର ସହିତ ହିନ୍ଦୁଧର୍ମ ଛାଡ଼ି ବୌଦ୍ଧଧମ୍ମରେ ଦିକ୍ଷିତ ହୋଇଥିଲେ। ତେଣୁ ବୌଦ୍ଧଧମ୍ମ ପ୍ରତି ଅନୁକମ୍ପା ନୀଳ କ୍ରାନ୍ତିର ଅନ୍ୟତମ ଅଂଶବିଶେଷ ଅଟେ। ନୀଳ କ୍ରାନ୍ତିର ଲକ୍ଷ୍ୟ ଇଉରୋପ ତୂଲ୍ୟ ଭାରତରେ ରେନାଁସାର ସୂତ୍ରପାତ କରିବା। ସମସ୍ତ ନକାରାତ୍ମକ ବିଷୟଗୁଡ଼ିକୁ ହଟାଇ ଉପଯୁକ୍ତ ଯୋଜନା ମାଧ୍ୟମରେ ଏକ ସମତାଭିତ୍ତିକ ତର୍କସମ୍ମତ ପ୍ରଗତିଶୀଳ ବୌଦ୍ଧିକ ସମାଜ ଗଠନ କରିବା। ଭୀମବାଦୀ ଯୁବ-ଛାତ୍ର ସଂଗଠନ, ବୁଦ୍ଧିଜିବୀ ଓ ସାମାଜିକ କର୍ମୀଙ୍କୁ ନେଇ ଏକ ବୌଦ୍ଧିକ ଗୋଷ୍ଠୀ ଗଠନ କରିଆରେ ଏହା ସମ୍ଭବପର, ଯେଉଁମାନେ ଏ କ୍ରାନ୍ତିକୁ ଆଗେଇ ନେବେ। ଏ କ୍ରାନ୍ତି କେତେ ସଫଳ ହେବ ତାହା ଏବେଠାରୁ କହିବା ସମ୍ଭବପର ନୁହେଁ। ତେବେ ଏହାର ଗଭୀର ପ୍ରଭାବ ନିଶ୍ଚୟ ଅନୁଭୂତ ହେବ।

# ସାକ୍ଷରତା ହିଁ ବିକାଶର ପରିମାପକ



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ – ୯୩୩୭୨୨୧୯୨୪

ସାକ୍ଷରତା ହିଁ ବିକାଶର ପରିମାପକ। ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ। ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ । କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ । ଲୋକପ୍ରିୟ କାହାଣୀ କୁହେ – "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ" । ଏଥିରୁ ସାକ୍ଷରତାର ଗୁରୁତ୍ୱ ସ୍ପଷ୍ଟ ଅନୁମେୟ। ସାକ୍ଷରତା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୟୁନେସ୍କୋ ତରଫରୁ ୧୯୬୬ ମସିହାରେ ସେପ୍ଟେମ୍ବର ୮ତାରିଖକୁ ଆନ୍ତର୍ଜାତିକ ସାକ୍ଷରତା ଦିବସରୂପେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବିକ ବିକାଶର ମାଧ୍ୟମ ଅଟେ । ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ଚଳିତ ବର୍ଷ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଇଁ ବିଷୟବସ୍ତୁ ଥିଲା-- (ଡିଜିଟାଲ ଦୁନିଆରେ ସାକ୍ଷରତାକୁ ପ୍ରୋତ୍ସାହନ) । ବିଶେଷକରି କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତା ଶିକ୍ଷଣ ସ୍ଥାନ ଗୁଡ଼ିକ ପରିବର୍ତ୍ତନ ଉପରେ ଗୁରୁତ୍ୱ ଆହୁରି ବଢିଯାଇଅଛି। କାରଣ ଏହା ଦ୍ୱାରା ସାକ୍ଷରତା ବୃଦ୍ଧି କରିବା ସହଜ ହେବ। ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପାଞ୍ଚ ଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଜଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ । ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୁପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ୍ୟ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି।

ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ନୁହେଁ । ଗୋଟିଏ ଲୋକକଥା ଅଛି – "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ" । ଦିନେ କେବେ ବ୍ୟାସକବି ଫକିର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା ବୁଢୀ ମା କହିଥିଲା – ରେବତୀ ପାଠ ପଢିବ ! ଘର ଉଜୁଡି ଯିବ । ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢିଛି । ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି। ତଥାପି ସଂଗ୍ରାମ ସରିନାହିଁ । ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅଣ୍ଟାଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି। ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି । ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍। କାରଣ ନାରୀ ଜାଗିଲେ, ପରିବାର ଜାଗିବ, ପରିବାର ଜାଗିଲେ, ଦେଶ ଜାଗିବ ଓ ଦେଶ ଜାଗିଲେ, ବିଶ୍ୱ ଜାଗିବ। ଏକଥା ଆମକୁ ମନେ ରଖିବାକୁ ହେବ। କୁହାଯାଏ- "ପଢିଲେ ଜାଣିବା, ଜାଣିଲେ ଜିଣିବା"। ସାକ୍ଷରତାକୁ ପ୍ରୋତ୍ସାହନ ଦିଆଗଲେ ସାକ୍ଷରତା ହାର ବୃଦ୍ଧି ପାଇବା ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

# ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଅଶାନ୍ତ ବାତାବରଣ ଓ ଏହାର ନିରାକରଣ



ପ୍ରଦୀପ୍ତ କୁମାର କର
ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର
ଭୁବନେଶ୍ୱର
ମୋ-୯୪୩୭୦୮୪୩୧୨

ବର୍ତ୍ତମାନର ଉତ୍କଳ ବିଶ୍ୱବିଦ୍ୟାଳୟ ଯାହାକି ଅନେକ ସମସ୍ୟାର ଜାଲରେ ଛନ୍ଦି ହୋଇ ରହି ନିଜର ସମ୍ମାନ ହରାଇ ବସିଛି କିନ୍ତୁ ଦିନ ଥିଲା ସାରା ବିଶ୍ୱରେ ଏହା ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଆଖ୍ୟା ବହନ କରିଥିଲା ଓ ଅନେକ ବିଦ୍ୟାର୍ଥୀ ଓ ବିଦ୍ୱାନ ଏଠାକୁ ଗବେଷଣା ଓ ବିଦ୍ୟା ଅର୍ଜନ କରିବାକୁ ଅଗ୍ରାଧିକାର ଭିତ୍ତିରେ ସ୍ୱତନ୍ତ୍ର ସ୍ଥାନ ଦେଇ ଏଠାକୁ ଆସୁଥିଲେ । ଦେଶ ଭିତର ଓ ବିଦେଶରୁ ମଧ୍ୟ ଅନେକ ଛାତ୍ର, ଛାତ୍ରୀ ଏଠାରେ ଅଧ୍ୟୟନ କରିବାକୁ ଆସୁଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସ ଗୁଡ଼ିକର ଅବସ୍ଥା ଅନେକ ଗୁରୁତର ଅବସ୍ଥାରେ ରହିଛି। ପ୍ରବାସୀ ଭାରତୀୟ ସମ୍ମିଳନୀ ସମୟରେ ସାରା ଭୁବନେଶ୍ୱରକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ଅନେକ ସ୍ଥାନରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ରଙ୍ଗ ଦିଆଯାଇଥିଲା କିନ୍ତୁ ଆମ ଦେଶର ଏକ ପ୍ରସିଦ୍ଧ ଓ ପୁରାତନ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରୁ ଆରମ୍ଭ କରି ଆପୋଲ ହସ୍ପିଟାଲର ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଯେଉଁ ବିଶାଳ ବସ୍ତିଟି ସଗର୍ବରେ ଠିଆ ହୋଇଛି ସେଥିପାଇଁ କିଛି ପଦକ୍ଷେପ ନିଆଗଲା ନାହିଁ । ଏବେ ବି ସେହି ବିରାଟ ବସ୍ତି ଓ ଅସାମାଜିକ ଲୋକଙ୍କ ବାସସ୍ଥଳୀ ହୋଇ ରହିଛି । କେଉଁ ଯୁଗରୁ କେଜାଣି ଯାହାର କି କୌଣସି ହିସାବ ନାହିଁ ବାଣୀବିହାରର ଛାତ୍ରାବାସ ଗୁଡ଼ିକରେ ଛାତ୍ର ମାନେ ପାସ କଲା ପରେ ମଧ୍ୟ ନୂତନ ଛାତ୍ର ମାନଙ୍କ ସହିତ ସଲାସୁତୁରା କରି ରହନ୍ତି ଓ ଅନେକ ସମୟରେ ସେହି ଅଣ ଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଗଣ୍ଡଗୋଳ ସୃଷ୍ଟି ହୋଇ କଥା ଅନେକ ବାଟକୁ ଚାଲି ଯାଏ । ଏବେ ବାଣୀବିହାର ପରିସରରୁ ଜଣେ କର୍ମଚାରୀଙ୍କ ସରକାରୀ ଘରୁ ନିଶା ଦ୍ରବ୍ୟ ଧରା ପଡ଼ିବା ପରେ ହିଁ ଏଠାରୁ ନିଶା କାରବାର ହେଉଥିଲା ବୋଲି ଜଣା ପଡିଛି। ଏହି ପରିପ୍ରେକ୍ଷୀରେ ଛାତ୍ରାବାସ ଗୁଡ଼ିକୁ ତଲାଶ କରିବାରୁ ଜଣା ପଡ଼ିଲା ଯେ ଅନେକ ଅଣଛାତ୍ର ସେଠାରେ ରହି କିଏ କେତେ ପ୍ରକାରର କାମ କରୁଛନ୍ତି ଓ ସେଠାରେ ରହୁଛନ୍ତି । ଛାତ୍ରାବାସରୁ ଅଣ ଛାତ୍ରମାନଙ୍କୁ ବାହାର କରିବାକୁ କୁଳପତି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସେହି ଅଣଛାତ୍ରମାନେ ଯୁକ୍ତି ବାଢ଼ିଥିଲେ ଯେ ସେମାନେ ଦିନେ ଏଠାରେ ଛାତ୍ର ଥିଲେ ଓ ଏବେ କୌଣସି କାରଣରୁ ଅର୍ଥ ଅଭାବରୁ ଏଠି ବର୍ତ୍ତମାନର ଛାତ୍ରମାନଙ୍କ ସହିତ ରହି ନିଜକୁ ଭବିଷ୍ୟତର ବିଭିନ୍ନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛନ୍ତି । କିନ୍ତୁ ଏହା କୌଣସି ପ୍ରକାରରେ ଯୁକ୍ତି ଯୁକ୍ତ ନୁହେଁ । ଏତେ ବଡ ବିଶ୍ୱ ବିଦ୍ୟାଳୟ ଯାହାର ପରିସୀମା ପ୍ରାୟ ୪୦୦ ଏକର ଜମି ତାହା ର ସୁଦୃଢ଼ ପାଚେରୀ ନାହିଁ । ଯିଏ ଯେଉଁ ଆଡୁ ପାରିଲା ପଶିଗଲା । ବିଶ୍ୱବିଦ୍ୟାଳୟ ପରିସର ମଧ୍ୟ ଜବରଦଖଲରୁ ମୁକ୍ତ ନୁହେଁ । କିଛି ଅବସର ପ୍ରାପ୍ତ କର୍ମଚାରୀ ଚାକିରି ଥିବା ସମୟରେ ପାଇଥିବା ସରକାରୀ ଆବାସର ପଛ ପଟେ ଆଉ ଏକ ଘର କରି ଅବସର ଗ୍ରହଣ ପରେ ସେଠାରେ ରହିଛନ୍ତି , ଆଉ କେତେକ ନିଜ ସରକାରୀ ଆବାସକୁ ଭଡ଼ା ଲଗାଇ ଅନ୍ୟ ଜାଗାରେ ରହିଛନ୍ତି ଯାହାକୁ ନେଇ ଅନଧିକାର ଭାବରେ ରହୁଥିବା ଲୋକ ମାନେ କୁଳପତିଙ୍କ ପାଖରେ ଦାବି ଜଣାଇଛନ୍ତି ଯେ ଛାତ୍ରାବାସରୁ ଜବରଦସ୍ତ ଦଖଲ କରି ରହିଥିବା ଅନେକ ଲୋକଙ୍କୁ ଯଦି ବାହାର କରାଯାଏ ତେବେ ପ୍ରଥମେ ଯେଉଁ କର୍ମଚାରୀ ମାନେ ଅବସର ପରେ ମଧ୍ୟ କ୍ୱାର୍ଟର ଗୁଡ଼ିକୁ ମାଡି ବସିଛନ୍ତି ତାଙ୍କୁ ହଟାଯାଉ । ସେ ଯାହା ବି ହେଉଛି ଓଡ଼ିଶାର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟର ଯଦି ଏପରି ଅବସ୍ଥା ତେବେ କାହାକୁ କହିବା । ଏଥିରେ ରାଜ୍ୟ ସରକାର ଓ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ କଠୋର ପଦକ୍ଷେପ ନେବା ଉଚିତ୍। ତା ସହିତ ବିଶ୍ୱବିଦ୍ୟାଳୟର ଚାରିପାଖରେ ଥିବା ପାଚେରୀକୁ ମଜଭୁତ କରାଯାଇ ଉଚ୍ଚା କରାଇ ଲୁହା କଣ୍ଟା ଘେରାଉ କରିବା ଉଚିତ୍ ଯାହା ଫଳରେ ହଠାତ୍ କେହି ଡେଇଁ ପଶି ପାରିବ ନାହିଁ। ସାରା ପରିସରକୁ ଓ ତତ୍ ସହିତ ସବୁ ଛାତ୍ରାବାସକୁ CC tvରେ ସଂଯୋଗ କରିବା ନିହାତି ଆବଶ୍ୟକ। ୨୪ ଘଣ୍ଟା ପୁରା ବିଶ୍ୱବିଦ୍ୟାଳୟ ପରିସରକୁ ସ୍ୱତନ୍ତ୍ର ସମ୍ବେଦନଶୀଳ ଅଞ୍ଚଳ ଘୋଷଣା କରି ସ୍ୱତନ୍ତ୍ର ପୋଲିସ ପହରାର ବନ୍ଦୋବସ୍ତ କରିବା ଦରକାର । ଛାତ୍ରାବାସର ପରିଚାଳନା ଦାୟିତ୍ୱ ଛାତ୍ର ଓ ବିଶ୍ୱବିଦ୍ୟାଳୟ ଅଧିକାରୀ ମାନଙ୍କ ଦ୍ୱାରା ହେବା ଦରକାର । ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଅନେକ ସରକାରୀ ଆବାସରୁ ବିଶ୍ୱବିଦ୍ୟାଳୟ ପାଚେରୀ ଆରପାଖେ ଥିବା ବିଶାଳ ବସ୍ତିକୁ ଏହି ସରକାରୀ ଆବାସରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି ଯାହା ଫଳରେ ବିଶ୍ୱ ବିଦ୍ୟାଳୟ ତଥା ଓଡ଼ିଶା ସରକାର ବିଦ୍ୟୁତ୍ ଦେୟ ହରାଉଛନ୍ତି । ସେହି ଯେଉଁ ଲୋକ ମାନେ ଚୋରା ବିଦ୍ୟୁତ୍ ସଂଯୋଗ ନେଉଛନ୍ତି ସେମାନେ ନିର୍ଦ୍ଵନ୍ଦ୍ୱରେ ଘର ଭିତରେ AC,Frizee, Grinder ଓ ଅନ୍ୟାନ୍ୟ ବୈଦୁତିକ ସାମଗ୍ରୀ ମାଗଣାରେ ବ୍ୟବହାର କରନ୍ତି। ଏପରି ପ୍ରାୟ ୨୦୦/୨୫୦ ଘର ଏପରି ଅଛି । ସେମାନଙ୍କ ପାଇଁ ଯଦି ଏପରି କିଛି ଜବରଦସ୍ତ ନିୟମ କରାଯାନ୍ତା ତେବେ କିଛି ମାତ୍ରାରେ ପରିସର ଅଶାନ୍ତି କମ ହୋଇପାରେ । ସବୁଠାରୁ ବଡ କଥା ହେଲା ଯେ ପ୍ରତି ହଷ୍ଟେଲରେ ରହୁଥିବା ଛାତ୍ର ମାନଙ୍କ ଏକ ଯୁଗ୍ମ କମିଟି ଗଠନ କରି ସେଥିରେ କର୍ମଚାରୀ, ପ୍ରଫେସର, ରେଜିଷ୍ଟର , Dsw, କଣ୍ଟ୍ରୋଲୋର୍ ଙ୍କୁ ରଖିବା ଦରକାର। ତେବେ କିଛିଟା ଅଶାନ୍ତି କମ ହୋଇପାରେ । ଆହୁରି ମଧ୍ୟ ଯଦି ପ୍ରତି ଛାତ୍ର ଛାତ୍ରୀ, ଅଧ୍ୟାପନା କର୍ମଚାରୀ, ଅଫିସ କର୍ମଚାରୀମାନଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ପରିଚୟ ପତ୍ର ପ୍ରଦାନ କରି ପ୍ରତି ପ୍ରବେଶ ଦ୍ୱାରରେ ଚେକ୍ କରି ଛାଡ଼ିବା ଦରକାର । ଯେଉଁ ଲୋକ ବା ପୁରାତନ ଛାତ୍ର ବା ଅନ୍ୟ କୌଣସି କାମରେ ବିଶ୍ୱବିଦ୍ୟାଳୟକୁ ଆସିଲେ ଯେଉଁ ବିଭାଗକୁ କାମରେ ଆସିଛନ୍ତି ମୁଖ୍ୟ ଫାଟକ ବା ଅନ୍ୟ ସବୁ ପ୍ରବେଶ ପଥରେ ସିସିଟିଭି ଲଗେଇ ସେହି ଫାଟକ ନିକଟରୁ ଉକ୍ତ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ପରିଚୟ ସହିତ ମୋବାଇଲ ନମ୍ବର ରଖି ସେହି ବିଭାଗରୁ ଅନୁମତି ପରେ ହିଁ ତାଙ୍କୁ ପ୍ରବେଶ କରିବା ପାଇଁ ଦିଆଯିବା ଆବଶ୍ୟକ। ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ୨୪ ଘଣ୍ଟା ପୁଲିସ ପହରା ସହିତ ସେଠାରେ ଏକ ପୂର୍ଣ୍ଣ ଥାନା ଖୋଲାଯିବା ଦରକାର । ଅଧ୍ୟାପକ, ପ୍ରଫେସର, ଅଫିସ କର୍ମଚାରୀ, ଷ୍ଟୁଡେଣ୍ଟ୍ ୟୁନିଅନ ସଭାପତି, ସେକ୍ରେଟାରୀ , ଓ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ପୁଲିସ କର୍ମଚାରୀମାନଙ୍କୁ ନେଇ ତୁରନ୍ତ ଏକ କମିଟି ଗଠନ କରି କିପରି ଶିକ୍ଷାନୁଷ୍ଠାନ ପରିସର ଓ ହଷ୍ଟେଲ, ଅଫିସରେ ଶାନ୍ତି ସର୍ବଦା ରହି ପାରିବ ତାହା ଦେଖିବା ନିହାତି ଆବଶ୍ୟକ। ଏପରି ପଦକ୍ଷେପ ଯଦି ବିଧିବଦ୍ଧ ଭାବେ ଗ୍ରହଣ କରାଯାଏ ତେବେ ନିଶ୍ଚିତ ଭାବରେ ଧୀରେ ଧୀରେ ବିଶ୍ୱବିଦ୍ୟାଳୟ ପରିସରରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ଓ ବିଶ୍ୱବିଦ୍ୟାଳୟର ସୁନାମ ପୁଣି ଥରେ ଫେରିପାରିବ । ଆହୁରି ଯଦି ବିଶ୍ୱବିଦ୍ୟାଳୟ ପରିସରରେ ବନ୍ଦ ରହିଥିବା କ୍ୟାଣ୍ଟିନକୁ ଖୋଲି ଦିଆଯାଏ ଓ ଏକ ସପିଙ୍ଗ କମ୍ପ୍ଲେକ୍ସ ଖୋଲି ଦିଆଯାନ୍ତା ତେବେ ଛାତ୍ରଛାତ୍ରୀ ଓ କ୍ୱାର୍ଟରରେ ରହିଥିବା କର୍ମଚାରୀମାନେ ସୁବିଧାରେ ନିଜର ବ୍ୟବହାରିକ ଜିନିଷ ପତ୍ର କିଣି ପାରନ୍ତେ ଯାହା ଫଳରେ ସେମାନଙ୍କୁ ଆଉ ପରିସର ବାହାରକୁ ଖୁବ୍ କମ୍ ଯିବାକୁ ପଡ଼ନ୍ତା ଓ ମହାବିଦ୍ୟାଳୟ ପରିସରରେ ଏକ ଅତ୍ୟାଧୁନିକ ଛୋଟ ଡାକ୍ତରଖାନା , ଡାକଘର, ମେଡିସିନ ଦୋକାନ ଓ ଲୋକଙ୍କ ଅନେକ କାର୍ଯ୍ୟରେ ଲାଗୁଥିବା ଦୋକାନୀ ମାନଙ୍କୁ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦନ ଦେଇ ଯଦି ସେମାନଙ୍କ ସଂସ୍ଥା ଖୋଲିବାକୁ ଅନୁମତି ଦିଆଯାଏ ତେବେ ଆହୁରି ଭଲ । ମୋଟାମୋଟି କହିବାକୁ ଗଲେ ବିଶ୍ୱବିଦ୍ୟାଳୟ ପରିସର କେବଳ ଶିକ୍ଷକ, ଛାତ୍ର ଛାତ୍ରୀ, କର୍ମଚାରୀ ମାନଙ୍କ ଦ୍ୱାରା ଗଠିତ କମିଟି ଦ୍ୱାରା ହିଁ ହୋଇପାରିବ ଏଥିରେ ତୁରନ୍ତ ରାଜ୍ୟ ସରକାର ହସ୍ତକ୍ଷେପ କରି ଓଡ଼ିଶାର ଏହି ସର୍ବ ପୁରାତନ ବିଶ୍ୱବିଦ୍ୟାଳୟର ସମ୍ମାନ ରକ୍ଷା କରନ୍ତୁ। ଯେଉଁ ଛାତ୍ରମାନେ ହଷ୍ଟେଲରେ ରହିବା ପାଇଁ ବିଶ୍ୱବିଦ୍ୟାଳୟର ଚୟନ ପ୍ରକିୟା ଦ୍ୱାରା ମନୋନୀତ ହୋଇ ରୁମ୍ ପାଇଛନ୍ତି ପ୍ରଥମେ ଯଦି ସେମାନଙ୍କ ଦ୍ୱାରା କୌଣସି ବେନିୟମ କାର୍ଯ୍ୟ କରି ଅନ୍ୟ ମାନଙ୍କୁ ନିଜେ ରହିବା ସହିତ ଭଡ଼ା ସୂତ୍ରରେ ଦେଉଛନ୍ତି ତେବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ ହଷ୍ଟେଲରୁ ବାହାର କରାଯାଇ ସେମାନଙ୍କୁ ବ୍ଲାକ ଲିଷ୍ଟେଡ କରିବା ଉଚିତ୍। ଯେଉଁ ଅଟୋ, ଉବର, ଓଲା ଓ ଅନ୍ୟ ବେସରକାରୀ ଗାଡ଼ି ଗୁଡ଼ିକ ବିଶ୍ୱବିଦ୍ୟାଳୟ ପରିସରର ମଧ୍ୟକୁ ପ୍ରବେଶ କରୁଛି ଯେତେ ଗୁଡ଼ିଏ ପ୍ରବେଶ ଫାଟକ ରହିଛି ସେଠାରେ ଗାଡ଼ିରେ ଲୋକ ଥାଆନ୍ତୁ ବା ନ ଥାଆନ୍ତୁ ସମସ୍ତଙ୍କୁ ଚେକ୍ କରିବା ଉଚିତ୍। ପ୍ରତି ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ପରିଚୟ ପତ୍ର ଦେଖାଇବା ପାଇଁ କଠୋର ନିୟମ କରାଯାଉ ଯାହା ଫଳରେ ଅନୁପ୍ରବେଶ କାରୀଙ୍କୁ କିଛି ମାତ୍ରାରେ ରୋକା ଯାଇ ପାରିବ । ବିଶ୍ୱବିଦ୍ୟାଳୟ ପରିସର ଓ ହଷ୍ଟେଲ ପରିସରରେ ୨୪X୭ ସୁରକ୍ଷା କର୍ମୀମାନଙ୍କ ପଇଁତରା କରାଯିବା ସହିତ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ସାମନା କରିବାକୁ ସେମାନଙ୍କୁ ଅଧିକାର ଦେବା ଦରକାର। ସର୍ବୋପରି ବିଶ୍ୱବିଦ୍ୟାଳୟର VC, ଉଚ୍ଚ ପଦାଧିକାରୀ, ସ୍ଥାନୀୟ ପୋଲିସ, ଏସ୍‌ପି ଓ ପୋଲିସ ଉଚ୍ଚ ପଦାଧିକାରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କିଛି ଜଣଙ୍କୁ ନେଇ ଏକ କମିଟି ଗଠନ କରି ଆଲୋଚନା ମାଧ୍ୟମରେ କୌଣସି ଅନିୟମିତତା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିଷ୍ପତି ନିଆଗଲେ ଓ ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ଭାଗିଦାରୀ ଅତ୍ୟନ୍ତ ଜରୁରୀ ଅଟେ। ତେବେ ଯାଇ ଏହି ଓଡ଼ିଶାର ସର୍ବ ପ୍ରଥମ ଓ ଆମ ଦେଶ ତଥା ବିଦେଶରେ ନାମ କରିଥିବା ଏହି ବିଶ୍ୱବିଦ୍ୟାଳୟର ସମ୍ମାନ ରହିବ ନ ହେଲେ ମାଟିରେ ମିଶିବାକୁ ବେଶି ସମୟ ଲାଗିବ ନାହିଁ। ଏଥି ପାଇଁ ରାଜ୍ୟ ସରକାରଙ୍କ ସଂପୃକ୍ତି ଓ ଆନ୍ତରିକତା ନିହାତି ରହିବା ଉଚିତ୍ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା





### ||||||||||||||||||||| ବ୍ରହ୍ମପୁର ଉପଖଣ୍ଡରେ ମିଳୁନି ସ୍ୱଚ୍ଛ ପାନୀୟଜଳ |||||||||||||||||||||

# ଅଧିକାଂଶ ବ୍ଲକ୍‌ରେ ଖାରି ପାଣି, ସମୁଦ୍ର କୂଳିଆ ଅଞ୍ଚଳରେ ଲୁଣି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଉପଖଣ୍ଡରେ ଥିବା ଅଧିକାଂଶ ବ୍ଲକ୍‌ର ଲୋକମାନେ ଖାରି ପାଣି ପିଉଛନ୍ତି । ସେହିପରି ସମୁଦ୍ରକୂଳିଆ ଅଞ୍ଚଳରେ ରହୁଥିବା ଲୋକମାନେ ଲୁଣିଆ ପାଣି ପିଉଛନ୍ତି । କିଛି ବ୍ଲକ୍‌ର ପାନୀୟ ଜଳରେ ଲୌହ ଅଂଶ ଅଧିକ ରହୁଥିବା ବେଳେ ଆଉ କିଛି ବ୍ଲକ୍‌ର ଲୋକେ ଗୋଳିଆ ପାଣି ପିଉଛନ୍ତି । ଜିଲ୍ଲା ଜଳ ପରୀକ୍ଷଣ ପ୍ରୟୋଗଶାଳାରୁ ଏଭଳି କିଛି ତଥ୍ୟ ମିଳିଛି । ବ୍ରହ୍ମପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ଅଧୀନରେ ଗଞ୍ଜାମ ଜିଲ୍ଲାର ୧୧ଟି ବ୍ଲକ୍ ରହିଛି । ରଙ୍ଗେଇଲୁଣ୍ଡା, ଛତ୍ରପୁର, କୁକୁଡ଼ାଖଣ୍ଡି, ହିଞ୍ଜିଳିକାଟୁ, ଶେରଗଡ଼, ଗଞ୍ଜାମ, ଖଲ୍ଲିକୋଟ, ଚିକିଟି, ପାତ୍ରପୁର, ସାନଖେମୁଣ୍ଡି, ଦିଗପହଣ୍ଡି ଭଳି ୧୧ଟି ବ୍ଲକ୍‌ରେ ନଳକୂପ ଓ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ଦାୟିତ୍ୱ ଏହି ବିଭାଗ ଦ୍ୱାରା ସୁନିଶ୍ଚିତ କରାଯାଉଛି । ଉପରୋକ୍ତ ବ୍ଲକ୍ ଗୁଡ଼ିକରେ ଶହ ଶହ ନଳକୂପ ସ୍ଥାପନ କରାଯାଇଛି । ସେହିପରି ପଞ୍ଚାୟତ ଦ୍ୱାରୀ ବିଭିନ୍ନ ଗ୍ରାମରେ ବୋରୱେଲ୍, ଡ଼ିପ୍ ବୋରୱେଲ୍, ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଇ ପାଇପ୍ ଯୋଗେ ଲୋକଙ୍କ ଘର ନିକଟକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି । ହେଲେ ଲୋକମାନେ ପ୍ରତ୍ୟେକ ଦିନ ପିଉଥିବା ପାନୀୟ ଜଳ କେତେ ବିଶୁଦ୍ଧ ତଥା ଏହି ଜଳର ମାନ କଣ ତାହା ଜାଣିବାକୁ ନିୟମିତ ଭାବେ ବିଭାଗ ପକ୍ଷରୁ ପରୀକ୍ଷା ନିରୀକ୍ଷା ଜାରି ରହିଛି । ଉପରୋକ୍ତ ବ୍ଲକରେ ଯୋଗାଣ ହେଉଥିବା ପାନୀୟ ଜଳର ନମୁନା ସଂଗ୍ରହ କରାଯାଇ ବ୍ରହ୍ମପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ କାର୍ଯ୍ୟାଳୟ ପରିସରରେ ଥିବା ଜିଲ୍ଲା ଜଳ ପରୀକ୍ଷଣ ପ୍ରୟୋଗଶାଳାରେ ପରୀକ୍ଷା କରାଯାଇଛି । ମିଳିଥିବା ତଥ୍ୟ ଅନୁସାରେ କୁକୁଡ଼ାଖଣ୍ଡି ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ପାଣିର ମାନ ଖାରି ରହୁଛି । କିଛି ଅଞ୍ଚଳରେ ଗୋଳିଆ ପାଣି ମଧ୍ୟ ଯୋଗାଣ ହେଉଛି । ସେହିପରି ଖଲ୍ଲିକୋଟ, ଗଞ୍ଜାମ, ଶେରଗଡ଼ ଓ ପାତ୍ରପୁର ବ୍ଲକ୍‌ରେ ପାଣିର ମାନ ଖାରି ରହୁଛି । ଅର୍ଥାତ୍ ଏହି ବ୍ଲକ୍‌ର ବିଭିନ୍ନ ଅଞ୍ଚଳର ଲୋକମାନେ ଖାରି ପାଣି ପିଉଛନ୍ତି । ଅନ୍ୟପକ୍ଷରେ ଛତ୍ରପୁର, ଚିକିଟି ଓ ରଙ୍ଗେଇଲୁଣ୍ଡା ବ୍ଲକର ଲୋକମାନେ ଅଧିକ କ୍ଲୋରାଇଡ୍ ଯୁକ୍ତ ପାଣି ପିଉଛନ୍ତି । ଅର୍ଥାତ୍ ଏହି ୩ ବ୍ଲକର ବିଭିନ୍ନ ଅଞ୍ଚଳର ଲୋକମାନେ ଲୁଣି ପାଣି ପିଉଛନ୍ତି । ସମୁଦ୍ରକୂଳିଆ ଅଞ୍ଚଳରେ ରହୁଥିବାରୁ ଏହି ଅଞ୍ଚଳର ନଳକୂପ ଓ ପାଇପ୍ ଯୋଗେ ଯୋଗାଣ ହେଉଥିବା ପାଣିରେ କ୍ଲୋରାଇଡ୍ ଅଧିକ ରହୁଥିବା ଜଣାପଡ଼ିଛି । ଦିଗପହଣ୍ଡି ବ୍ଲକ୍‌ର କିଛି ଅଞ୍ଚଳର ପାନୀୟ ଜଳରେ ଲୌହ ଅଂଶ ଅଧିକ ରହୁଛି । ଉପରୋକ୍ତ ବ୍ଲକରେ ପାନୀୟ ଜଳ ପରୀକ୍ଷଣ ପାଇଁ ଜିଲ୍ଲା ଜଳ ପରୀକ୍ଷଣ ପ୍ରୟୋଗଶାଳା ପକ୍ଷରୁ ବିଭିନ୍ନ ପରୀକ୍ଷଣ ଯନ୍ତ୍ର ତଥା ମିଟର ବ୍ୟବହାର କରାଯାଉଛି । ଆଇରନ୍ ମିଟର, ପିଏଚ୍ ମିଟର, କଂଟକ୍ଟିଭିଟି ମିଟର ଓ ଟରବିଡ଼ିଟି ମିଟର ଜରିଆରେ ଜଳର ମାନ ପରୀକ୍ଷା କରାଯାଉଛି । ତେବେ ଯେଉଁଠି ଅଧିକ ଖାରିଯୁକ୍ତ ପାଣି ଆସୁଛି ସେଠାରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଗତ କିଛି ବର୍ଷ ଭିତରେ ଏକାଧିକ ନଳକୂପକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିବା ସୂଚନା ମିଳିଛି । ସେହିପରି ଅନେକ ସମୟରେ ପାଇପ୍ ଯୋଗେ ଯୋଗାଣ ହେଉଥିବା ଜଳରେ ବିଭିନ୍ନ ପ୍ରକାର ରସାୟନିକ ପଦାର୍ଥ ମିଶ୍ରଣ କରି ସେହି ଜଳକୁ ବିଶୁଦ୍ଧ କରାଯାଉଛି ।

## ପାଣିକୋଇଲିକୁ ଏନ୍‌ଏସି ମାନ୍ୟତା ଦାବିରେ ବିଜେଡ଼ିର ବିକ୍ଷୋଭ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀ ସ୍ଥିତ ପାଣିକୋଇଲିକୁ ଏନ୍‌ଏସି ମାନ୍ୟତା ଦେବାକୁ ଦାବି କରି କୋରାଇ ବିଜୁ ଜନତା ଦଳ ପକ୍ଷରୁ ପାଣି କୋଇଲି ଛକ ଠାରେ ବିକ୍ଷୋଭ ଧାରଣାର ଆନ୍ଦୋଳନ ଦେଖିବାକୁ ମିଳିଥିଲା । ପୂର୍ବତନ ବିଜେଡି ସରକାର ପାଣିକୋଇଲିକୁ ଏନ୍‌ଏସିର ଘୋଷଣା କରିଥିଲେ । ଏନ୍‌ଏସି ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବର୍ତ୍ତମାନର ଭାଜପା ସରକାର ପାଣିକୋଇଲିକୁ ଏନ୍‌ଏସି ତାଲିକାରୁ ବାଦ୍ ଦେଇଛନ୍ତି । କୋରେଇ ସ୍ଥାନୀୟ ପ୍ରତି ଡବଲ୍ ଇଞ୍ଜିନ ବିଜେପି ସରକାର ପାଣି କୋଇଲି ପ୍ରତି କୁଠାର ଘାତ କରିଛନ୍ତି ବୋଲି ରାଜ ନୈତିକ ଦୃଷ୍ଟି ରଖି ପାଣିକୋଇଲିକୁ ଏନ୍‌ଏସିରୁ ବାଦ୍ ଦିଆଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପାଣି କୋଇଲିକୁ ତୁରନ୍ତ ଏନ୍‌ଏସି ଘୋଷଣା କରି ଦାବି ନେଇ ରାଜ ରାସ୍ତାକୁ ଓହ୍ଲାଇଛି ବିଜୁ ଜନତା ଦଳ । ପାଣିକୋଇଲି, ପଥରପଦା, ଗୋଲେଇପୁର, ବିଡବିରୁହା ଆଦି ପଞ୍ଚାୟତବାସୀ ଏକତ୍ରିତ ହୋଇ ଏହି ଆନ୍ଦୋଳନକୁ ସମର୍ଥନ ଦେଇ ସରକାରଙ୍କ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି । କୋରେଇବାସୀଙ୍କ ଯୁବନେତା ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ଶୋଭା ଯାତ୍ରାରେ ଯୁବକ ମହିଳା ବିଜେଡି କର୍ମୀମାନେ ଉପସ୍ଥିତ ରହି ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ବିଭିନ୍ନ ନାରା ବାଜି କରି ବିକ୍ଷୋଭ ପ୍ରଦର୍ଶନ କରି ଏକ ପ୍ରତିବାଦ ସଭା କରିଥିଲେ । ଡବଲ ଇଞ୍ଜିନ ସରକାର ପାଣିକୋଇଲିକୁ ଏନ୍‌ଏସି ଘୋଷଣା ନକଲେ ଜାତୀୟ ରାଜପଥ ଅଚଳ କରିଦିଆଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ଉକ୍ତ ଧାରଣା ପ୍ରତିବାଦ ସଭାରେ ଭବପ୍ରସାଦ ଦାସଙ୍କ ସମେତ ହଜାର ହଜାର ବିଜୁସୈନିକ ଓ ବହୁ ବରିଷ୍ଠ ନାଗରିକ, ଯୁବକ, ମା' ମାଉସୀ ଏକଜୁଟ ହୋଇ ପ୍ରତିବାଦ କରିଥିଲେ । ସରକାର ଆମ ଦାବି ମାନିନିଅ ପାଣିକୋଇଲିକୁ ଏନ୍‌ଏସି ମାନ୍ୟତା ଦିଅ, ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ତୀବ୍ର ପ୍ରତିବାଦ କରିବାକୁ ଆହ୍ୱାନ୍ ଦେଲେ ବିଜୁଜନତା ଦଳ ।

## ଅଜଣା ବୃଦ୍ଧାଙ୍କ ଶବଦାହ କଲେ ସଂଘମିତ୍ରା ଗ୍ରୁପ୍



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଅମ୍ବାଭୋନା ବାବା କେଦାରନାଥ ମନ୍ଦିରରେ ଗତ କିଛି ଦିନ ହେବ ଜଣେ ଅଜଣା ବୟସ୍କା ମହିଳା ଭିକ୍ଷା ବୃତ୍ତି କରି ରହିଆସୁଥିଲେ । କିଛିଦିନ ପୂର୍ବରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅମ୍ବାଭୋନା ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା କିନ୍ତୁ ୫.୦୯.୨୦୨୫ ଶୁକ୍ରବାର ଅପରାହ୍ନରେ ପୁଣି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଅମ୍ବାଭୋନା ଗ୍ରାମର ସ୍ୱେଚ୍ଛାସେବୀ ଅଭୟ କୁମାର ପଣ୍ଡା ଅମ୍ବାଭୋନା ଗ୍ରାମର ଜିତିନ ପାଣ୍ଡେ ସହ ଯୋଗାଯୋଗ କରି ୧୦୮ ଆମ୍ବୁଲାନ୍ସରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇଥିଲେ କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମହିଳା ଜଣକର ପରିଚୟ ନପାଇବାରୁ ଅମ୍ବାଭୋନା ଥାନା ଅଧିକାରୀ ପରିଚୟ ପାଇବା ପାଇଁ ଅନେକ ଚେଷ୍ଟା କରି ଶେଷରେ ମହିଳା ଜଣକ ଭଟଲି ଥାନା ଅନ୍ତର୍ଗତ ଦଉଲତୁଣ୍ଡା ଗ୍ରାମର ଗୋରୀ ମେହେର ବୋଲି ପରିଚୟ ମିଳିଥିଲା । ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ତାଙ୍କର କୌଣସି ସମ୍ପର୍କୀୟ ନଥିବାର ସୂଚନା ମିଳିଥିଲା । ଅମ୍ବାଭୋନା ଥାନା ଏ.ଏସ୍.ଆଇ ନିରଞ୍ଜନ ନାଏକ ଏବଂ ଅମ୍ବାଭୋନା ସରପଞ୍ଚଙ୍କ ସହଯୋଗରେ ତାଙ୍କର ଶବ ବ୍ୟବଚ୍ଛେଦ କରି ତାଙ୍କର ଅନ୍ତିମ ସତ୍କାର ପାଇଁ ବରଗଡ଼ର ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ଯୋଗାଯୋଗ କରିଥିଲେ । ସ୍ୱେଚ୍ଛାସେବୀ ଅଭୟ କୁମାର ପଣ୍ଡା, ଗଜେନ୍ଦ୍ର ଦାସ, ସଂଘମିତ୍ରା ପଟେଲ, ତରଣୀ ସାହୁ, କରଣ ପଟେଲ, ସନ୍ୟାସୀ ପ୍ରଧାନ ଏବଂ କେଶେବ ସାହୁ ବରଗଡ଼ ସ୍ଥିତ ଜିରା ନଦୀ କୂଳରେ ଥିବା ସ୍ୱର୍ଗଦ୍ୱାରରେ ତାଙ୍କର ଶବଦାହ କରାଯାଇଥିଲା ।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଫିଟ୍ ଇଣ୍ଡିଆ ସାଇକେଲିଂ ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ସହିତ ସମନ୍ୱୟ ରଖି ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ 'ସାଇକେଲ୍ ଉପରେ ରବିବାର' ବା ସଣ୍ଡେ ଅନ୍ ସାଇକେଲ୍ ବ୍ୟାନରରେ ଏକ ସ୍ୱତନ୍ତ୍ର ସାଇକ୍ଲୋଥନ୍-୨୦୨୫ ସଚେତନତା ଅଭିଯାନ ଆୟୋଜନ କରିଛି । ଏହି ପ୍ରୟାସର ଲକ୍ଷ୍ୟ ହେଉଛି ରେଳ କର୍ମଚାରୀ ଏବଂ ସମାଜ ମଧ୍ୟରେ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ବ୍ୟାପକ ଭାବେ ପ୍ରୟାସ କରିବା । ଫିଟ୍ ଇଣ୍ଡିଆ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ କ୍ରୀଡ଼ା ସଂଗଠନ (ଇକୋର୍ଷା) ଦ୍ୱାରା ଷ୍ଟାଡିୟମ୍ ଠାରୁ ଆଇଆଇଟି ପର୍ଯ୍ୟନ୍ତ ଯାଇ ପୁଣି ସେଠାରୁ ଫେରି ୧୦ କିମି ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ କରାଇଛନ୍ତି । ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଏହି



କାର୍ଯ୍ୟକ୍ରମରେ ଯୋଗଦାନ କରି ଅଂଶଗ୍ରହଣକାରୀ ମାନଙ୍କୁ ଉତ୍ସାହିତ କରିବା ସହ ଆୟୋଜିତ ସାଇକେଲ ଉପରେ ରବିବାର କାର୍ଯ୍ୟକ୍ରମକୁ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରିଥିଲେ । 'ଫିଟ୍‌ନେସ୍ କି ଡୋଜ୍, ଆଧା ଘଣ୍ଟା ରୋଜ୍' ଅଭିଯାନ ସ୍ଲୋଗାନ୍ ଅଧୀନରେ ଆୟୋଜିତ ଫିଟ୍ ଇଣ୍ଡିଆ ଆନ୍ଦୋଳନ କାର୍ଯ୍ୟକ୍ରମ ନିୟମିତ ଶାରୀରିକ କାର୍ଯ୍ୟକଳାପକୁ ଆମ ଦିନଚର୍ଯ୍ୟାରେ ସାମିଲ୍ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ସହ ଏହାକୁ କ୍ରମାଗତ ଭାବେ ଅଭ୍ୟାସ କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ସାଇକେଲିଂ ଏକ ସରଳ କିନ୍ତୁ ଶକ୍ତିଶାଳୀ ବ୍ୟାୟାମ ଅଟେ ଯାହା ହୃଦ୍‌ରୋଗ ସୁସ୍ଥତା ବୃଦ୍ଧି, ଉନ୍ନତ ଆସନ ଏବଂ ସମନ୍ୱୟ, ମାଂସପେଶୀ ଶକ୍ତି ଏବଂ ନମନୀୟତା ବୃଦ୍ଧି, ହାଡ଼ ଏବଂ ସନ୍ଧି ଗତିଶୀଳତାକୁ ସୁଦୃଢ଼ କରିବା, ଶରୀରର ଚର୍ବି ଏବଂ ଚାପ ସ୍ତର ହ୍ରାସ ଏବଂ ଜୀବନଶୈଳୀ ରୋଗର ପ୍ରତିରୋଧ ଏବଂ ପରିଚାଳନା ଭଳି ବହୁବିଧ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରିଥାଏ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ସମସ୍ତ ଶାଖା ଅଧିକାରୀ, କର୍ମଚାରୀ ଏବଂ କ୍ରୀଡାବିତ ଓ କ୍ରୀଡା କର୍ମଚାରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ଏହି ସଚେତନତା କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶାରୀରିକ ସୁସ୍ଥତା ପାଇଁ ଦୈନନ୍ଦିନ ସାଇକେଲ ବ୍ୟବହାରକୁ ଜନସାଧାରଣ ଓ ରେଳ କର୍ମଚାରୀଙ୍କ ପରିବାର ବର୍ଗଙ୍କୁ ପ୍ରୋତ୍ସାହିତ କରାଯାଇଥିଲା । 'ସଣ୍ଡେଜ୍ ଅନ୍ ସାଇକେଲ୍' କାର୍ଯ୍ୟକ୍ରମ କେବଳ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଭାରତୀୟ ରେଳବାଇର ସ୍ଥାୟୀତ୍ୱ ଏବଂ ସାମୁଦାୟିକ କଲ୍ୟାଣର ବ୍ୟାପକ ଲକ୍ଷ୍ୟ ସହିତ ସମନ୍ୱୟ ରଖି ପରିବେଶଗତ ଚେତନାର ଏକ ଦୃଢ଼ ବାର୍ତ୍ତା ମଧ୍ୟ ଦେଇଥାଏ । ଖୋର୍ଦ୍ଧା ରୋଡ଼ ଇକୋର୍ଷା ଦ୍ୱାରା ଆୟୋଜିତ ଏହି ଆନ୍ଦୋଳନରେ ରେଳମଣ୍ଡଳର ସମସ୍ତ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍ ଓ ରେଳକର୍ମଚାରୀ ଏବଂ ସେମାନଙ୍କର ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଇକୋର୍ଷାର ସାଧାରଣ ସମ୍ପାଦକ ତଥା କ୍ରୀଡା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବୃକ୍ଷ ବଞ୍ଚିଲେ ସମାଜ ବଞ୍ଚିବ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଗୋଟିଏ ଗଛ ଗୋଟିଏ ଜୀବନ । ବୃକ୍ଷ ବିନା ଜୀବନ ଅସମ୍ଭବ । ବୃକ୍ଷ ବଞ୍ଚିଲେ ସମାଜ ବଞ୍ଚିବ । ମାଆ ଯେଭଳି ଗୋଟେ ପିଲା ପାଇଁ ଜୀବନ, ସେହିଭଳି ଗଛ ହେଉଛି ପ୍ରତ୍ୟେକ ମଣିଷ ପାଇଁ ଗୋଟେ ପ୍ରାଣଦାତା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଏହାକୁ ଆଖି ଆଗରେ ରଖି ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିକ୍ଷାଅଞ୍ଚଳ ଅନ୍ତର୍ଗତ ବାଲୁଙ୍ଗାବନ୍ଧୀ ଗ୍ରାମର ବାବା ବଣେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ବଇନ କୁମାର ରାଉତ ଓ ଉପସଭାପତି ସନ୍ତୋଷ କୁମାର ଧଳ, କୋଷାଧକ୍ଷ ରାକେଶ କୁମାର ଆଇଚଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ମିଳିମିଶି ମନ୍ଦିର ପରିସର ଏବଂ ମନ୍ଦିରର ରାସ୍ତାଘାଟକୁ ସଫା କରିବା ସହିତ ଉକ୍ତ ପରିବେଶରେ ଅନେକ ଗୁଡ଼ିଏ ବୃକ୍ଷ ରୋପଣ କରିଥିଲେ । ଏଥି ସହିତ ମନ୍ଦିର ପରିସର ମଧ୍ୟରେ ସମସ୍ତ କର୍ମକର୍ତ୍ତାମାନେ ମିଳିମିଶି ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବା ସହିତ, ବିଭିନ୍ନ ଜନହିତକର ସାମାଜିକ କାର୍ଯ୍ୟକ୍ରମକୁ କିପରି ସଫଳ କରାଯିବ ଆଲୋଚନା କରାଯାଇଥିଲା । ଶେଷରେ ସମସ୍ତ ସଦସ୍ୟ ମାନଙ୍କ ନିମନ୍ତେ କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଆସନ୍ତା ୧୩ ତାରିଖ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୩.୦୯.୨୦୨୫ରିଖ ଦିନ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସୋନପୁର ସିଭିଲ କୋର୍ଟ ପରିସର ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସହମତିରେ ସମାଧାନ କରାଯାଇପାରିବ ଓ କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ୍ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କରଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବା, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ଓ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ ଅଟେ ଓ ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ଓ ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତଥା ତାଲୁକ ଆଇନ୍ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।



## ନିଆରା ଢଙ୍ଗରେ ଗୁରୁଦିବସ ପାଳିଲା ଆର୍ଯ୍ୟଭଟ୍ଟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଆର୍ଯ୍ୟଭଟ୍ଟରେ ନିଆରା ଢଙ୍ଗରେ ଗୁରୁ ଦିବସ ପାଳିତ ହୋଇଯାଇଛି । ସକାଳେ ଆର୍ଯ୍ୟଭଟ୍ଟ ପରିସରରେ ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ଛାତ୍ରଛାତ୍ରୀ, ବିଭିନ୍ନ ସ୍କୁଲ ଓ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବରିଷ୍ଠ ପଦାର୍ଥବିଜ୍ଞାନ ଶିକ୍ଷକ ସୁଧିର ରାଉତଙ୍କ ପୁରାତନ ଛାତ୍ରଛାତ୍ରୀ ସମବେତ ହୋଇ ଗୁରୁଦିବସ ପାଳନ କରିଥିଲେ । ଛାତ୍ରଛାତ୍ରୀମାନେ ଗୁରୁଙ୍କ କର୍ମ ଓ ଆଦର୍ଶକୁ ସମ୍ମାନ ଜଣାଇ ଓ ଅନୁସରଣର ଶପଥ ନେଇ ଗୁରୁଙ୍କୁ ସମ୍ମାନିତ କରିଥିଲେ । ସୁଧିର ରାଉତ ଜଣେ ବରିଷ୍ଠ ଶିକ୍ଷକ ସହିତ ଜଣେ କର୍ମନିଷ୍ଠ ପରିବେଶବିତ୍ । ଗୁଗୁଲ୍‌ରେ ତାଙ୍କୁ ଗ୍ରୀନ୍ ମ୍ୟାନ୍ ଅଫ୍ ଓଡ଼ିଶା ନାମରେ ଅଭିହିତ କରାଯାଇଛି । ଶିକ୍ଷା ସହ ପରିବେଶ ସୁରକ୍ଷା ତାଙ୍କର ଜୀବନର ବ୍ରତ ହୋଇଛି । କାରଣ ପରିବେଶ ସୁରକ୍ଷିତ ରହିଲେ ଭବିଷ୍ୟତ ପିଢ଼ି ସୁରକ୍ଷିତ ରହିବେ । ତେଣୁ ପରିବେଶ ସୁରକ୍ଷାବ୍ରତୀ ଶିକ୍ଷକଙ୍କୁ ଗୁରୁଦିବସରେ ସମ୍ମାନ ଜଣାଇବା ପାଇଁ ଛାତ୍ରଛାତ୍ରୀମାନେ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଓ ପରିବେଶ ସୁରକ୍ଷାର ବର୍ତ୍ତା ପ୍ରସାର କରି ନିଜ ଭବିଷ୍ୟତକୁ ସୁରକ୍ଷିତ ରଖିବାପାଇଁ ଶପଥ ପାଠ କରିଥିଲେ । ପରେ କିଛି ବର୍ତ୍ତମାନ ଓ ପୂର୍ବତନ ଛାତ୍ରଛାତ୍ରୀ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍‌ର ସ୍ୱେଚ୍ଛାସେବୀଙ୍କ ସହ ଆର୍ଯ୍ୟଭଟ୍ଟ ଦ୍ୱାରା ଜୁନ୍ ୧୧ ତାରିଖରୁ ଏହି ବର୍ଷ ପାଇଁ ଆରମ୍ଭ କରାଯାଇଥିବା ବନିକରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏମାନଙ୍କ ସହ ବ୍ରହ୍ମପୁରର ଏକ ଘରୋଇ ବୈଷୟୀକ ଅନୁଷ୍ଠାନର ସଦ୍ୟ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ଏକ ପ୍ରତିଷ୍ଠିତ ବ୍ୟବସାୟୀକ ପ୍ରତିଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ । ୨୦୧୭ ଠାରୁ ଆର୍ଯ୍ୟଭଟ୍ଟ ଦ୍ୱାରା ସମ୍ପୂର୍ଣ୍ଣ ଲଣ୍ଡା ପାହାଡକୁ ବନୀକରଣ କରି କାୟା କଳ୍ପ କରି ସବୁଜ ଘଞ୍ଚ ଜଙ୍ଗଲରେ ପରିଣତ କରିଥିବା ପାହାଡ଼ରେ ଅଧିକ ବନୀକରଣ କାର୍ଯ୍ୟକ୍ରମ ହୋଇଥିଲା । ସ୍ୱେଚ୍ଛାସେବୀମାନେ ଚାରା ରୋପଣ ସହ ୧୦ ହଜାର ମଞ୍ଜି ଗୁଳା ଫିଙ୍ଗିଥିଲେ ଓ ୩୦ ହଜାର ମଞ୍ଜି ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୁଧୀର ରାଉତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଶିଷ୍ଟ ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ରଥ, ପୂର୍ବତନ ସରପଞ୍ଚ ମାଧବ ନାୟକ, ଘନଶ୍ୟାମ, ଶୁଭେନ୍ଦୁ ପାତ୍ର, ନିର୍ମାଲ୍ୟ ରାଉତ, ଜ୍ୟୋତି ଦାସ ପ୍ରମୁଖ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶିଶୁର ଚରିତ୍ର ଗଠନରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ

**ରାଉରକେଲା, ନ୍ୟୁଜ୍**

ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ସୁନ୍ଦରଗଡ଼ ତରଫରୁ ସ୍ଥାନୀୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ସମାରୋହ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଓଡ଼ିଶା ବିଧାନସଭାର ଉପ-ବାଚସ୍ପତି ଭବାନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସୁନ୍ଦରଗଡ଼ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଅଭିମନ୍ୟୁ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଲିପିକା ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ, ସାରଙ୍ଗଧର ବରିହା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଯୋଗଦାନ କରି ଗୁରୁଦିବସର ମହନୀୟତା ଉପରେ ଆଲୋକପାତ କରିଥିଲେ ଏବଂ ଶିଶୁର ଉତ୍ତମ ଚରିତ୍ର ଗଠନରେ ଶିକ୍ଷକଙ୍କ ଅତୁଳନୀୟ ଅବଦାନ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଜିଲ୍ଲାପାଳ ଡ଼ା. ମହାପାତ୍ର ନିଜର ଛାତ୍ର ଜୀବନ ସମୟରେ ଶିକ୍ଷକଙ୍କୁ ନେଇ ନିଜର ଅନୁଭୂତି ବାଣ୍ଟି ଥିଲେ ଏବଂ ପୌରାଣିକ ଯୁଗର ଗୁରୁମାନଙ୍କ ଉପରେ ମଧ୍ୟ ଆଲୋକପାତ କରିଥିଲେ । ସେହିଭଳି ସେ କହିଥିଲେ ଯେ, ଗୁରୁ ସର୍ବଦା ନମସ୍ୟ, ଗୁରୁ ବା ଶିକ୍ଷକ ଜଣେ ଛାତ୍ରକୁ ଦିଗ୍‌ଦର୍ଶନ ଦେଇଥାନ୍ତି ଏବଂ ଛାତ୍ରକୁ ଉତ୍ତମ ଭାବେ ଗଢ଼ିଥାଆନ୍ତି । ପ୍ରଯୁକ୍ତି ବିଦ୍ୟା କିମ୍ବା କୃତ୍ରିମ ବୁଦ୍ଧିମତ୍ତା (AI) ଶିକ୍ଷା କ୍ଷେତ୍ରରେ ସହାୟକ ହୋଇପାରେ କିନ୍ତୁ କଦାପି ଗୁରୁଙ୍କ ବିକଳ୍ପ ନୁହେଁ । ଗୁରୁଙ୍କ ଆଦର୍ଶ ସର୍ବଦା ଅନୁକରଣୀୟ । ଏହି ଅବସରରେ ମୁଖ୍ୟଅତିଥି ଉପବାଚସ୍ପତି ଶ୍ରୀ ଭୋଇ ନିଜ ବକ୍ତବ୍ୟ ରଖି କହିଥିଲେ ଯେ, ଉତ୍ତମ ଶିକ୍ଷକ ବା ଗୁରୁଙ୍କ ଦିଗ୍‌ଦର୍ଶନ ବିନା ସମାଜ ଆଗକୁ ବଢ଼ିପାରେନି । ଗୁରୁ ହିଁ ଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୋଇଥାନ୍ତି । ସୁନ୍ଦରଗଡ଼ ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଆହୁରି ଆଗକୁ ନେଇ ଜିଲ୍ଲାକୁ ଗୌରବାନ୍ୱିତ କରିବାର ବଳିଷ୍ଠ ଦାୟିତ୍ୱ ହେଉଛି ସମସ୍ତ ଗୁରୁ ବା ଶିକ୍ଷକଙ୍କର । ଏହି ସମାରୋହକୁ ଶିକ୍ଷୟିତ୍ରୀ ସ୍ୱାଗତିକ ପଣ୍ଡା ସଂଯୋଜନା କରିଥିବାବେଳେ, ଜିଲ୍ଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ତିନି ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (CRCC), ୧୮ ଜଣ ପ୍ରାଥମିକ ଶିକ୍ଷକ ଏବଂ ୨୮ ଜଣ ମାଧ୍ୟମିକ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।




## ଗୁଜରାଟର ବଡୋଦରାରେ ନୂଆଁଖାଇ ଭେଟ୍‌ଘାଟ୍

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବଡୋଦରା ଗୁଜୁରାଟର ବଡୋଦରା ସହରରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ (ଜୁହାର ପରିବାର ଭଡୋଦରାର ସଦସ୍ୟ ବୃନ୍ଦ) ତାଙ୍କର ମହାନ ଗଣପର୍ବ ନୂଆଁଖାଇ ପର୍ବ ଖୁବ୍ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିଥିଲେ । ପଶ୍ଚିମ ଓଡ଼ିଶା ବଲାଙ୍ଗୀରର ଖ୍ୟାତନାମା ସଂସ୍କୃତିକ ଅନୁଷ୍ଠାନ କୋଶଲ ଫୋକ ଏକାଡେମୀର କଳାକାର ମାନଙ୍କର ସମ୍ବଲପୁରୀ ଗୀତ ବାଦ୍ୟ ଓ ନାଚରେ ସଭିଏଁ ଝୁମି ଉଠିଥିଲେ । କଳାକାରମାନଙ୍କ ଦ୍ୱାରା ପରିବେଷିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଘୁଡକା ନାଚ ଦର୍ଶକ ବହୁତ ପସନ୍ଦ କରିଥିଲେ । ଏହି ଅବସରରେ ସମ୍ବଲପୁରୀ ହସ୍ତ ତନ୍ତର ଲୋକପ୍ରିୟତା ବୃଦ୍ଧି କରିବା ପାଇଁ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ ତଥା ସମ୍ବଲପୁରୀ ଫ୍ୟାଶନ୍ ସୋ କରିଥିଲେ । ସମସ୍ତେ ସମ୍ବଲପୁରୀ ଗୀତ ବାଦ୍ୟ ସହିତ ସମ୍ବଲପୁରୀ ଖାଦ୍ୟର ଭୂୟସୀ ପ୍ରଶଂସା କରିଥିଲେ । ଜୁହାର ପରିବାର ଭଡୋଦରା ପକ୍ଷରୁ ଗ୍ରୀନ୍ ଇନିସିଏଟିଭ ଭାବରେ 'ଆମର ମାଏଟ' ସ୍ମରଣୀକାର ଇଲୋକ୍ଟ୍ରୋନିକ୍ ପ୍ରତିଲିପି ପ୍ରକାଶିତ ହୋଇଥିଲା । ଏହି ପର୍ବ ପାଳନ କରିବା ପାଇଁ ଓଡ଼ିଶା ସରକାର ସହଯୋଗ କରିଥିଲେ ।

## ଠିକାଦାରଙ୍କ ଅଫିସ ଭଙ୍ଗାରୁଜା ଘଟଣା:ଜଣେ ଗିରଫ


**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ତଥା ଜାରକା ବିଟ୍ ହାଉସ୍ ଅଧିନ ଜାରକା ଶିଳ୍ପାଞ୍ଚଳରେ ଶୁକ୍ରବାର ଦିନ ଅପରାହ୍ନରେ ଠିକାଦାର ଅକ୍ଷୟ କୁମାର ନାୟକଙ୍କ ଅଫିସ୍ ଓ ଗାଡି ଭଙ୍ଗାରୁଜା କରିବା, କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଧର୍ମଶାଳା ପୋଲିସ କୁମାରୀ ପଞ୍ଚାୟତ ଜାମୁବଣିଆ ଗ୍ରାମର ସୌମ୍ୟରଞ୍ଜନ (ରଣିଆ)ଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ଅନ୍ୟ ଆସାମୀ ଫେରାର୍ ଥିବା ପୋଲିସ ସୂଚନା ଦେଇଛି ।

## ଅର୍ଚ୍ଚନା ରଥ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁର ହାଇସ୍କୁଲ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ସମାରୋହରେ ରାଧା ମୋହନଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅର୍ଚ୍ଚନା ରଥଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପୁରସ୍କାରରେ ସମ୍ମାନିତ କରାଯାଇଛି । ଶ୍ରୀମତୀ ରଥ ୨୦୧୯ରେ ବେଷ୍ଟ ରିସୋର୍ଚ୍ଚ ପର୍ସନ୍‌ରେ ସମ୍ମାନ ସହ ରାଜ୍ୟ କଳା ଓ ଗେବେଷଣା ପ୍ରଶିକ୍ଷଣ ଓଡ଼ିଶା ସରକାରଙ୍କ ତରଫରୁ ଆଦର୍ଶ ଶିକ୍ଷୟିତ୍ରୀ



ପୁରସ୍କାର ୨୦୨୪ ମସିହାରେ ଶିକ୍ଷକ ସଚେତନତା ସମ୍ମାନରେ ସମ୍ମାନିତ ହୋଇଥିଲେ । ଶ୍ରୀମତୀ ରଥ କେନ୍ଦ୍ରାପଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ଦାସଙ୍କ ପୁତ୍ର ବଧୂ ଓ କେନ୍ଦ୍ରାପଡାର ବରିଷ୍ଠ ଅଇନଜୀବୀ ସ୍ୱୟଂ ପ୍ରକାଶ ଦାସଙ୍କ ଧର୍ମପତ୍ନୀ ଅଟନ୍ତି । ଏହି ସମ୍ମାନ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ପ୍ରଦାନ କରିଥିଲେ ।

## ଗୌରାଙ୍ଗପାଟଣାରେ ଭାଗବତ ଜନ୍ମ ଉତ୍ସବ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଗୌରାଙ୍ଗ ପାଟଣାଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଓମ୍ ନମଃ ଭଗବତେ ବାସୁଦେବାୟ ଗୌରାଙ୍ଗପାଟଣା ଭାଗବତ ଟୁଙ୍ଗୀ ପକ୍ଷରୁ ଭାଗବତ ଜନ୍ମ ପାଳିତ ହୋଇଯାଇଛି । ପବିତ୍ର ଭାଦ୍ରବ ପୂର୍ଣ୍ଣିମା ପୁଣ୍ୟ ତିଥି ଅବସରରେ ପଣ୍ଡିତ ସୀମାଞ୍ଚଳ ରଥଙ୍କ ବେଦମନ୍ତ୍ର ଧ୍ୱନିରେ ଆୟୋଜିତ ଏହି ଭାଗବତ ଜନ୍ମ ଉତ୍ସବ ନିମନ୍ତେ ଟୁଙ୍ଗୀ ଘରେ ଅତିବଡି ଶ୍ରୀଜଗନ୍ନାଥ ଦାସଙ୍କ ବିରଚିତ ଓଡ଼ିଆ ଭାଗବତ ପୁରାଣକୁ ଧୂପ, ଦୀପ, ଚନ୍ଦନ ଓ ନୈବେଦ୍ୟ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଇ ଚୁଡ଼ା, ଗୁଡ, ନଡ଼ିଆ, କଦଳୀ, ସେଓ ଓ ସାକର ଭୋଗ ଅର୍ପଣ ଯାଇଥିଲା । ଭାଗବତ ଟୁଙ୍ଗୀର ସଭାପତି କିଶୋର ବେହେରା ବକ୍ତା ଭାବେ ଶ୍ରୀମଦ୍ ଭଗବତ ଓଡ଼ିଆ ପୁରାଣକୁ ପଠନ କରିବା ସହ ଚର୍ଚ୍ଚା କରିଥିଲେ । ବିଶିଷ୍ଟ ବାୟକ ଯୋଗିନ୍ଦ୍ର ବେହେରା ଓ ଗାୟକ କଳାକାର ଶିବରାମ ବେହେରାଙ୍କ ନେତୃତ୍ୱରେ ଗାନ ଭଜନ ଓ ନାମ ସଂକୀର୍ତ୍ତନ କରାଯାଇଥିଲା । ଏହାପରେ ଭଗବତ ମହାପ୍ରଭୁଙ୍କ ଠାରେ ଆଳତି ଆବାହନ ପରେ ପ୍ରସାଦ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ଶେଷଦେବ ବେହେରା ଓ କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ବିଶିକେଶନ ବେହେରା ଓ ସମ୍ପାଦକ ବିମ୍ବାଧର ବେହେରା ସହଯୋଗ କରିଥିଲେ । ମଧୁସୂଦନ, ଦୁର୍ଯ୍ୟୋଧନ, ଧନପତି, ବିଜୟ, ଶଙ୍କର, ସନ୍ତୋଷ, ଶଶିକାନ୍ତ ଓ ଉଲ୍ଲାସ ପ୍ରମୁଖ ଭାଗବତ ପ୍ରେମୀ ଯୋଗଦେଇଥିଲେ ।

## ଶ୍ରଦ୍ଧାବାନ୍ ଲଭନ୍ତି ଜ୍ଞାନମ୍ :ଭାଗବତ ମହାପୁରାଣ ଓ ଗୀତାର ଜ୍ଞାନ ଯୋଗ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମୁଁ ଯାହାକୁ ହୁଅଇ ସଦୟ, ଜ୍ଞାନ ତା ହୁଅଇ ଉଦୟ । ଭାଗବତ ଜନ୍ମ, ଇନ୍ଦୁ ପୂର୍ଣ୍ଣମୀ, ଚନ୍ଦ୍ରଗ୍ରହଣ ଅବସରରେ ଥିଙ୍କର୍ସ କ୍ଲବର ୧୩୪ତମ ଆଭାସି ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପ୍ରଫେସର ସହଦେବ ପାତ୍ର କହିଲେ ରାଜା ପରୀକ୍ଷିତଙ୍କୁ ଶୁକମୁନି ସାତଦିନ ଧରି ଶୁଣାଇଥିବା କଥା ଭାଗବତ ମହାପୁରାଣ ଭାବେ ଘରେ ଘରେ ପରିଚିତ । ଭାବ ଜ୍ଞାନ ବୈରାଗ୍ୟ ତତ୍ତ୍ୱ ହେଉଛି ଭାଗବତ । ଆଚାର୍ଯ୍ୟ ଜଗତ କିଶୋର ଦାସ ଶ୍ରୀମଦ୍ ଭଗବଦ୍ ଗୀତାର ୫୧୬୩ତମ ଜୟନ୍ତୀ ଅବସରରେ ଗୀତାର ଜ୍ଞାନ ଯୋଗ ଉପରେ ଆଲୋଚନା କରି କହିଲେ ଶ୍ରଦ୍ଧାବାନ୍ ଲଭନ୍ତି ଜ୍ଞାନମ୍ । ମୁଁ ଯାହାକୁ ହୁଅଇ ସଦୟ, ଜ୍ଞାନ ତା ହୁଅଇ ଉଦୟ । ଏହାଇ ସାରକଥା । ଥିଙ୍କର୍ସ କ୍ଲବ ସଭାପତି ବରଦା ଦାସ ସଂଯୋଜନା କରି ଭାଗବତ ଓ ଗୀତ ଏକ ବହୁଳ ପ୍ରଚାରିତ ପ୍ରସାରିତ ବହୁ ଭାଷାରେ ଅନୁଦିତ ତଥା ଜନ ମନରେ ଗ୍ରହଣୀୟ କାବ୍ୟ ଭାବେ ସୁପରିଚିତ । ଆମେ ଏହାର ଅର୍ଥକୁ ବୁଝିବାକୁ ଚେଷ୍ଟିତ ହେବା ଆଜିର ଆବଶ୍ୟକତା । ଉମାଶଙ୍କର ମିଶ୍ର ଏହାର ଉପାଦେୟତା ବା ପ୍ରାସଙ୍ଗିକତା ଉପରେ ପ୍ରଶ୍ନ କରିଥିବାରୁ ପର୍ଯ୍ୟବେକ୍ଷକ ସ୍ୱାମୀ ଶ୍ୟାମାନନ୍ଦ ବିଶଦ ଭାବେ ବର୍ଣ୍ଣନା କରିଥିଲେ । ଜ୍ୟୋତିର୍ମୟୀ ମିଶ୍ର, କଳ୍ପନା ରାଉତ, ମିନାକ୍ଷୀ ମହାପାତ୍ର, ପ୍ରଶାସକ ନିରଞ୍ଜନ ସାହୁ, ପୁଷ୍ପାଞ୍ଜଳି ପରିଡ଼ା, ସବ୍ୟସାଚୀ ଦାସ, ସାରଦା କାନ୍ତ ମିଶ୍ର, ସୁବାସ ଚନ୍ଦ୍ର ପଟ୍ଟନାୟକ, ସଞ୍ଜୀବ ମହାନ୍ତି, ସୁବାସ ସାହୁ, ସୂରେନ୍ ପ୍ରଧାନ ଓ ୟୁଟ୍ୟୁବ୍‌ରେ ୫୦୦ ଶ୍ରୋତା ବର୍ତ୍ତମାନ ପର୍ଯ୍ୟନ୍ତ ଶୁଣି ସାରିଛନ୍ତି ।

## ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସହୀଦ ସ୍ମୃତି ଭବନରେ ଆମେ:ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟମହୋତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀନ ଚନ୍ଦ୍ର ଭଞ୍ଜଦେଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମହୋତ୍ସବର ଉଦ୍‌ଘାଟନ କରିଥିଲେ । ସଭାପତି ଡଃ କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଭୁଗୁଡେଇ ଯୋଗଦେଇ ମହୋତ୍ସବର ସଫଳତା କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମେଜର ଡଃ କଳ୍ପନା ଦାସ, ଉପସଭାପତି ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ । ଅଭିନେତା, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସକାଳେ ମା' ଅମ୍ବିକାଙ୍କ ନିକଟରେ ପୂଜା ଅର୍ଚ୍ଚନା କରି ଏକ ମୋଟର ସାଇକଲ ଓ କାର୍ ରାଲି କରି ସଦସ୍ୟମାନେ ସହର ପରିକ୍ରମା କରି ସହିଦ ଭବନରେ ପହଞ୍ଚିବା ପରେ ମଞ୍ଚ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମନ୍ତ୍ରମୁଗ୍ଧ କଲା ନାଟକ 'ଜାତି ନନ୍ଦିଘୋଷ'



ପ୍ରେକ୍ଷାଳୟ ପୂର୍ଣ୍ଣ ଦର୍ଶକଙ୍କ ଉପସ୍ଥିତିରେ ଭବାନୀପାଟଣାର ସ୍ମାରକୀ ନାଟ୍ୟ ସଂସ୍ଥା ଦ୍ୱାରା 'ଜାତି ନନ୍ଦିଘୋଷ' ନାଟକ ମଞ୍ଚସ୍ଥ ହୋଇଥିଲା । ସାମ୍ପ୍ରତିକ ପରିସ୍ଥିତିରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଶାର ସଂସ୍କୃତି ପରମ୍ପରା ବଞ୍ଚି ରହିଥିଲେ ହେଁ ଓଡ଼ିଆ ଭାଷାର ମାନ ନିମ୍ନଗାମୀ ହେବାରେ ଲାଗିଛି । ସେହି ସ୍ଥଳରେ ଓଡ଼ିଆ ଭାଷାର ଉତ୍ଥାନ ପାଇଁ ପ୍ରୟାସ ହିଁ ନାଟକର ବିଷୟବସ୍ତୁ ଓ କଳାକାରମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଓ ଶଙ୍କର ତ୍ରିପାଠୀଙ୍କ ରଚିତ ତଥା ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ନାଟକରେ ପ୍ରବୋଧ ରଥ, ମାନୁ ପଟ୍ଟନାୟକ, ଯାମିନୀକାନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ସୁନିଲ ପଟ୍ଟନାୟକ, ରାଜେଶ ମହାନ୍ତି, ଦେବେନ୍ଦ୍ର ସୁନ୍ଦରାୟ, ସାଇ ସ୍ୱରୂପ, ସିଦ୍ଧାନ୍ତ, ଦୀପାଞ୍ଜଳି ମହାନ୍ତି ଓ କାଜଲ ଅଭିନୟ କରିଥିଲେ ଓ ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର, ଆଲୋକ ସଜ୍ଜାରେ ବିକାଶ ପ୍ରଧାନ, ରୂପସଜ୍ଜାରେ ମାମା, ମଞ୍ଚସଜ୍ଜାରେ ସଞ୍ଜୟ ସାହା ଶବ୍ଦ ସୁରସଂଗୀତ, କରଞ୍ଜିଆ, ପ୍ରଚ୍ଛଦପଟରେ ଅମିତ କୁମାର ସାହୁ ସହାୟତା ପ୍ରଦାନ କରିଥିଲେ । ବର୍ଣ୍ଣରୂପା ମହାନ୍ତିଙ୍କ ନିର୍ଦ୍ଦେଶନାରେ ହରିହର କଳା ମନ୍ଦିରର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ସନ୍ଧ୍ୟାରେ ପ୍ରଥମ ନାଟକ ସ୍ରଷ୍ଟା, ବାଲେଶ୍ୱର 'ନଷ୍ଟ ନାଟକର ନାଟ୍ୟକାର' ଓ ଦ୍ୱିତୀୟ ନାଟକ କୋରାପୁଟର 'ରେମୋ' ମଞ୍ଚସ୍ଥ ହୋଇଥିଲା ।





# କୋରାପୁଟ କଫି ପିଇ ପ୍ରଶଂସା କଲେ ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି କୋରାପୁଟ ଜିଲ୍ଲା ଗସ୍ତରେ ଆସି ସୋମବାର ପହଞ୍ଚିଛନ୍ତି। ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜୟପୁର ବିମାନ ବନ୍ଦରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ, ଏସପି ରୋହିତ ବର୍ମା, ଉପ ଜିଲ୍ଲାପାଳ ଜୟପୁର ଆକ୍କାଭରମ ଶଶ୍ୟା ରେଡ୍ଡି ଉପସ୍ଥିତ ରହିଥିଲେ। ପରେ କୋରାପୁଟ କଫି ବୋର୍ଡ଼ରେ ପହଞ୍ଚି କଫି ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱ ଦରବାରରେ କୋରାପୁଟ କଫି ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଥିବା ବେଳେ କୋରାପୁଟ ଜିଲ୍ଲାରେ ୯୦ ପ୍ରତିଶତ ଅଞ୍ଚଳରେ କଫି ଚାଷ ହେଉଛି। କୋରାପୁଟ ଜିଲ୍ଲାରେ କଫି ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ଆଦିବାସୀ ଚାଷୀ। ଆଗକୁ କୋରାପୁଟ କଫି ବଜାରକୁ କିଭଳି ବ୍ୟାପକ କରାଯିବ ସେନେଇ ଅଧିକାରୀ ମାନଙ୍କ ଆଲୋଚନା କରିଥିଲେ। କୋରାପୁଟ କଫି ବୋର୍ଡ଼



ପରିସରରେ ରେ ବୁଲି କଫି ଗଛ ଦେଖିବା ସହ କୋରାପୁଟ କଫି ପିଇଥିଲେ ଏବଂ ସ୍ୱାଦର ପ୍ରଶଂସା କରିଥିଲେ ରାଜ୍ୟପାଳ। ପରେ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଦାମନଯୋଡି ନାଲକୋ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ନାଲକୋ ନବରତ୍ନରୁ ମହାରତ୍ନରେ ରୁପାନ୍ତରିତ ହେବାକୁ ପ୍ରସ୍ତୁତି ହେଉଥିବା ବେଳେ ଏହାର ସ୍ଥିତି ପଚାରି ବୁଝିବା ସହ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ପଚାରି ବୁଝିଥିଲେ। ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷେଜ ମହାବିଦ୍ୟାଳୟର ଅଧିକାରୀ ମାନଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି ସମ୍ପର୍କ ରେ ପଚାରି ବୁଝିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲା ସହିଦ୍ ଲକ୍ଷ୍ମଣ ନାୟକ ଭେଷେଜ ମହାବିଦ୍ୟାଳୟ ଉପରେ ନିର୍ଭରଶୀଳ ଥିବା ବେଳେ ଏହାର ଭିତିଭୂମି ସୁଦୃଢ଼ ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ରଖିବାର ଆବଶ୍ୟକତା ଥିବା କହିଛନ୍ତି ମହାମହିମ ରାଜ୍ୟପାଳ। ପରେ କୋଟସ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ। ସିଡ ରାଣୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ଓ ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକାଙ୍କ ସହ ଆଲୋଚନା କରିଥିଲେ ଏବଂ ଏଥି ସହ ମୁଦ୍ରା ହିତାଧୀକାରୀ ଏବଂ ଭାରତୀୟ ରେଡକ୍ରସ ସୋସାଇଟିର ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟାରେ ରାଜ୍ୟପାଳ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ପୁଜାର୍ଚ୍ଚନା କରିବା ପରେ ବେଢ଼ା ପରିକ୍ରମା କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କଫି ବୋର୍ଡର ବରିଷ୍ଠ ସମ୍ପର୍କ ଅଧିକାରୀ ଉପେନ୍ଦ୍ର କୁମାର ସାହା,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।





ଭୁବନେଶ୍ୱର : ବିଜେଡିର ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ଶକ୍ତିପ୍ରଦର୍ଶନ। (ଫଟୋ : ସମ୍ବାଦ କଳିକା)

# ଟାଇମ୍ସ ବିଜିନେସ୍ ଆୱାର୍ଡରେ ସୋଆ ଏବଂ ଆଇଟିଇଆର ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ଏବଂ ଶିକ୍ଷ କ୍ଷେତ୍ର ନିମନ୍ତେ ପ୍ରସ୍ତୁତିକୁ ନେଇ 'ପୂର୍ବ ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟ' ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ନିକଟରେ ପାଟନା ଠାରେ ଆୟୋଜିତ ଟାଇମ୍ସ ବିଜିନେସ୍ ଆୱାର୍ଡ୍ସ ୨୦୨୫ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ସୋଆକୁ 'ଇଷ୍ଟର୍ଣ୍ଣ ଇଣ୍ଡିଆଜ୍ ପ୍ରିମିୟର ୟୁନିଭର୍ସିଟି ଫର ରିସର୍ଚ୍ଚ ଏକ୍ସିଲେନ୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ରେଡିନେସ୍' ଭାବେ ସମ୍ମାନିତ କରାଯାଇଥିଲା। ଉଦ୍‌ଭାବନ, ଶୈକ୍ଷିକ ଉତ୍କର୍ଷତା ଏବଂ ଶିକ୍ଷ ଭିତିକ





ଶିକ୍ଷାକୁ ନେଇ ସୋଆର କାର୍ଯ୍ୟଧାରା ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି ବୋଲି ଟାଇମ୍ସ ବିଜିନେସ୍ ଆୱାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏଥି ସହିତ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)କୁ ମଧ ଏହି କାର୍ଯ୍ୟକ୍ରମରେ ପୂର୍ବ ଭାରତର ୧ ନମ୍ବର ଇନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଯୁବପିଢ଼ିଙ୍କ ଦକ୍ଷତାକୁ ପ୍ରତିପାଦିତ କରିବା, ଗବେଷଣାକୁ ଗୁରୁତ୍ୱ ଦେବା ସହ ଶିକ୍ଷ କ୍ଷେତ୍ର ନିମନ୍ତେ ଇନିୟରମାନଙ୍କୁ ପ୍ରସ୍ତୁତ କରୁଥିବା ବେଳେ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଆଇଟିଇଆରର ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ପ୍ରତିପାଦନ କରିପାରିଥିବା ପରିପ୍ରେକ୍ଷୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୋଆ ପକ୍ଷରୁ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀଙ୍କ ଠାରୁ ଏହି ଦୁଇଟି ସମ୍ମାନ ଗ୍ରହଣ କରିଥିଲେ।

## ପ୍ଲାନେଟୋରିଅମ ପାଚେରୀ ଭୁଶୁଡିପଡିବା ଘଟଣା

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ନିର୍ମାଣ ନିର୍ଦ୍ଦେଶ ଦେଲେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମର ପାଚେରୀ ଭୁଷୁଡିବା ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଟିମ ଦ୍ୱାରା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଘଟଣା ଘଟିବା ବାବଦରେ ସେ ପଚାରି ବୁଝିବା ସହିତ ଭାଙ୍ଗିଥିବା ପ୍ରାଚୀରର ଅଂଶକୁ ତୁରନ୍ତ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରବିବାର ଲଗାଣ ବର୍ଷାରେ ପ୍ଲାନେଟୋରିଅମର ଦକ୍ଷିଣ ପାର୍ଶ୍ୱ ସୁରକ୍ଷା ପ୍ରାଚୀରର କିଛି ଅଂଶ ଭାଙ୍ଗି ଯାଇଥିଲା । ଏ ନେଇ ସ୍ଥାନୀୟ ବାସିନ୍ଦା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମନ୍ତ୍ରୀ ଶ୍ରୀ ପାତ୍ର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଉକ୍ତ ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି, ଶ୍ରୀମତୀ ପୂଜା ମିଶ୍ର, ବିତ୍ତ ପରାମର୍ଶଦାତା ଶ୍ରୀମତୀ ବିଦ୍ୟୁତ ପ୍ରଭା ରାଉତ, ସୁନାରାମ ମୁର୍ମୁ, ଉପସଚିବ ଶ୍ରୀମତୀ ଉର୍ମିପ୍ରଭା ମହାରଣା, ଶ୍ରୀ ଶୁଭ୍ରାଂଶୁ ଶେଖର ମିଶ୍ର, ଉପ ନିର୍ଦ୍ଦେଶକ ଶଶିକାନ୍ତ ଦାଶ, ଉପସଚିବ ପଙ୍କଜ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।

# ଏମ୍ସରେ ମେଡିକାଲ ଅକ୍ସିଜେନ ପରିଚାଳନା ସମ୍ପର୍କିତ ପ୍ରଥମ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ମେଡିକାଲ୍ ଅକ୍ସିଜେନ୍ର ସଫଳ ପରିଚାଳନା ତଥା ରୋଗୀ ସେବାରେ ଏହାର ସଫଳ ପ୍ରୟୋଗକୁ ଉନ୍ନତ କରିବା ନିମନ୍ତେ, ଏମ୍ସ ଭୁବନେଶ୍ୱର, ହସ୍ପିଟାଲ ପ୍ରଶାସନ ବିଭାଗ ପକ୍ଷରୁ ମେଡିକାଲ ଅକ୍ସିଜେନ ପରିଚାଳନା ଉପରେ ଏକ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଶିକ୍ଷକମାନଙ୍କ ତାଲିମ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ପ୍ରକୋଷ୍ଠ ଏବଂ ହସ୍ପିଟାଲ ପ୍ରଶାସନ ବିଭାଗ, ଏମ୍ସ ନୂଆଦିଲ୍ଲୀର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। ସାରା ଦେଶରେ ମେଡିକାଲ ଅକ୍ସିଜେନ ପରିଚାଳନାକୁ ବ୍ୟବସ୍ଥିତ କରିବାରେ ଏହା ପ୍ରଥମ ପଦକ୍ଷେପ ଭାବେ ବିବେଚିତ ହେଉଛି। ଏହି କାର୍ଯ୍ୟକ୍ରମକୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଉଦ୍ଘାଟନ କରିଥିଲେ। କୋଭିଡ୍-୧୯ ମହାମାରୀରୁ ମିଳିଥିବା ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଉପରେ ଆଲୋକପାତ କରିବା



ସହିତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ମେଡିକାଲ୍ ଗ୍ୟାସ୍ର ଗୁଣବତା, ସୁରକ୍ଷା ଏବଂ ବ୍ୟବସ୍ଥିତ ଉପଯୋଗ ସୁନିଶ୍ଚିତ କରିବା ପାଇଁ ଅକ୍ସିଜେନ ପରିଚାଳନା ଏବଂ ବହୁମୁଖୀ ସେବାରେ ବ୍ୟାପକ ତାଲିମର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଡ. ବିଶ୍ୱାସ। ଏହାକୁ ସୁନିଶ୍ଚିତ କରିବା ପାଇଁ ଅକ୍ସିଜେନ୍ ଷ୍ଟିୱାର୍ଡଶିପ ଏବଂ ମାନିଫୋଲ୍ଡ ସେବାରେ ବ୍ୟାପକ ତାଲିମର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ।
ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର ଡିନ୍ ଡ. ପି ଆର ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର, ଏମ୍ସ ନୂଆଦିଲ୍ଲୀ ମେଡିକାଲ୍ ଅଧୀକ୍ଷକ ଡ. ନିରୁପମ ମଦନ, ହସ୍ପିଟାଲ୍ ପ୍ରଶାସନ ବିଭାଗ ଅତିରିକ୍ତ ପ୍ରଫେସର ଡ. ବିଜୟଦୀପ ସିଦ୍ଧାର୍ଥ, ଏବଂ ପ୍ରୋଜେକ୍ଟ ଲିଡ୍ ତଥା ଏମ୍ସ ଭୁବନେଶ୍ୱର ହସ୍ପିଟାଲ୍ ପ୍ରଶାସନ ବିଭାଗୀୟ ମୁଖ୍ୟ ଡ. ଜବାହାର ଏସ୍.କେ. ପିଲ୍ଲାଇ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ଭି. ହେକାଲି ଝିମୋମି ଭିଡିଓ ବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରି ଏହି କ୍ଷେତ୍ରରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅକ୍ସିଜେନ ପିଏମୟୁ, ସ୍ୱାସ୍ଥ୍ୟ ସୁରକ୍ଷା ମନ୍ତ୍ରଣାଳୟର ବୈଷୟିକ ବିଶେଷଜ୍ଞ ଭାରତ ଭୂଷଣ ଦାହିଆ ମଧ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ତାଲିମରେ ହସ୍ପିଟାଲ ଆଡମିନିଷ୍ଟ୍ରେସନ, ଶିଶୁ ଚିକିତ୍ସା, ନିଓନାଟୋଲୋଜି ଏବଂ ଟ୍ରମା ଓ ଜରୁରୀକାଳୀନ ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞମାନେ ଅଂଶଗ୍ରହଣକାରୀଙ୍କୁ ମେଡିକାଲ ଗ୍ୟାସ ସିଷ୍ଟମର ଯୋଜନା ଓ ଡିଜାଇନ, ନିୟନ୍ତ୍ରଣ ଫ୍ରେମୱାର୍କ ଏବଂ ଅକ୍ସିଜେନ୍ ଇକୋସିଷ୍ଟମ ବିକାଶ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହା ସହିତ ପ୍ରାକ୍ଟିକାଲ ସ୍କିଲ ଟ୍ରେନିଂରେ ବୟସ୍କ, ଶିଶୁ ଏବଂ ନବଜାତକଙ୍କ ପାଇଁ ଅକ୍ସିଜେନ୍ ପରିଚାଳନା ସହିତ ଭେଣ୍ଟିଲେଟର ବ୍ୟବହାର ଉପରେ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଆସାମ, ଆଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜର ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ସମେତ ଏମ୍ସ ଭୁବନେଶ୍ୱର, ଏମ୍ସ ଦେଓଘର, ଏମ୍ସ ରାୟପୁର, ଏମ୍ସ ପାଟଣା ଏବଂ ଏମ୍ସ ଗୌହାଟୀ ଆଦିରୁ ୭୪ ଜଣ ପ୍ରତିନିଧି ସାମିଲ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେପାଳ ହିଂସାରେ...

ବିକ୍ଷୋଭକାରୀଙ୍କୁ ଦମନ କରିବାକୁ ପୁଲିସ ଓ ସେନା ପକ୍ଷରୁ ଗୁଳି ମାଡ଼ କରାଯାଇଛି। ଏଥିରେ ୨୦ ଜଣ ବିକ୍ଷୋଭକାରୀ ପ୍ରାଣ ହରାଇବାରୁ ଅସନ୍ତୋଷର ନିଆଁ ଆହୁରି ବ୍ୟାପକ ହୋଇଛି। ସୋଶାଲ ମିଡିଆ ବ୍ୟାନ ବିରୋଧରେ ନେପାଳ ସରକାର ବିରୋଧୀ ସ୍ୱରକୁ ଜେନ ଜେଡ ପକ୍ଷରୁ ଶାଣିତ କରାଯାଇଛି। ହଜାର ହଜାର ଜେନ ଜେଡ ସୋମବାର କାଠମାଣ୍ଡୁରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ପୂରା ଦେଶ ଅଶାନ୍ତ ହୋଇ ଉଠିଛି। ପୋଡ଼ାଜଳା ସାଙ୍ଗକୁ ଭଙ୍ଗା ରୁଜା ସ୍ଥିତିକୁ ଅସ୍ଥିର କରିଛି। ଏବେ ୨୫୦ରୁ ଅଧିକ ଯୁବକଯୁବତୀ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ସବୁ ଭିତରେ ନେପାଳର ଗୃହ ମନ୍ତ୍ରୀ ରମେଶ ଲେଖାକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବିକ୍ଷୋଭ ବେଳେ ୨୦ ଜଣ ଶିକ୍ଷାର୍ଥୀଙ୍କ ଜୀବନ ଯାଇଥିବାରୁ ଏହାର ନୈତିକ ଦାୟିତ୍ୱ ସେ ଗୃହମନ୍ତ୍ରୀ ଭାବେ ନେଇଛନ୍ତି। ଏଥିଯୋଗୁ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ନିଜର ଇସ୍ତଫାପତ୍ରକୁ ସେ ପ୍ରଧାନମନ୍ତ୍ରୀ କେପି ଓଲି ଶର୍ମା ଓ ନେପାଳର ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ଦେଇଥିବା ଜଣାପଡ଼ିଛି।

### ଆଜି ଉପରାଷ୍ଟ୍ରପତି ...

ନିର୍ବାଚନରେ କ୍ରସ ଭୋଟିଂ ମଧ ହୋଇଥାଏ। ପୂର୍ବରୁ ଅନେକ ଥର ଏହା ଦେଖିବାକୁ ମିଳିଛି। ଏନଡିରେ ନ ରହି ମଧ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡୀଙ୍କ ୱାଇଏସ୍ ଆର କଂଗ୍ରେସ ଓ ବିଆରଏସ୍ ସାଂସଦମାନେ ବିଜେପିକୁ ସମର୍ଥନ କରିଛନ୍ତି। ୨୦୨୨ରେ ଜଗଦୀପ ଧନଖଡ଼ ଦୀର୍ଘ ୩ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ବିଜୟ ଉପରାଷ୍ଟ୍ରପତି ନିର୍ବାଚନରେ ହାସଲ କରିଥିଲେ। ଓଡ଼ିଶାର ବିଜେଡି ଓ ଆନ୍ଧ୍ରର ୱାଇଏସ୍ଆର କଂଗ୍ରେସ ମଧ ତାଙ୍କୁ ସମର୍ଥନ କରିଥିଲା। ପ୍ରାୟ ୭୫% ସାଂସଦଙ୍କ ସମର୍ଥନ ଧନଖଡ଼ ପାଇଥିଲେ। ଅନେକ ସାଂସଦ ଦଳ ଲାଇନରୁ ବାହାରକୁ ଯାଇ କ୍ରସ ଭୋଟିଂ କରିଥିଲେ। ଏଥର ମଧ କ୍ରସ ଭୋଟିଂର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟସଭାରେ ୨୩୯ ଓ ଲୋକସଭାରେ ୫୪୨ ଜଣ ସାଂସଦ ରହିଛନ୍ତି। ଏମାନେ ସମସ୍ତେ ମଙ୍ଗଳବାର ଉପ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇପାରିବେ। କିନ୍ତୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ଓ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ବିଆରଏସ୍ ଭୋଟ ଦାନରୁ ଦୂରେଇ ରହିବେ ବୋଲି ଘୋଷଣା କରିଛନ୍ତି। ତେଣୁ ଏବେ ଉଭୟ ସଦନରେ ସାଂସଦଙ୍କ ସଂଖ୍ୟା ୭୭୦କୁ ଖସି ଆସିଛି। ଏହାର ଅର୍ଥ ନିର୍ବାଚନ ଜିତିବାକୁ ୩୮୬ ସାଂସଦଙ୍କ ଭୋଟ ଦରକାର। ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ଏବେ ମୋଟ ୪୨୫ ଜଣ ସାଂସଦ ରହିଛନ୍ତି। ତେଣୁ ବିଜେପି ପ୍ରାର୍ଥୀ ତଥା ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଦେଶର ଉପରାଷ୍ଟ୍ରପତି ହେବା ନିଶ୍ଚିତ। ତଥାପି ଶାସକ ଦଳ ଜଗନଙ୍କ ୱାଇଏସ୍ଆର କଂଗ୍ରେସର ସମର୍ଥନ ହାସଲ କରିପାରେ। ରାଜ୍ୟସଭାରେ ଦଳର ୭ ଜଣ ଓ ଲୋକସଭାରେ ୪ ଜଣ ସଦସ୍ୟ ରହିଛନ୍ତି। ଯଦି ୱାଇଏସ୍ଆର କଂଗ୍ରେସ ପକ୍ଷରୁ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରାଯାଏ, ତା'ହେଲେ ବିଆରଏସ୍ ଓ ବିଜେଡି ବାଦ ମଧ ଏନଡିଏର ସାଂସଦଙ୍କ ସଂଖ୍ୟା ୪୩୬ରେ ପହଞ୍ଚିବ। ଏହାବାଦ ବି ଏନଡିଏର ସମର୍ଥନ ବଢ଼ିପାରେ। ସ୍ୱାତୀ ମାଲିୱାଲ ହେଉଛନ୍ତି ଆମ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ। କିନ୍ତୁ ଦଳ ସହ ସାଂସଦଙ୍କ ସମ୍ପର୍କ ବିଗିଡ଼ି ଯାଇଛି। ଗତବର୍ଷ ସେ ଦଳର ମୁଖିଆ ଅରବିନ୍ଦ କେଜ୍ରିୱାଲଙ୍କ ସହଯୋଗୀଙ୍କ ବିରୋଧରେ ମାଡ଼ ମାରିବାର ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଆପ ସହ ମାଲିୱାଲଙ୍କ ପଡୁନାହିଁ। ତେଣୁ ମଙ୍ଗଳବାର ସେ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ଲୋକସଭାରେ ଥିବା ୭ ସ୍ୱାଧୀନ ସାଂସଦଙ୍କ ଭୂମିକା ଉପରେ ମଧ ନଜର ରହିବ। ସେହିପରି ଅକାଳୀ ଦଳ ଓ ଜେଡପିଏମ(ମିଜୋରାମ)ର ମଧ ଜଣେ ଲେଖାଏ ସାଂସଦ ରହିଛନ୍ତି। ଯଦି ଏହି ସବୁ ଭୋଟ ରାଧାକ୍ରିଷ୍ଣନଙ୍କ ସପକ୍ଷରେ ଯାଏ, ତା'ହେଲେ ବିଜେପି ପ୍ରାର୍ଥୀଙ୍କ ଭୋଟ ୪୫୮ରେ ପହଞ୍ଚିଯିବ। ତଥାପି ଏହା ୩ ବର୍ଷ ତଳେ ଧନଖଡ଼ ହାସଲ କରିଥିବା ୫୨୮ଟି ଭୋଟରୁ କମ। ସିପି ରାଧାକ୍ରିଷ୍ଣନଙ୍କୁ କାଉଣ୍ଟର କରିବା ଲାଗି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ଚୟନ କରିଛି। ତେବେ ଉଭୟ ଗୃହରେ ବିରୋଧୀ ମେଣ୍ଟର ମୋଟ ସାଂସଦଙ୍କ ସଂଖ୍ୟା ୩୨୪। ତେଣୁ ଚଳିତ ନିର୍ବାଚନରେ କଡ଼ା ଟକ୍କର ଦେଖିବାକୁ ମିଳିବ। କାରଣ ୨୦୨୨ ଅପେକ୍ଷା ଏଥର ବିରୋଧୀଙ୍କ ପାଖରେ ଅଧିକ ସାଂସଦ ରହିଛନ୍ତି। ହେଲେ ଏହା ବିଜୟ ପାଇଁ ଯଥେଷ୍ଟ ନୁହେଁ। ଯଦି ସମସ୍ତ ବିରୋଧୀ ସାଂସଦ ମଙ୍ଗଳବାର ଜଷ୍ଟିସ ରେଡ୍ଡୀଙ୍କ ସପକ୍ଷରେ ଭୋଟ କରିବେ, ତଥାପି ସେ ୧୦୦ ଓ ୧୩୫ ଭୋଟ ପଛରେ ରହିବେ। ବିଆରଏସ, ବିଜେଡି, ସ୍ୱାତୀ ମାଲିୱାଲ, ସମସ୍ତ ସ୍ୱାଧୀନ ସାଂସଦ, ଅକାଳୀ ଦଳ ଓ ଜେଡପିଏମ(ମିଜୋରାମ) ର ସାଂସଦମାନେ ଯଦି ବି ଜଷ୍ଟିସ ରେଡ୍ଡୀଙ୍କୁ ସମର୍ଥନ କରିବେ, ତଥାପି ସେ ଉପ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ଆବଶ୍ୟକ ସଂଖ୍ୟା ହାସଲ କରିପାରିବେ ନାହିଁ। ଏସବୁ ସତ୍ତ୍ୱେ ଇଣ୍ଡିଆ ବ୍ଲକ ନିର୍ବାଚନ ଜିତିବା ଠାରୁ ୭୦ ଖଣ୍ଡ ଭୋଟ ପଛରେ ରହିବ।

### ବିଜେପି ସାଂସଦଙ୍କ...

ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶାରୁ ନିର୍ବାଚିତ ବିଜେପି ସାଂସଦମାନେ ମଧ ବୈଠକରେ ଉପସ୍ଥିତ ରହିଥିଲେ। ମଙ୍ଗଳବାର ଉପରାଷ୍ଟ୍ରପତି ନିର୍ବାଚନ ହେଉଥିବାରୁ ଏହା ଉପରେ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି।

### ମତଦାନରୁ ବିରତ ...

ରଖିଛି। ଏଣୁ ଦଳ ସଭାପତି ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି।
ଓଡ଼ିଶାରେ ଲୋକସଭାର ୨୦ ସାଂସଦ ବିଜେପିର ରହିଛନ୍ତି। ତେଣୁ ଓଡ଼ିଶାରୁ ଏନଡିଏ ପ୍ରାର୍ଥୀ ଭୋଟ୍ ପାଇବାରେ ଅସୁବିଧା ନାହିଁ। ତେବେ ରାଜ୍ୟସଭାରେ ଏବେ ବି ବିଜେଡିର ସଂଖ୍ୟା ଅଧିକ। ବିଜେଡିର ୭ ଓ ବିଜେପିର ୩ ସଦସ୍ୟ ଅଛନ୍ତି। ଏନଡିଏ ପ୍ରାର୍ଥୀଙ୍କୁ ଜିତିବା ପାଇଁ ବିଜେଡିର ସମର୍ଥନ ସେତେଟା ଗୁରୁତ୍ୱ ରଖୁନି। ତା' ସତ୍ତ୍ୱେ ଏନଡିଏ ପକ୍ଷରୁ ବିଜେଡିର ସମର୍ଥନ ଲୋଡ଼ାଯାଇଛି। ଅଧିକ ସଂଖ୍ୟାରେ ଭୋଟ୍‌ରେ ଏନଡ଼ିଏ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଜେପି ରାଷ୍ଟ୍ରୀୟ ନେତୃତ୍ୱ ଲାଗି ପଡ଼ିଛନ୍ତି।

### ବାଣୀବିହାରରୁ ବିଦା ...

ଅଣ ଛାତ୍ରଙ୍କୁ ବାହାର କରାଯାଉ। ଏଥିପାଇଁ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଣ ଛାତ୍ର ଯେମିତି ନ ରହିବେ । ଆବାହମାନ କାଳରୁ ସେମାନେ ରହି ଆସୁଥିଲେ । ବିଶ୍ୱ ବିଦ୍ୟାଳୟ ରାଙ୍କିଙ୍ଗ କମୁଥିଲା । ପୋଲିସ ବ୍ୟବସ୍ଥା କରାଯାଇଛି, ୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି । ଯେଉଁମାନେ ଛାତ୍ର ନାହାନ୍ତି ସେମାନଙ୍କ ବି ଦାୟିତ୍ୱ ରହିଛି, ସମସ୍ତଙ୍କ ସହଯୋଗ ରହିବ । ମୁଁ ସମସ୍ତଙ୍କୁ ଅପିଲ କରୁଛି ଯେଉଁମାନେ ଅଣ ଛାତ୍ର ସେମାନେ ତୁରନ୍ତ କ୍ୟାମ୍ପସ ଛାଡ଼ି ଦିଅନ୍ତୁ। ଶିକ୍ଷାନୂକୁଳ ବାତାବରଣ କେମିତି ତିଆରି ହେବ ସେନେଇ ସମସ୍ତେ ଚେଷ୍ଟା କରିବେ। ହଷ୍ଟେଲ ଫାଙ୍କା ସହ ହଷ୍ଟେଲକୁ ସିଲ୍ କରାଯିବ। ତାପରେ ମରାମତି କରି ଛାତ୍ର ମାନଙ୍କୁ ଦିଆଯିବ । ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ଅଣଛାତ୍ରଙ୍କୁ ବିତାଡିତ କରାଯିବାକୁ ଏବିଭିପି ସ୍ୱାଗତ କରିଛି। ରାଜ୍ୟ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଏବିଭିପିର ଦୀର୍ଘ ଦିନର ଆନ୍ଦୋଳନ ସଫଳ ହୋଇଛି। ଦୀର୍ଘ ଦିନରୁ ବେଆଇନ୍ ଭାବେ ରହି ଆସୁଥିବା ଅଣଛାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିତାଡିତ ହୋଇଛନ୍ତି। ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ।

### ନୂଆପଡା ବିଧାୟକ...

ନିର୍ମାଣ ଯୋଗୁ ଲୋକମାନେ ଯାତାୟତାରେ ଉପକୃତ ହେଉଛନ୍ତି । ନୂଆପଡା ଭଳି ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ବିକାଶ କରିଥିଲେ ରାଜେନ୍ଦ୍ର ଢୋଲକିଆ । ଏହାସହ ବିଧାୟକ ପ୍ରତିବର୍ଷ ଗରିବ ପରିବାରର ପିଲାମାନଙ୍କୁ ସାମୁହିକ ବିବାହର ଆୟୋଜନ କରି ଅନେକ ଖ୍ୟାତି ଅର୍ଜନ କରିଥିଲେ । ନିଜ ନିର୍ବାଚନମଣ୍ଡଳୀରେ ବିକାଶର ଧାରା ବଜାୟ ରଖିବା ପରେ ନବୀନ ରାଜେନ୍ଦ୍ରଙ୍କୁ ନୂଆପଡା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ତାଙ୍କୁ ସ୍ଥାନ ଦେଇଥିଲେ । ନବୀନଙ୍କ ମନ୍ତ୍ରିମଣ୍ଡଳରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ୨୦୨୪ ନିର୍ବାଚନରେ ନୂଆପଡା ଆସନରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସହ କଡା ଟକ୍କର ସତ୍ତ୍ୱେ ବିଜୟୀ ହୋଇଥିଲେ ରାଜେନ୍ଦ୍ର ଢୋଲକିଆ । ଘାସିରାମଙ୍କୁ ସେ ୧୦ହଜାର ୮୮୧ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ ।

**ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତରେ ରାଜ୍ୟପାଳଙ୍କ ଶୋକ**

ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ଖବର ଶୁଣି ଦୁଃଖପ୍ରକାଶ କରିଛନ୍ତି ମହାମହିମ ରାଜ୍ୟପାଳ ହରିବାବୁ କୁମ୍ଭମପାଟି। ଶ୍ରୀ ଢୋଲକିଆଙ୍କ ଅସମୟର ସ୍ୱର୍ଗବାସ ପାଇଁ ରାଜ୍ୟପାଳ ଶୋକସନ୍ତପ୍ତ ପରିବାର ବର୍ଗ ଓ ନୂଆପଡ଼ାବାସୀଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ବିଧାୟକଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜୁ ଜନତା ଦଳର ବରିଷ୍ଠ ରାଜନେତା, ନୂଆପଡ଼ାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ନବୀନ କହିଛନ୍ତି ଯେ, ଦଳର ସଙ୍ଗଠନକୁ ମଜଭୁତ କରିବା ସହ ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସେ ସବୁବେଳେ ଆଗରେ ଥିଲେ। ତାଙ୍କ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ଜନସେବାରେ ତାଙ୍କର କାର୍ଯ୍ୟ ସବୁବେଳେ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

### ଟିକ୍‌ଟକ୍ ଉପରେ...

ଓ ଭୋଡାଫୋନ ଭଳି କିଛି ବ୍ରଡବ୍ୟାଣ୍ଡ ଓ ମୋବାଇଲ ନେଟୱାର୍କରେ କ୍ଷଣିକ ପାଇଁ ଉପଲବ୍ଧ ହୋଇଥିଲା, ଯାହା ପରେ ସୋସିଆଲ ମିଡିଆରେ ଏହାର ପ୍ରତ୍ୟେବର୍ତ୍ତନ ସମ୍ଭାବନା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଅଧିକାରୀମାନେ ଏହାକୁ ଖାରଜ କରିଛନ୍ତି। ଟିକ୍‌ଟକ୍‌କୁ ୨୦୨୦ ଜୁନରେ ଜାତୀୟ ସୁରକ୍ଷା ଓ ଡାଟା ଗୋପନୀୟତା ଚିନ୍ତାକୁ ନେଇ ଭାରତରେ ପ୍ରଥମେ ବ୍ୟାନ କରାଯାଇଥିଲା। ଏହା ସହିତ ୫୯ଟି ଚାଇନା ଆପ୍ ଉପରେ କେନ୍ଦ୍ର ସରକାର ରୋକ ଲଗାଇଥିଲେ। ପରେ ଆପଲ ଓ ଗୁଗଲ ନିଜ ଆପ ଷ୍ଟୋରରୁ ଏହି ଆପଗୁଡ଼ିକୁ ହଟାଇଥିଲେ ଏବଂ ୨୦୨୧ ଜାନୁଆରୀରେ ଏହି ନିଷେଧାଜ୍ଞା ସ୍ଥାୟୀ କରାଯାଇଥିଲା। ସେତେବେଳେ ଭାରତ ଥିଲା ଟିକଟକର ସବୁଠାରୁ ବଡ଼ ବ୍ୟବହାରକାରୀ ବେସ୍, ଯେଉଁଠାରେ ୨୦୦ ନିୟୁତରୁ ଅଧିକ ଲୋକ ଏହା ବ୍ୟବହାର କରୁଥିଲେ।

### ଏସଆଇଆରକୁ ନେଇ...

ବିଚାରପତି କହିଥିଲେ ଯେ, ଆମେ କୌଣସି ଅବୈଧ ପ୍ରବାସୀଙ୍କୁ ଅନୁମତି ଦେବା ଲାଗି କହୁନାହୁଁ। ଆମେ ଜାଣିଛୁ ଯେ, ଆଧାର ପରିଚୟର ପ୍ରମାଣ। ଏହା ଦ୍ୱାଦଶ କାଗଜପତ୍ର ହେଲେ ସମସ୍ୟା କ'ଣ ?

### ପାର୍ବଣ ଋତୁରେ ...

ଆଉ ୩୫% ନଗଦ ଦେବେ। ୬୨% ସହରୀ ପରିବାର ନିଜର ଆର୍ଥିକ ସ୍ଥିତି ନେଇ ଆଶାବାଦୀ ରହିଛନ୍ତି, ଯାହା ଜିଏସଟି ହ୍ରାସ, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଓ ସ୍ଥିର ସୁଧ ହାର ଯୋଗୁଁ ସମ୍ଭବ ହୋଇଛି। ତେବେ, ଯୋଗାଣ ଶୃଙ୍ଖଳ ବାଧା ଓ ଅଣ-ଜିଏସଟି ଜିନିଷରେ ମୁଦ୍ରାସ୍ଫୀତି ଏହାର ଲାଭକୁ ପ୍ରଭାବିତ କରିପାରେ ବୋଲି ରିପୋର୍ଟ ଚେତାବନୀ ଦେଇଛି। ଏହି ପାର୍ବଣ ଋତୁ ଭାରତୀୟ ଅର୍ଥନୀତିକୁ ଏକ ବଡ଼ ଉତ୍ସାହ ଦେବ ବୋଲି ଆଶା କରାଯାଉଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଦିଆଯାଇଥିବା ଦାୟିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଛି। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।
ଏହି ପ୍ରସ୍ତୁତି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା,ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ସଂପୃକ୍ତ ତୀର୍ଥଯାତ୍ରୀମାନେ ସେପ୍ଟେମ୍ବର ୯ ତାରିଖରେ ସେମାନଙ୍କ ଜିଲ୍ଲାରୁ ବାହାରି ଭୁବନେଶ୍ୱରରେ ପହଂଚିବେ। ସେମାନଙ୍କ ନିମନ୍ତେ ଭୁବନେଶ୍ୱରର ୫ଟି ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣି ସ୍ଥଳର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ କ୍ୟାପିଟାଲ ହାଇସ୍କୁଲ, ୟୁନିଟ ୯ ବାଳିକା ଏବଂ ବାଳକ ଉଚ୍ଚ ବିଦ୍ୟାଳୟ, ଭାରତ ସ୍କାଉଟ୍ସ ଓ ଗାଇଡ଼ସ, ଭୀମ ଭୋଇ ଦୃଷ୍ଟିହୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ରହଣି ସ୍ଥଳରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଯାଞ୍ଚ, ଖାଦ୍ୟ,ପାନୀୟ, ଶୌଚାଳୟ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏତଦବ୍ୟତୀତ ପ୍ରତ୍ୟେକ କେନ୍ଦ୍ରରେ ସନ୍ଧ୍ୟା ସମୟରେ ପ୍ରବଚନ କାର୍ଯ୍ୟକ୍ରମର ମଧ ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ସୂଚାରୁ ରୂପେ ନିଜ କର୍ତବ୍ୟ ପାଳନ କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।
ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ପର୍ଯ୍ୟଟନ ସହନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକ, ଖୋର୍ଦ୍ଧା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମୀରା ବେହେରା, ପୁଲିସ, ଅଗ୍ନିଶମ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୀରବ ପ୍ରାର୍ଥନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ନୂଆପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ଖବର ଆସିବା ପରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ଶଙ୍ଖ ଭବନ ପରିସରରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦଳର ଶତାଧିକ ଛାତ୍ର ଓ ଯୁବ କର୍ମୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ଦିବଙ୍ଗତ ରାଜେନ୍ଦ୍ର ଢୋଲକିଆ ୨୦୦୪, ୨୦୦୯, ୨୦୧୯, ୨୦୨୪ ନିର୍ବାଚନରେ ନୂଆପଡାରୁ ବିଧାୟକ ନିର୍ବାଚିତ ହୋଇଥିଲେ । ତାଙ୍କର ବିୟୋଗ, ବିଜୁ ଜନତା ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠ ନେତାମାନେ କହିଛନ୍ତି।

E-mail : rwdmohana@gmail.com
GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON MOHANA
O-692
NATIONAL COMPETITIVE BIDDING THROUGH e-Procurement
Identification No. Online Tender 03/MOHANA/2025-26
1. Name of the work : Building works
2. Total No. Work : 23 (Twenty Three) Nos.
3. Estimated Cost : 1.68 Lakhs to 8.40 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 03/MOHANA/ 2025-26 | 23 (Twenty Three) Nos. | 10.09.2025 from 11.00 | 19.09.2025 upto 5.00 PM | 17.09.2025 upto 5.00 PM | 20.09.2025 at 11.00 AM |

Further details can be seen from the Website www.tenderodisha.gov.in
Sd/- Executive Engineer
R.W.Division, Mohana
OIPR-25148/11/0041/2526

ଭୁବନେଶ୍ୱର
୦୯ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୫
RNI Regd. No. : 52640/94
Postal Regd. No. : BN/60/25-27

## ଅଭିଜିତ ମଜୁମଦାର ଅସୁସ୍ଥ : ବାଲୁକା କଳାରେ ସୁସ୍ଥତା କାମନା କଲେ ସୁଦର୍ଶନ

**ପୁରୀ, ୮/୯ ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଅସୁସ୍ଥ ହୋଇଛନ୍ତି। ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅଭିଜିତଙ୍କ ସୁସ୍ଥତା କାମନା କରିଛନ୍ତି। ସେ ବାଲୁକା କଳା ମାଧ୍ୟମରେ ସୁଦର୍ଶନ ପଟ୍ଟନାୟକ ମହାପ୍ରଭୁଙ୍କ ନିକଟରେ ତାଙ୍କ ସୁସ୍ଥତା ପାଇଁ ପ୍ରାର୍ଥନା କରିଛନ୍ତି। ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକା ଚିତ୍ର ଆଙ୍କିଛନ୍ତି । ଏହି ବାଲୁକାଚିତ୍ରରେ ସେ ଲେଖିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆଶୁ ଆରୋଗ୍ୟ ପ୍ରାର୍ଥନା କରୁଛୁ ।" ଏହା ସହ ସେ କହିଛନ୍ତି, ''ଲୋକପ୍ରିୟ ସଙ୍ଗୀତଜ୍ଞ ଅଭିଜିତ ମଜୁମଦାର ଯିଏ ଘରେ ଘରେ ପରିଚିତ, ତାଙ୍କ ଅସୁସ୍ଥତା ଆମକୁ





କଷ୍ଟ ଦେଇଛି। ତାଙ୍କ ଫ୍ୟାନ୍ସ ସମେତ ସମସ୍ତ ଓଡ଼ିଶାବାସୀ ତାଙ୍କ ସୁସ୍ଥତା ପାଇଁ ପ୍ରାର୍ଥନା କରୁଛନ୍ତି। ଯଥାଶୀଘ୍ର ସେ ସୁସ୍ଥ ହୋଇ ଫେରନ୍ତୁ ଏବଂ ତାଙ୍କ ସଙ୍ଗୀତ ଯାତ୍ରା ଜାରି ରଖନ୍ତୁ । ଆମେ ମଧ୍ୟ ବାଲୁକା କଳା ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତାଙ୍କୁ ଶୀଘ୍ର ସୁସ୍ଥ କରନ୍ତୁ । ସେ ଶୀଘ୍ର ଆରୋଗ୍ୟ ହୋଇ କୋଟି କୋଟି ଶ୍ରୋତାଙ୍କ ନିକଟରେ ପୁଣି ନିଜ ସଙ୍ଗୀତ ଜାରି ରଖନ୍ତୁ ।''

## ଶ୍ରୀମନ୍ଦିର ରୋଷଶାଳାରେ ଜାଳେଣି କାଠ ନିଅଣ୍ଟ

**ପୁରୀ, ୮/୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତି ପାଇଁ ଜାଳେଣି କାଠର ଘୋର ଅଭାବ ଦୀର୍ଘ ଦିନ ହେବ ଲାଗି ରହିଛି। ଯାହାଫଳରେ ଆଗାମୀ ଦିନରେ ମହାପ୍ରସାଦ ପ୍ରସ୍ତୁତିରେ ବଡ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହୁଛି । ତୁରନ୍ତ ଏହି ସମସ୍ୟାର ସମାଧାନ ଦାବି କରିଛି ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ । ଏନେଇ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମହାପ୍ରସାଦ ପ୍ରସ୍ତୁତି ପାଇଁ ଜାଳେଣି କାଠକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ଶୀଘ୍ର ସମାଧାନ ପାଇଁ ଦାବି କରିଛି ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ। ଆଗକୁ କାର୍ତ୍ତିକ ମାସ ରହିଛି । ଶ୍ରୀମନ୍ଦିରକୁ ଅଧିକ ଭକ୍ତଙ୍କ ଆଗମନ ହେବ। ସେହିପରି ହଜାର ହଜାର ହବିଷ୍ୟାଳି ମଧ୍ୟ ଶ୍ରୀକ୍ଷେତ୍ରରେ ଆସି ଏକ ମାସ ଧରି କାର୍ତ୍ତିକ ବ୍ରତ ପାଳନ କରିବେ। ଏଣୁ ଭକ୍ତଙ୍କ ଚାହିଦାକୁ ଦେଖିଲେ କାର୍ତ୍ତିକ ମାସରେ ସାଧାରଣ ଦିନ ଅପେକ୍ଷା ଅଧିକ ମହାପ୍ରସାଦ ପ୍ରସ୍ତୁତି ହେବ। ସେହିପରି କିଛି ସ୍ୱତନ୍ତ୍ର ଦିବସ ତଥା ପର୍ବ ପର୍ବାଣୀରେ ଅଧିକ ମହାପ୍ରସାଦର ଚାହିଦା ରହିଛି। ଏଣୁ ଜାଳେଣି କାଠ ସଙ୍କଟ ରହିଲେ ଭକ୍ତଙ୍କ ଚାହିଦା ଅନୁଯାୟୀ ମହାପ୍ରସାଦ ପ୍ରସ୍ତୁତି ହୋଇପାରିବନି । ଭକ୍ତମାନେ



ମହାପ୍ରସାଦ ପାଇଁ ବହୁତ୍ ସମସ୍ୟା ଭୋଗିବେ। ଏଣୁ ଯଥାଶୀଘ୍ର ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଶ୍ରୀମନ୍ଦିରରେ ସୃଷ୍ଟି ହୋଇଥିବା ଜାଳେଣି କାଠ ସମସ୍ୟା ସମାଧାନ କରନ୍ତୁ ବୋଲି ଦାବି କରିଛି ସୁଆର ମହାସୁଆର ନିଯୋଗ । ଏନେଇ ସୁଆର ମହାସୁଆର ନିଯୋଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ କାଠ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏକ ବର୍ଷ ଇତି ମଧ୍ୟରେ ହୋଇଯାଇଥିଲେ ମଧ୍ୟ କିଛି ବି ପଦକ୍ଷେପ ନିଆଯାଇନଥିବା ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ଅଭିଯୋଗ କରିଛି । ଏଣୁ ଜାଳେଣି କାଠ ସମସ୍ୟା ସମାଧାନ ନ ହେଲେ ଆଗାମୀ କାର୍ତ୍ତିକ ମାସରେ ଅଧିକ ମହାପ୍ରସାଦ ଆମେ ପ୍ରସ୍ତୁତ କରିବୁ ନାହିଁ ବୋଲି ସୁଆର ମହାସୁଆର ନିଯୋଗ ଚେତାବନୀ ଦେଇଛି। ସେପଟେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ନିଜ ପ୍ରତିକ୍ରିୟା ରଖି କହିଛନ୍ତି, 'ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗକୁ ଡିଏଫଓଙ୍କ ତତ୍ତ୍ୱାବଧାନରେ ଓଏଫଡିସି କାଠ ଯୋଗାଇ ଆସୁଛି। ତେବେ କାଠ କିଭଳି ସୁରୁଖୁରୁରେ ଯୋଗାଣ ହୋଇ ପାରିବ ସେନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲ୍ଲାପାଳ ବନ ବିଭାଗ ସହ ସବୁବେଳେ ଯୋଗାଯୋଗରେ ରହିଛନ୍ତି । ତେବେ ଭକ୍ତଙ୍କ ପାଇଁ ପ୍ରସ୍ତୁତ ହେଉଥିବା ବରାଦୀ ଭୋଗ ପ୍ରସ୍ତୁତି ପାଇଁ ଜାଳେଣି କାଠର ସମସ୍ୟା ଥିବା ସୁଆର ମହାସୁଆର ନିଯୋଗ ଦାବି କରିଆସୁଛି । ବରାଦି ଅବଢ଼ା ପ୍ରସ୍ତୁତି ପାଇଁ ଯେଉଁ କାଠ ଆସିଥାଏ, ତାହା ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ କିଣି ଥାଆନ୍ତି । ତେବେ ଦୈନିକ ମହାପ୍ରଭୁଙ୍କ କୋଠ ଭୋଗ ପ୍ରସ୍ତୁତି ପାଇଁ ଆବଶ୍ୟକ ଜାଳେଣି କାଠ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଥାଏ । ତେବେ ବରାଦି ଭୋଗ ପ୍ରସ୍ତୁତି ପାଇଁ ଯେଉଁ କାଠ ସମସ୍ୟା ରହୁଛି, ତାହାର ସମାଧାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବନ ବିଭାଗକୁ ଚିଠି ଲେଖାଯିବ। କାଠ ସମସ୍ୟା ଯେଭଳି ଆଗାମୀ ଦିନରେ ନ ରୁହେ ସେ ନେଇ ପଦକ୍ଷେପ ନିଆଯିବା ବୋଲି ସେ କହିଛନ୍ତି।

# ଅନଧିକୃତ ନିର୍ମାଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୮/୯ ନ୍ୟୁଜ ବ୍ୟୁରୋ**

ଅନଧିକୃତ ଓ ଅବୈଧ ନିର୍ମାଣକୁ ରୋକିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଜାରି କରିଛି। ସୁପ୍ରିମକୋର୍ଟଙ୍କ ପ୍ରକାଶିତ ଏକ ରାୟକୁ ଆଧାର କରି ଏହି ନିର୍ଦ୍ଦେଶନାମା ଜାରି ହୋଇଛି, ଅନୁମୋଦିତ ବିଲ୍ଡିଂ ପ୍ଲାନ ବିନା ନିର୍ମାଣ କାର୍ଯ୍ୟକୁ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଣିକି କୋଠାବାଡି ପ୍ଲାନ୍ ଅନୁମୋଦନ ପୂର୍ବରୁ ବିଲ୍ଡର୍ସ କିମ୍ବା ବ୍ୟକ୍ତିଗତଙ୍କଠାରୁ ଅକୁପେସନ ସାର୍ଟିଫିକେଟ୍ (ଓସି) ଦେବା ସଂକ୍ରାନ୍ତରେ ଅଣ୍ଡରଟେକିଂ ରଖାଯିବା ବାଧ୍ୟତାମୂଳକ। ଏହାସହିତ ନିର୍ମାଣାଧୀନ ସ୍ଥାନରେ ଅନୁମୋଦିତ ଯୋଜନା ତଥା ନିର୍ମାଣ ନକ୍ସା ବିଲଡର୍ସ ପ୍ରଦର୍ଶନ କରିବେ। ନିର୍ମାଣ ସମାପ୍ତି/ ଅଧିଗ୍ରହଣ ପ୍ରମାଣପତ୍ର କେବଳ ପରିଦର୍ଶନ ପରେ ପ୍ରାଧିକରଣ ଦ୍ୱାରା



ଜାରି କରିବେ। ଯଦି ଏକ୍ଷେତ୍ରରେ କୌଣସି ତ୍ରୁଟି ବିଚ୍ୟୁତି ଦେଖାଯାଏ, ତେବେ ତାହା ସଂଶୋଧନ ନ ହେବା ପର୍ଯ୍ୟନ୍ତ ସମାପ୍ତି/ଅଧିଗ୍ରହଣ ପ୍ରମାଣପତ୍ର ସ୍ଥଗିତ ରହିବ । ଏହି ବିଜ୍ଞପ୍ତି ଅନୁଯାୟୀ, ନିର୍ମାଣ କାର୍ଯ୍ୟ ଓଡ଼ିଶା ଡେଭଲପମେଣ୍ଟ ଅଥରିଟି ଆଇନ, ୧୯୮୨ ଏବଂ ଓଡ଼ିଶା ଟାଉନ ପ୍ଲାନିଂ ଓ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ଆଇନ, ୧୯୫୬ ଅନୁଯାୟୀ କଡ଼ାକଡ଼ି ପାଳନ କରାଯିବ। ଏହା ସହିତ, ନିର୍ମାଣ ସ୍ଥଳରେ ଅନୁମୋଦିତ ବିଲ୍ଡିଂ ପ୍ଲାନର ଏକ ନକଲ ପ୍ରଦର୍ଶନ କରିବା, ଅନଧିକୃତ ନିର୍ମାଣ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦର୍ଶାଇଛନ୍ତି ଯେ, ଏସଂକ୍ରାନ୍ତରେ ସୁପ୍ରିମକୋର୍ଟ ଦୃଢ଼ ନିର୍ଦ୍ଦେଶ ଜାରି କରିଛନ୍ତି। ଯାହାଦ୍ୱାରା କି ଆଗାମୀ ଦିନରେ ବେଆଇନ ଭାବେ ନିର୍ମାଣ ତଥା ବିନା ଅନୁମୋଦନରେ ହେଉଥିବା କୋଠାବାଡ଼ିକୁ ପ୍ରତିହତ କରିପାରିବ। ସେ ଉଲ୍ଲେଖ କରିଛନ୍ତି ଯେ, ବେଆଇନ କୋଠାବାଡ଼ି ନିର୍ମାଣ ଯୋଗୁଁ ଅନେକ ସମୟରେ ସାଧାରଣ ଲୋକେ ସମସ୍ୟାରେ ପଡୁଛନ୍ତି। ସେହିପରି ବିଦ୍ୟୁତ୍, ପାଣି ନିଷ୍କାସନ (ଡ୍ରେନେଜ୍) ସଂଯୋଗ କେବଳ 'ଓସି ' ପରେ ହିଁ ପ୍ରଦାନ କରାଯିବା ବାଧ୍ୟତାମୂଳକ। ଯଦି ଓସି ପରେ ଏହି ସବୁ କ୍ଷେତ୍ରରେ ତ୍ରୁଟି ବିଚ୍ୟୁତି ଦେଖାଯାଏ ତେବେ ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ପ୍ରମୁଖ ସଚିବ ବିଜ୍ଞପ୍ତିରେ ଦର୍ଶାଇଛନ୍ତି। ସେହିପରି କୌଣସି ଅନଧିକୃତ ନିର୍ମାଣରେ ବ୍ୟାପାର ଲାଇସେନ୍ସ କିମ୍ବା ବ୍ୟବସାୟ/ବାଣିଜ୍ୟ ପାଇଁ ଅନୁମତି ଦିଆଯିବ ନାହିଁ। ଯେକୌଣସି ଉନ୍ନୟନ ଜୋନାଲ ଯୋଜନା ଅନୁଯାୟୀ ହେବା ଆବଶ୍ୟକ। ଅନ୍ୟ ବିଭାଗଗୁଡ଼ିକ ଅନଧିକୃତ ନିର୍ମାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିଷୟରେ ଯୋଜନା ବିଭାଗକୁ (ଅନୁରୋଧ କଲେ) ତୁରନ୍ତ ସହାୟତା ପ୍ରଦାନ କରିବେ । ଯଦି ଏପରି ସହଯୋଗ ପ୍ରଦାନ ନ କରାଯାଏ, ତେବେ ରାଜ୍ୟ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିପରି ଏସଂକ୍ରାନ୍ତୀୟ ଆବେଦନଗୁଡ଼ିକ ୯୦ ଦିନ ମଧ୍ୟରେ ନିଷ୍ପତ୍ତି ହେବା ଆବଶ୍ୟକ। ଏନେଇ ରାଜ୍ୟ ସରକାରଙ୍କୁ ସର୍କୁଲାର ଜାରି କରିବାକୁ ହେବ, ଯେଉଁଥିରେ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୂର୍ବ ନିର୍ଦ୍ଦେଶ ଏବଂ ଏହି ଆଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଏହା ପାଳନ ନ କଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବ୍ୟାଙ୍କଗୁଡ଼ିକ କେବଳ ଓସି ଥିବା ନିର୍ମାଣକୁ ବନ୍ଧକ (ସିକ୍ୟୁରିଟି) ପାଇଁ ଗ୍ରହଣ କରିପାରିବେ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କୁହାଯାଇଛି ।

## ଜିଏସ୍‌ଟି ସଂସ୍କାରରେ ଓଡ଼ିଶାକୁ ୧୮,୭୫୧ କୋଟି ମିଳିବ ଲାଭ : ଏସ୍‌ବିଆଇ




**ଭୁବନେଶ୍ୱର, ୮/୯ ନ୍ୟୁଜ ବ୍ୟୁରୋ**

ଜିଏସ୍‌ଟି ସଂସ୍କାର ଦ୍ୱାରା ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ ନାହିଁ, ବରଂ ଲାଭବାନ ହେବେ। ସେମାନେ ପୂର୍ବରୁ ଯେତିକି ରାଜସ୍ୱ ପାଉଥିଲେ, ତା'ଠାରୁ ଅଧିକ ସଂଗ୍ରହ କରିବେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏଭଳି ଦାବି କରାଯାଇଛି। ଏସ୍‌ବିଆଇ ଇକୋରାପ୍ ରିପୋର୍ଟ କହୁଛି ଯେ ଜିଏସ୍‌ଟି ସଂସ୍କାର ଦ୍ୱାରା ଓଡ଼ିଶାକୁ ୧୮,୭୫୧ କୋଟି ଟଙ୍କା ଲାଭ ମିଳିବ। ୨୦୨୫-୨୬ରେ ଓଡ଼ିଶା ୨୬,୫୫୨ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ସଂସ୍କାର ପ୍ରଭାବରେ ସେହି ରାଶି ୪୫,୩୦୨ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ରିପୋର୍ଟ ଦାବି କରିଛି। କେବଳ ଓଡ଼ିଶା ନୁହେଁ, ଦେଶର ଅନ୍ୟ ସବୁ ରାଜ୍ୟ ମଧ୍ୟ ଜିଏସ୍‌ଟି ସଂସ୍କାର ଦ୍ୱାରା ଉପକୃତ ହେବେ। ଉତ୍ତରପ୍ରଦେଶକୁ ସର୍ବାଧିକ ୭୪,୨୭୮ କୋଟି ଟଙ୍କା ଏବଂ ବିହାରକୁ ଦ୍ୱିତୀୟ ସର୍ବାଧିକ ୪୧,୬୫୧ କୋଟି ଟଙ୍କା ଲାଭ ମିଳିବ ବୋଲି ଆକଳନ କରାଯାଇଛି। ଜିଏସ୍‌ଟି ହାର ହ୍ରାସ ପାଇବା ସତ୍ତ୍ୱେ କାହିଁକି ରାଜ୍ୟଗୁଡ଼ିକ କ୍ଷତି ସହିବେ ନାହିଁ, ତାହାର କାରଣରେ ଷ୍ଟେଟ୍ ବ୍ୟାଙ୍କ ଜଣାଇଛି ଯେ ସଂଗୃହୀତ ରାଜସ୍ୱକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସମାନ ଭାବେ ବାଣ୍ଟି ନେଉଛନ୍ତି। ଦ୍ୱିତୀୟତଃ ଅର୍ଥ ଆୟୋଗଙ୍କ ସୁପାରିସ୍‌କ୍ରମେ କେନ୍ଦ୍ରୀୟ ଟିକସରୁ ରାଜ୍ୟଗୁଡ଼ିକ ୪୧ ପ୍ରତିଶତ ରାଶି ପାଉଛନ୍ତି। ସେହି ହିସାବ ଅନୁସାରେ, ପ୍ରତି ୧୦୦ ଟଙ୍କାର ଜିଏସ୍‌ଟିରୁ ରାଜ୍ୟଗୁଡ଼ିକ ୭୦ ଟଙ୍କା ୫୦ ପଇସା ପାଉଥିବା ରିପୋର୍ଟ କହୁଛି। ପ୍ରକାଶିତ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ ୨୦୨୫-୨୬ରେ ରାଜ୍ୟଗୁଡ଼ିକ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ଭାବେ ଅତିକମ୍‌ରେ ୧୦ ଲକ୍ଷ କୋଟି ଟଙ୍କା ପାଇବେ। ଏହା ବ୍ୟତୀତ କେନ୍ଦ୍ରୀୟ ଟିକସରେ ନିଜର ଭାଗ ବାବଦରେ ୪.୧ ଲକ୍ଷ କୋଟି ଟଙ୍କା ପାଇବେ। ଯଦି ପ୍ରଭାବୀ ଜିଏସ୍‌ଟି ହାର ୯.୫ ପ୍ରତିଶତ ହେବ, ତେବେ ରାଜସ୍ୱ ସଂଗ୍ରହ ୫୨ ହଜାର କୋଟି ଟଙ୍କା ବଢ଼ିବ। ୫୦:୫୦ ଅନୁପାତରେ ଟିକସ ଭାଗବଣ୍ଟା ହେଲେ ରାଜ୍ୟମାନଙ୍କୁ ଅଧିକ ୨୬ ହଜାର କୋଟି ଟଙ୍କା ଓ କେନ୍ଦ୍ରକୁ ୨୬ହଜାର କୋଟି ଟଙ୍କା ମିଳିବ। ଷ୍ଟେଟ୍ ବ୍ୟାଙ୍କ ଏହା ମଧ୍ୟ ଜଣାଇଛି ଯେ ଅତୀତରେ ୨୦୧୮ ଜୁଲାଇ ଓ ୨୦୧୯ ଅକ୍ଟୋବରରେ ଜିଏସ୍‌ଟିରେ ସରଳୀକରଣ କରାଯାଇଥିବା ବେଳେ ରାଜ୍ୟଗୁଡ଼ିକର ରାଜସ୍ୱହାନି ହୋଇନଥିଲା। ତେବେ ରିପୋର୍ଟରେ ଏହା ସ୍ପଷ୍ଟ କରାଯାଇଛି ଯେ ଟିକସ ହ୍ରାସର ପରବର୍ତ୍ତୀ କିଛି ମାସ ଅଳ୍ପ କିଛିଟା ପ୍ରଭାବ ପଡ଼ିପାରେ। ଯଦି ମାସିକ ସଂଗ୍ରହ ୩-୪ ପ୍ରତିଶତ ହ୍ରାସ ପାଇବ ତେବେ ରାଜ୍ୟଗୁଡ଼ିକ ମାସକୁ ୫୦୦୦ କୋଟି ଟଙ୍କା ହିସାବରେ ବର୍ଷକୁ ୬୦ ହଜାର କୋଟି ଟଙ୍କା ହରାଇବେ। କିନ୍ତୁ ଯେତେବେଳେ ରାଜସ୍ୱ ସଂଗ୍ରହ ୫-୬ ପ୍ରତିଶତ ହାରରେ ବଢ଼ିବ, ସମସ୍ତ କ୍ଷତି ଭରଣା ହୋଇଯିବ। ଉଲ୍ଲେଖଥାଉକି, ୨୦୧୭ ଜୁଲାଇ ୧ରେ ଜିଏସ୍‌ଟି ଲାଗୁ ହେବା ବେଳେ ରାଜ୍ୟଗୁଡ଼ିକ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ଆଇନରେ ବ୍ୟବସ୍ଥା କରାଯାଇଥିଲା। ସେହି ସମୟରେ ରାଜ୍ୟମାନଙ୍କୁ ୯.୧୪ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ ଦିଆଯାଇଛି, ଯାହା ପ୍ରଥମେ କରାଯାଇଥିବା ଆକଳନଠାରୁ ୬୩,୨୬୫ କୋଟି ଟଙ୍କା ଅଧିକ।

## ଆବଶ୍ୟକ ପଡିଲେ ଦିଲ୍ଲୀ ଏମ୍ସକୁ ଅଭିଜିତଙ୍କୁ ନିଆଯିବ : ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ୮/୯ ନ୍ୟୁଜ ବ୍ୟୁରୋ**


ଓଡ଼ିଆ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଅସୁସ୍ଥ ହୋଇଛନ୍ତି। ସୂଚନା ଅନୁସାରେ, ଲିଭର ଜନିତ ସମସ୍ୟା ଯୋଗୁଁ ଅସୁସ୍ଥ ହୋଇଥିବାରୁ ଅଭିଜିତଙ୍କୁ ପ୍ରଥମେ କଟକର ଏକ ଘରୋଇ ହସ୍ପିଟାଲରେ ପରେ ଏମ୍ସରେ ଭର୍ତ୍ତି କରାଯାଇଛି । ତେବେ ସେ ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ବେଳେ ଫ୍ୟାନ୍ସ ସମେତ ସେଲିବ୍ରିଟି ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଏପରିକି ଅନେକ କଳାକାର ସମେତ ନେତା, ମନ୍ତ୍ରୀ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏମ୍ସରେ ପହଞ୍ଚି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଏହି ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, "ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍‌ଙ୍କ ସହ ଆଲୋଚନା କରିଛି । ଧିରେ ଧିରେ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି। ପ୍ରୋଟୋକଲ ଅନୁଯାୟୀ ଚିକିତ୍ସା ଚାଲିଛି। ଅନ୍ତରୀଣ ଅଙ୍ଗ ସବୁ ଠିକ ଅଛି । କଥାବାର୍ତ୍ତା ତ ହେଉନାହାନ୍ତି ହେଲେ ଶୀଘ୍ର ସୁସ୍ଥତା ପାଇଁ ସରକାର ଓ ଡାକ୍ତରୀ ଦଳଙ୍କ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି । ଆବଶ୍ୟକ ପଡିଲେ ଦିଲ୍ଲୀ ଏମ୍ସକୁ ଅଭିଜିତଙ୍କୁ ନିଆଯିବ। ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ଆରୋଗ୍ୟ ପାଇଁ କାର୍ଯ୍ୟ କରିବେ । ସମସ୍ତ ଚିକିତ୍ସା କରିବାର ବ୍ୟବସ୍ଥା ସରକାର ବହନ କରିବେ । ସୋମବାର ଏମ୍ସ ନିର୍ଦ୍ଦେଶକ ଏବଂ ଡାକ୍ତରୀ ଟିମ୍‌ଙ୍କ ସହ କଥା ହୋଇଛନ୍ତି । ତାପରେ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ।' ଅଭିଜିତ ମଜୁମଦାର ଜଣେ ଗାୟକ ଓ ସଙ୍ଗୀତ ନିର୍ଦ୍ଦେଶକ । ସେ ଅନେକ ଆଲବମ, ସିରିଏଲ ଓ ଫିଲ୍ମ ପାଇଁ ଗୀତ ଗାଇବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ସେ ପ୍ରଥମେ ସମ୍ବଲପୁରୀ ଗୀତରେ କାମ କରିବା ଆରମ୍ଭ କରିଥିଲେ ଏବଂ ପରେ ସେ ଓଡ଼ିଆ ଫିଲ୍ମ ପାଇଁ କାମ କରିଥିଲେ । ସେ ମୋଟ ୭୦୦ରୁ ଅଧିକ ଗୀତ ନିର୍ମାଣ କରିଛନ୍ତି । ତୋର କଞ୍ଚା ହଳଦୀ, ତୋ ରିବନ ଫିତା, ତୋ ହୃଦୟ କିଛି କହିଲା, ଏ ରଙ୍ଗବତୀ, ଯୋଉ ଝିଅର ଅଣ୍ଟା, ବୟସ ତୋ କସମସ, ନାଲି ଆମ୍ବ ଭଳି ଅନେକ ହିଟ୍ ଗୀତ ଗାଇ ଅଭିଜିତ୍ ଲୋକଙ୍କ ମନ ଜିତିଛନ୍ତି ।

## ପାର୍ବଣ ପୂର୍ବରୁ ପୁଲିସ ସ୍କାନ୍‌ରରେ ପେଶାଦାର ଅପରାଧୀ

### ବିଏନ୍‌ଏସ୍‌ଏସ୍ ୧୨୯ ପାଇଁ ୧୩୨ଜଣଙ୍କ ନାଁ ତାଲିକାଭୁକ୍ତ

**କଟକ,୦୮/୦୯ ନ୍ୟୁଜ ବ୍ୟୁରୋ**

ପାର୍ବଣକୁ ଶାନ୍ତିଶୃଙ୍ଖଳାର ସହିତ ଶେଷ କରିବା ପାଇଁ କଟକ ପୁଲିସ ଏବେ ଅଣ୍ଟା ଭିଡ଼ିଛି। ପୂଜାରେ ଯେପରି ପେଶାଦାର ଅପରାଧୀ କୌଣସି ପ୍ରକାର ବିଶୃଙ୍ଖଳା କରିନପାରନ୍ତି ସେଥିପାଇଁ ପୁଲିସ ସଜାଗ ହୋଇଛି। ଦଶହରା ପୂର୍ବରୁ ସେମାନଙ୍କୁ ଜେଲ୍‌ର ଚାରିକାନ୍ଥ ଭିତରେ ରଖିବା ପାଇଁ ଆଇନଗତ ପଦକ୍ଷେପ ନେଉଛି । ଏହି କ୍ରମରେ କଟକ ସହରାଞ୍ଚଳ ପୁଲିସର ୨୩ଟି ଥାନା ପରିସରରେ ରହୁଥିବା ୧୩୨ ଜଣ ପେଶାଦାର ଅପରାଧୀଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୨୯ରେ ଅର୍ଥାତ୍ ପୂର୍ବର (ସିଆରପିସି-୧୧୦) କାର୍ଯ୍ୟାନୁଷ୍ଠାନ ନେବାକୁ ତାଲିକା ପ୍ରସ୍ତୁତ କରାଯାଇଛି । ବିଶେଷକରି ଚୋରି, ଛିନ୍‌ତାଇ, ନିଶା ବେପାରୀ, ବନ୍ଧୁକ ବେପାରୀ, ଦାଦାବଟି ଆଦାୟ କରୁଥିବା ଓ ଚୋରା ମଦ ବେପାର କରୁଥିବା ଦାଗିଙ୍କୁ ଏହି ତାଲିକାରେ ସାମିଲ କରାଯାଇଥିବା କଟକ ପୁଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ପାର୍ବଣ ଋତୁ ଆସିବା ମାତ୍ରେ ଅପରାଧୀମାନେ ଅଧିକ ସକ୍ରିୟ




ହୋଇଥାନ୍ତି। ଚୋରି-ଛିନ୍‌ତାଇ ବଢ଼ିବା ସହିତ ଦାଦାବଟି ଆଦାୟ ଓ ମାରାତ୍ମକ ନିଶା କାରବାର ହଠାତ୍ ବଢ଼ିଯାଏ । ତେଣୁ ପୂଜା ପୂର୍ବରୁ ଗଲା ଦୁଇରୁ ତିନ ଦଶନ୍ଧି ହେବ କଟକ ପୁଲିସ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଆସୁଛି । ଯେଉଁ ଅପରାଧୀଙ୍କଠାରୁ ଅଧିକ ବିପଦ ବା ଆଶଙ୍କା ଥାଏ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଥାନାଓ୍ୱାରୀ ସିଆରପିସିର ୧୧୦ରେ ମାମଲା କରି ଗିରଫଦାରୀ କରାଯାଏ। ଆଉ ଯେଉଁମାନଙ୍କର ପୁରୁଣା ମାମଲାଗୁଡ଼ିକ ଦୀର୍ଘଦିନ ହେବ ପଡ଼ିଥାଏ ସେଗୁଡ଼ିକରେ ମଧ୍ୟ ଓ୍ୱାରେଣ୍ଟ ଗୁଡ଼ିକ କାର୍ଯ୍ୟକାରୀ କରାଯାଏ। ଏହି କ୍ରମରେ କଟକ ପୁଲିସ ଅପରାଧୀଙ୍କର ଏକ ଲମ୍ବା ତାଲିକା ପ୍ରସ୍ତୁତ କରିଛି । ଜୋନ୍-୧ ଅଧିନରେ ଥିବା ଚୌଦ୍ୱାର ଥାନାରେ ୧୦ ଜଣ, ଜଗତପୁରରେ ୯ ଜଣ ଓ ମାଲ୍‌ଗୋଦାମ ଥାନାରେ ୬ ଜଣ ଅପରାଧୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ସେହିପରି ଜୋନ୍-୨ ଅଧିନ ଦରଘାବଜାର ୮, କ୍ୟାଣ୍ଟନମେଣ୍ଟ ୯ ଓ ମଙ୍ଗଳାବାଗ ଥାନାରେ ୮, ଜୋନ୍-୩ ଅଧିନ ଲାଲ୍‌ବାଗ ୮, ମର୍କତନଗର ୫, ସିଡିଏ ଫେଜ୍ ଦୁଇ ୪ ଓ ବିଡ଼ାନାସୀରେ ୬ ଜଣ ପେଶାଦାର ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ ଜୋନ୍-୪ ଅଧିନ ସଦର ଥାନାରେ ୯, ବୟାଳିଶମୌଜା ୪ ଓ ବାରଙ୍ଗ ୯, ଜୋନ୍-୫ ଅଧିନ ସିଆରଆରଆଇ ଥାନାରେ ୩, କନ୍ଦରପୁର ୪ ଓ ଚାଉଳିଆଗଞ୍ଜ ୮ ଏବଂ ଜୋନ୍-୬ ଅଧିନ ମଧୁପାଟଣା ଥାନାରେ ୭, ବାଦାମବାଡ଼ିରେ ୮ ଓ ପୁରୀଘାଟ ଥାନା ଅଞ୍ଚଳର ୭ ଜଣ ଅପରାଧୀଙ୍କ ନାଁ ତାଲିକାଭୁକ୍ତ ହୋଇଛି । ତେବେ ଏହିସବୁ ଅପରାଧୀଙ୍କୁ ୧୨୯ ବିଏନ୍‌ଏସ୍‌ଏସ୍‌ରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ମାତ୍ର ପୁଲିସ ତନାଘନା କରୁଥିବା ଦେଖି କିଛି ଅପରାଧୀ ସହର ବାହାରକୁ ଚାଲିଯାଇଥିବା ବା ଅଣ୍ଡରଗ୍ରାଉଣ୍ଡ୍ ହୋଇଥିବା ଶୁଣିବାକୁ ମିଳୁଛି । ସେହିପରି କିଛି ଅପରାଧୀ ବିଭିନ୍ନ ମାମଲାରେ ଏବେ ଜେଲ୍‌ରେ ଅଛନ୍ତି । ମାତ୍ର ପ୍ରାୟ ସବୁ ତାଲିକାଭୁକ୍ତ ଅପରାଧୀଙ୍କ ନାଁରେ ଏହି ଧାରା ଯୋଡ଼ାଯିବ ବା ବିଏନ୍‌ଏସ୍‌ଏସ୍‌ର ୧୨୯ରେ ନୂଆ ମାମଲା କରାଯିବ ବୋଲି ସୂଚନା ମିଳିଛି। ତେବେ ଗତ କିଛି ବର୍ଷ ହେବ ଲଗାତାର ଭାବେ ଅପରାଧରେ ସଂପୃକ୍ତ ରହି ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ଅପରାଧୀଙ୍କୁ ହିଁ ଏଥିରେ ତାଲିକାଭୁକ୍ତ କରାଯାଇଛି ।

## ବିପୁଳ ଗଞ୍ଜେଇ ଜବତ : ୩ ଗିରଫ

**ସୁବର୍ଣ୍ଣପୁର,୦୮/୦୯ନ୍ୟୁଜ ବ୍ୟୁରୋ**

ବିନିକା ପୁଲିସକୁ ବଡ଼ ସଫଳତା ମିଳିଛି। ଏକ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି ପୁଲିସ। ଡଭଲା ବେଲପଡା ଛକ ନିକଟରୁ ଏକ ବାଇକ୍ ଓ କାର ସହ ଗଞ୍ଜେଇ ଜବତ କରିଛି ପୁଲିସ । ଏଥିରେ ସମ୍ପୃକ୍ତ ଥିବା ଜଣେ ଯୁବତୀଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ମଦୁରେଇ ଜିଲ୍ଲା ସିନାପରି ଗାଁର ଯାସ୍ ଚୌଧୁରୀ (୨୪), ଏତାମରା ଜିଲ୍ଲା ଯୁଦିମୋରା ଗାଁର ସ୍ୱେତା ଯାଦବ (୧୯) ଓ ସମ୍ବଲପୁର ଜିଲ୍ଲା ଛିପିଲିମା ଗାଁର ସ୍ୱାଧୀନ ହରିପାଲ । ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଏକ ନମ୍ବର ବିହୀନ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ପୁଲିସ ଥାନା ସମ୍ମୁଖରେ କାରଟିକୁ ଅଟକାଇ ଥିଲେ। ମାତ୍ର କାର୍‌ଟି ପୁଲିସକୁ ଦେଖି ଦ୍ରୁତ ଗତିରେ ଫେରାର ମାରିଥିଲା । ପୁଲିସ କାର୍‌ର ପିଛା କରିବାରୁ ଅଭିଯୁକ୍ତମାନେ କାର୍ ଛାଡ଼ି ପଳାଉଥିବା ବେଳେ ପୁଲିସ ପିଛା କରି ଜଣେ ଯୁବତୀଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲା । ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ବିନିକା ଅତିରିକ୍ତ ତହସିଲଦାର ଦୟାରାମ ମେହେରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଛି ।

## ସ୍ଥାନାନ୍ତର ହେବ ୪୨ ବର୍ଷର ହୁଣ୍ଡି: ନାଟମଣ୍ଡପରେ ଚାଲିଛି ଜାଗା ଖୋଜା

**ପୁରୀ, ୮/୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ନାଟ ମଣ୍ଡପରେ ସ୍ଥାପନ ହୋଇଥିବା ହୁଣ୍ଡି ସ୍ଥାନାନ୍ତର ହେବ। ଧାଡ଼ି ଦର୍ଶନରେ ଏହା ବାଧା ଉପୁଜାଇବା ଆଶଙ୍କା କରି ଏହାକୁ ହଟାଇବାକୁ ସ୍ଥିର ହୋଇଛି। ଏଥିପାଇଁ ନାଟମଣ୍ଡପରେ ଜାଗା ଖୋଜା ଚାଲିଛି। ଧାଡ଼ି ଦର୍ଶନ ଆରମ୍ଭ ହେଲେ ଭକ୍ତମାନେ ଧାଡ଼ିରେ ବ୍ୟାରିକେଡ୍ ଦେଇ ଯିବେ। ଅର୍ଥାତ୍ ନାଟମଣ୍ଡପରେ ବ୍ୟାରିକେଡ୍ ବ୍ୟତିରେକ ଅନ୍ୟ କୌଣସି ସ୍ଥାନକୁ ଯାଇ ପାରିବେନି ଭକ୍ତ। ସାତପାହାଚ ଦେଇ ପ୍ରବେଶ କରିବେ ଏବଂ ଘଣ୍ଟି କିମ୍ବା ପଣ୍ଡାଦ୍ୱାର ଦେଇ ବାହାରିବେ। ଏପରିକି ଗରୁଡ଼ସ୍ତମ୍ଭକୁ ମଧ୍ୟ ଛୁଇଁ ପାରିବେ ନାହିଁ। ଏଣୁ ଧାଡ଼ିରେ ବ୍ୟାରିକେଡ୍ ଦେଇ ଯିବା ବେଳେ ଭକ୍ତଙ୍କ ହାତ ପାହାନ୍ତାରେ ଯେଭଳି ହୁଣ୍ଡି ରହିବ ତାହା ନିଶ୍ଚିତ ହେବା ଜରୁରି। ନଚେତ୍ ଅନେକ ଭକ୍ତ ମହାପ୍ରଭୁଙ୍କୁ ଦାନ କରିବାରୁ ବଞ୍ଚିତ ହେବେ। ସେଥିପାଇଁ



ଏକ ସ୍ୱତନ୍ତ୍ର ଜାଗା ଖୋଜା ଚାଲିଛି। ଯେଉଁଠି ଏହି ହୁଣ୍ଡି ପ୍ରତ୍ୟେକ ଭକ୍ତଙ୍କ ହାତପାଆନ୍ତାରେ ରହିବ ଏବଂ ସାଧାରଣ ଦର୍ଶନରେ କୌଣସି ବିଶୃଙ୍ଖଳା ହେବ ନାହିଁ। ଉଭୟ ଏଏସ୍‌ଆଇ ଓ ଶ୍ରୀମନ୍ଦିର ପ୍ରଶାସନ ମିଳିତ ଭାବେ ଦୁଇଟି ଜାଗା ଚିହ୍ନଟ କରିଛନ୍ତି। ଏଥିରୁ ଗୋଟିଏ ଜାଗା ସ୍ଥିର କରାଯିବ ବୋଲି ଜଣାପଡ଼ିଛି। ୧୯୮୩ ମସିହାରେ ସ୍ଥାପନ ହୋଇଥିବା ଏହି ହୁଣ୍ଡି ୪୨ ବର୍ଷ ପରେ ପ୍ରଥମ ଥର ପାଇଁ ସ୍ଥାନାନ୍ତର ହେବାକୁ ଯାଉଛି। ହୁଣ୍ଡିରୁ ଅଦ୍ୟାବଧି ପ୍ରାୟ ୯୪ କୋଟି ଟଙ୍କା ସଂଗ୍ରହ ହୋଇଥିବା ବେଳେ ୧୮ କେଜି ସୁନା ପାଇଛି ଶ୍ରୀମନ୍ଦିର ପ୍ରଶାସନ। ୨୦୧୭-୧୮ ଆର୍ଥିକ ବର୍ଷରେ ସର୍ବାଧିକ ୯ କୋଟି ୬୩ ଲକ୍ଷ ଟଙ୍କା ହୁଣ୍ଡିରୁ ଆଦାୟ ହୋଇଥିବା ରେକର୍ଡ ରହିଛି। ସେହିଭଳି ୨୦୦୯-୧୦ ଆର୍ଥିକ ବର୍ଷରେ ୧.୩୯୩ କେଜି ସୁନା ହୁଣ୍ଡିରୁ ମିଳିଥିବା ଦର୍ଶାଯାଇଛି। ତା' ଛଡ଼ା ୨୦୧୦-୧୧ରେ ୧.୨୬୭ କେଜି, ୨୦୧୪-୧୫ରେ ୧.୧୭୪ କେଜି ଓ ୧୯୮୮-୮୯ରେ ୫୫୯ଗ୍ରାମ୍ ସୁନା ହୁଣ୍ଡିରୁ ସଂଗ୍ରହ କରାଯାଇଥିଲା। ୧୮ କେଜି ସୁନାରୁ ୧୪ କେଜି ୫୬୦ ଗ୍ରାମ୍ ଷ୍ଟେଟ୍‌ବ୍ୟାଙ୍କ ଲକରରେ ରହିଛି। ବାକି ୪ କେଜି ମଧ୍ୟରୁ ୨ କେଜିରୁ ଉର୍ଦ୍ଧ୍ୱ ହିସାବ ମିଳୁ ନଥିବା ଅଭିଯୋଗ ହୋଇଛି।

ଏବେ ହୁଣ୍ଡି ସ୍ଥାନାନ୍ତର ହେଲେ ଯଦି ଲୋକଙ୍କ ହାତ ପାଆନ୍ତାରେ ନରୁହେ ତେବେ ଦାନ ପରିମାଣ କମିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଅନ୍‌ଲାଇନ୍‌ରେ ହୁଣ୍ଡିକୁ ଦାନ ବ୍ୟବସ୍ଥା ହୋଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ କହୁଛି। କିନ୍ତୁ ଅନେକ ଭକ୍ତ ଏହି ଜ୍ଞାନକୌଶଳ ସହ ଅଭ୍ୟସ୍ତ ନୁହନ୍ତି। ଅନ୍ୟପଟେ ଅନ୍‌ଲାଇନ୍‌ରେ କେବଳ ଅର୍ଥ ହିଁ ହୁଣ୍ଡିକୁ ଦାନ କରାଯାଇ ପାରିବ, ସୁନାରୁପା ନୁହେଁ। କିନ୍ତୁ ଅନେକ ଭକ୍ତ ମହାପ୍ରଭୁଙ୍କୁ ସୁନା ଦାନ କରିବାକୁ ମାନସିକ କରିଥାନ୍ତି। କାନରୁ ସୁନାଫୁଲ କିମ୍ବା ହାତରୁ ଚୁଡ଼ି ଓହ୍ଲାଇ ହୁଣ୍ଡିରେ ପକାଇବା ନଜିର ରହିଛି। ଏଣୁ ହୁଣ୍ଡିର ସ୍ଥାନ ପରିବର୍ତ୍ତନ ବେଳେ ଏ ସବୁ ଦିଗକୁ ଧ୍ୟାନ ଦେବା ଜରୁରି ବୋଲି ଅଧିକାଂଶ ଭକ୍ତ ମତବ୍ୟକ୍ତ କରିଛନ୍ତି। ଗତ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ପ୍ରଶାସନ ଇ-ହୁଣ୍ଡି ପ୍ରଚଳିତ କରିବାକୁ ଯୋଜନା କରିଥିଲା। କ୍ୟୁଆର କୋଡ୍ ସ୍କାନ୍ କରି ତୁରନ୍ତ ହୁଣ୍ଡିକୁ ଦାନ କରିବା ବ୍ୟବସ୍ଥା ଥିଲା। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏନେଇ ଗଣମାଧ୍ୟମରେ ସୂଚନା ଦେଇଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ଯୋଜନା ମଧ୍ୟ ଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ବ୍ୟାଙ୍କ ସହ ଧାର୍ଯ୍ୟ ଅନୁବନ୍ଧିତ ସମସ୍ୟା ହେବାରୁ ଏହା ସ୍ଥଗିତ ରହିଛି।

**ପ୍ରକାଶ ପାଇବାକୁ ଯାଉଛି...**

**'କଥାକଳିକା'ର ମହାପୂଜା ସଂଖ୍ୟା**
**ସେପ୍ଟେମ୍ବର-୨୦୨୫**




**ବିଶିଷ୍ଟ କଥାକାରଙ୍କର କଥାରେ ସମୃଦ୍ଧ...**

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।
**ସମକାଳର କଥା :** ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, କ୍ଷୀରୋଦ ଦାସ, ଭାସ୍କର ଜେନା, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚାନ୍ଦ, ରଞ୍ଜନ କୁମାର ଦାସ, ସୌରୀନ୍ଦ୍ରି ସାହୁ, ରୁମ୍ ଝୁମ୍ ନାୟକ, ଆଭାସ ବରାଳ, ଶଶିକାନ୍ତ ରାଉତ, ସୋମା ଚାନ୍ଦ, ସୁକାନ୍ତ ଦାସ, ପ୍ରତାପ ବିଶ୍ୱାଳ, ବିଜନବାଳା ପାଟଯୋଷୀ, ସୁଷମା ଦାଶ, ବିଜୟ ଦାଶ, ବିଜୟ ମଲ୍ଲ, ସୁଜାତା ମହାପାତ୍ର, କିରଣ ମିଶ୍ର, ସୁନିତା କର, ଆଶାଲତା ପଣ୍ଡା, ସଂଯୁକ୍ତା ଦାଶ, ବନ୍ଦନା ପଣ୍ଡା, ବିଜୟଲକ୍ଷ୍ମୀ ସାହୁ।
**ଅନ୍ୟ ଭାଷାର କଥା :** କନକ ମଞ୍ଜରୀ ପଟ୍ଟନାୟକ, ରେବାଦାସ ପଟ୍ଟନାୟକ।
**ଯୁବ ମାନସର କଥା :** ଜାକିର ଖାନ୍, ଲିପ୍‌ସା ପଟେଲ, ପ୍ରକାଶ ସାହୁ, ସ୍ରୋତସ୍ୱିନୀ ପରିଡ଼ା, ଶ୍ରୀତମ ବାରିକ।
**ଏବଂ ଶେଷରେ....**
**କଥା ସାଗର :** ଅନୁବାଦ ଉପନ୍ୟାସ : ସୁପ୍ରଭା ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୬୪/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)